REGISTERED No. C. 81

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଖଣ୍ଡ ୩୪ ଗ ।
ସଂ ୪୮ ସଂଖ୍ୟା ।
ତା ୧୨ ଇଂ ମାହେ ଜାନୁଆରୀ ସନ ୧୮୯୯ ମସିହା । ମୁ । ତା ୩୦ ପୌଷ ସନ ୧୩୦୬ ସାଲ ଶନିବାର
ଅଗ୍ରିମ ଟ ୩୧
ପଶ୍ଚାଦ୍ଦେୟ ଟ ୬॥


## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦० ଓ ୧୯୦୧ ଦୁଇପଞ୍ଜିକା ଟ୍ରେନିଂସ୍କୁଲ ଶିକ୍ଷକଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦ ।
ଛୋଟ ଟ ୦୧୬

ମୋଫସଲ ଜନଙ୍କୁ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କମ୍ପା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## ବିଜ୍ଞାପନ ।

### ଅନୁସନ୍ଧାନ
ଓ
### ଟ ୫୦୦ ଙ୍କା ପୁରସ୍କାର ।

ନାମ ଶ୍ରୀ ଶଶୀଭୂଷଣ ବନ୍ଦ୍ୟୋପାଧ୍ୟାୟ, ପିତା ନାମ ୰ଗୋବିନ୍ଦଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ବୟସ ୩୨ ବର୍ଷ । ଗୌରବର୍ଣ୍ଣ, ଖର୍ବ ନୁହନ୍ତି ବା ଦୀର୍ଘ ନୁହନ୍ତି । ଅନୁମାନ ୫॥ ଫୁଟ, ଅତି ସ୍ଥୂଳ ନୁହନ୍ତି ବା ଅତି କୃଶ ନୁହନ୍ତି, କପାଳରେ ଗୋଟିଏ ଧୂସର ବର୍ଣ୍ଣ ଦାଗ ଅଛି, ଦକ୍ଷିଣ ଗଣ୍ଡ ଓଷ୍ଠ ପାର୍ଶ୍ୱରେ ଗୋଟିଏ ଧୂସର ତିଳ ଚିହ୍ନ ଅଛି, ବେଶୀ କଥା କହିବାକୁ ସ୍ନେହ ପାନ୍ତି । ଦୃଷ୍ଟିସ୍ଥାନରେ ଅନେକ ଦିନ ଥିଲେ । ମୁଣ୍ଡବାଳ ଛୋଟ କଟା ପାଚିଲା ଦେଖା । ଦାଢି କାଢ଼ିଁ କ୍ଷୌର ହୁଅନ୍ତି କେବଳ ନଶ ଅଛି । ପିଠିର ବାମଦିଗ କାନ୍ଧ ତଳେ ଗୋଟିଏ ବଥ କଟା ହେବାର ଚିହ୍ନ ଦାଗ ଅଛି, ଧର୍ମର ଚର୍ଚ୍ଚା ବେଶୀ କରନ୍ତି । ମୁଙ୍ଗେରରୁ ଗତ ଜଗଦ୍ଧାତ୍ରୀ ପୂଜା ଦିନ ନିରୁଦ୍ଦେଶ ହୋଇଅଛନ୍ତି । ଯେ ବ୍ୟକ୍ତି ଏହାଙ୍କୁ ଖୋଜି ଆମ୍ଭ ନିକଟରେ ପହଞ୍ଚାଇ ପାରିବ ତାହାଙ୍କୁ ଟ ୫୦୦ ପାଞ୍ଚଶତ ଟଙ୍କା ପୁରସ୍କାର ଦେବୁଁ ।

ଶ୍ରୀ ଭାସ୍କରଭୂଷଣ ବନ୍ଦ୍ୟୋପାଧ୍ୟାୟ ଉକିଲ
ଫେଥକପେଜ । ମୁଙ୍ଗେର ।


ସ୍ୱାମୀ ଧୀରାନନ୍ଦ ସରସ୍ୱତୀ ନାମଧାରୀ ଯେଉଁ ବ୍ୟକ୍ତି ଗୋବର୍ଦ୍ଧନୀ ସଭା ନାମରେ ଏ ନଗରରେ ଚାନ୍ଦା ଆଦାୟ କରି ଥିବାରୁ ଏଠାରେ ବେତବର୍ଷ କାରାଦଣ୍ଡ ପାଇଥିଲେ, ସମ୍ବାଦପତ୍ରରୁ ଅବଗତ ହେଲୁଁ ଯେ ବନାରସରେ ସେ ପୁଣି ଦୁଇବର୍ଷ ଛମାସ କାରାଦଣ୍ଡ ପାଇଅଛନ୍ତି । ସେଠାରେ ମଧ୍ୟ ସେ ଭଦ୍ରଲୋକମାନଙ୍କୁ ପ୍ରତାରଣା କରି ଅନେକ ଟଙ୍କା ସଂଗ୍ରହ କରିଥିଲେ ।

---

ମିଃ ଘଲକ "ଟାଇମ୍ସ ଅଫ୍ ଇଣ୍ଡିଆ" ପତ୍ରର ସ୍ୱତ୍ୱାଧିକାରୀ ଓ ସମ୍ପାଦକ ନାମରେ ଯେଉଁ ମାନହାନି ନାଲିସ କରିଥିଲେ, ତାହା ବୋମ୍ବାଇ ସହରର ଚିଫ୍ ମାଜିଷ୍ଟ୍ରେଟଙ୍କ ନିକଟରେ ଗତ ତାରିଖରେ ଉପସ୍ଥିତ ହୋଇଥିଲା । ଉକ୍ତ ସମ୍ବାଦପତ୍ରର ସ୍ୱତ୍ୱାଧିକାରୀ ଓ ସମ୍ପାଦକ ଦୁହେଁ ଦୋଷ ସ୍ୱୀକାର ପୂର୍ବକ କ୍ଷମା ପ୍ରାର୍ଥନା କରିବାରୁ ମିଃ ଘଲକ ତାହା ଗ୍ରହଣ କଲେ ସୁତରାଂ ମୋକଦ୍ଦମା ଖାରଜ ହୋଇଗଲା ।

---

ମଜଫରପୁରର ଜଣେ ଭଦ୍ରଲୋକ ଡେପୁଟିମାଜିଷ୍ଟ୍ରେଟ ମାନ୍ଦ୍ରାଜ ହାଇକୋର୍ଟରେ ପଞ୍ଚାଶହଜାର ଟଙ୍କା ଦାବିରେ ହିନ୍ଦୁ ନାମକ ସମ୍ବାଦପତ୍ର ନାମରେ ମାନହାନିର କ୍ଷତିପୂରଣ ପାଇବା କାରଣ ନାଲିସ କରିଥିଲେ। ହାଇକୋର୍ଟ ପାଞ୍ଚହଜାର ଟଙ୍କାର ଡିକ୍ରୀ ଦେଇଅଛନ୍ତି । ସହଯୋଗିଙ୍କ ନିମନ୍ତେ ଅମ୍ଭେମାନେ ଦୁଃଖିତ । ଭରସା କରୁଁ ସମ୍ବାଦପତ୍ରମାନେ ଦୁର୍ନାମ ରଟାଇବାର ଦାୟୀତ୍ୱ ଅନୁଭବ କରି ଅତ୍ୟନ୍ତ ସାବଧାନ ହେବେ ।

—:-※-:—

Split by PDF Splitter
Digitized by srujanika@gmail.com

Split by PDF Splitter



ଖ୍ରୀଷ୍ଟିୟାନ ମାନଙ୍କର ବଡ଼ଦିନ ପର୍ବ ଉପଲକ୍ଷେ ଏ ପ୍ରଦେଶର କଲେକ୍ଟରୀ ପ୍ରଭୃତ କଚେରୀମାନ ଆଗାମୀ ଶନିବାରଠାରୁ ନହିଁ ଶୁକ୍ରରୁ ବୁଧବାର ପର୍ଯ୍ୟନ୍ତ ବ * ନ ଏବଂ ଦେବାନୀ ଅଦାଲତମାନ ସେହି ଶନିବାରଠାରୁ ଜାନୁଆରୀ ମସ ତାରିଖ ସୋମବାର ପର୍ଯ୍ୟନ୍ତ ଏ ୧୦ ଦିନ ବନ୍ଦ ହେବ । ଏହି ଦୀର୍ଘ ଅବକାଶରେ ସରକାରୀ କାର୍ଯ୍ୟ ଓ ଆମଲାମାନେ ଭ୍ରମଣ କରିବାର ସୁଯୋଗ ପାଇବେ । ବିଶେଷତଃ ବର୍ତ୍ତମାନ ରେଲ ବାଟ ଫିଟିଅଛି ।

———

ଦୁଃଖର ସହିତ ଅବଗତ ହେଲୁଁ ଯେ ଅନୁଗୁଳର ଡେପୁଟି କମିଶନର ବାବୁ ବଙ୍କିମଚନ୍ଦ୍ର ମଜୁମଦାର ରାୟ ସାହେବ ହାଡ଼ଭଙ୍ଗାଠାରେ ହାତୀରୁ ପଡ଼ିଯାଇ ସଙ୍ଗୀନ ହୋଇଥିଲେ । ଆମ୍ଭମାନଙ୍କର ମାନନୀୟ କମିଶନର ସାହେବ ସନ୍ନିକଟରେ ଥାଇ ସମ୍ବାଦ ପାଇବାମାତ୍ରେ ଇଣ୍ଡି-ମାସ୍ଟରଙ୍କ ନିକଟକୁ ଯାଇ ତାଙ୍କୁ ଶୁଶ୍ରୂଷା କରି ସନ୍ତୁଷ୍ଟ କରାଇଥିଲେ । ଇଣ୍ଡିମାସ୍ଟର ବାବୁ ଗୋଡ଼-ରେ ବିଶେଷ ଆଘାତ ପାଇଅଛନ୍ତି ବର୍ତ୍ତମାନ ସେ ଢେଙ୍କାନାଳ ଗଡ଼ରେ ଉପସ୍ଥିତ ହୋଇ ଅଛନ୍ତି ।

———

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ନାଗପୁରର ସରକାରୀ ଉକିଲ ରାୟ ବିପିନକୃଷ୍ଣ ବୋଷ ବାହାଦୁର ସି, ଆଇ, ଇ ଶ୍ରୀଯୁକ୍ତ ଚଠନବହିଙ୍କ ସ୍ଥାନରେ ମଧ୍ୟପ୍ରଦେଶର ସ୍ରଭଜଥ ଟ୍ରୁପ ଲେଜିସ୍ଲେଟିଭ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ନିଯୁକ୍ତ ହୋଇଅଛନ୍ତି । ସେ ୨୫ ବର୍ଷରୁ ଊର୍ଦ୍ଧ୍ୱକାଳ ମଧ୍ୟପ୍ରଦେଶରେ ରହି ନାଗପୁରର ମ୍ୟୁନିସିପାଲ କମିଶନରମାନଙ୍କର ବିଶେଷ ବିଶ୍ୱାସଭାଜନ ହୋଇଅଛନ୍ତି ଏବଂ ମଧ୍ୟପ୍ରଦେଶ-ବାସୀଙ୍କର ତାହାଙ୍କର ଯୋଗ୍ୟତା ଉପରେ ଅଟଳ ବିଶ୍ୱାସ ।

———

ହାଇଦ୍ରାବାଦର ନିଜାମ ଖାସ ରେଲଗାଡ଼ିରେ ଗତମାସ ତା, ୧୯ ରିଖରେ ସ୍ୱରାଜ୍ୟରୁ ଯାତ୍ରା କରି ନାଗପୁର ବାଟେ ତା ୨୧ ରିଖରେ କଲିକ-ତାରେ ପ୍ରବେଶ ହେବେ ଏବଂ ଜାନୁଆରୀମାସ ଆରମ୍ଭରେ ଏଲାହାବାଦ ବାଟେ ଫେରି ଯିବେ । ତାହାଙ୍କ ପ୍ରଧାନ ମନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଏକତ୍ର ବନ୍ଧୁ ଯାତ୍ରା କରିବେ । ପ୍ରଧାନ ମନ୍ତ୍ରୀଙ୍କ ଅନୁପସ୍ଥିତ କାଳରେ ନୁଷସକାର ମହାରାଜା, ବସନ୍ତପ୍ରଶାଦ ତାହାଙ୍କର କାର୍ଯ୍ୟ ନିର୍ବାହ କରିବେ ଏବଂ କଲିକତାରେ ବଡ଼ଲାଟରୁ ଫେରି ଆସିଥିବା ସୟଦ ଅଲ ବେଗନ୍ତମ ତାହାଙ୍କର ପ୍ରାଇଭେଟ ସେକ୍ରେଟେରୀ ହେବେ ।

—୦-୫୫-୦—

ଟ୍ରିବ୍ୟୁନ, ଏ, ପଞ୍ଜାବ ଟାଇମସ ନାମକ ସମ୍ବାଦପତ୍ରର ସମ୍ପାଦକ ଥିଲେ । ବର୍ତ୍ତମାନ ସେ କାର୍ଯ୍ୟରେ ନାହାନ୍ତି । ତାହାଙ୍କ କାର୍ଯ୍ୟ କାଳରେ ଗୋଟିଏ ଲୁପ୍ତ ପୂର୍ବ ନାଟକ ପଞ୍ଜାବ ଟାଇମସରେ ଛପା ହୋଇଥିବାରୁ ଏକ ମିଶନ ସ୍କୁଲର ହେଡ-ମାଷ୍ଟର ବାବୁ ନବୀନ ହିନ୍ଦୁ ଗତ ବର୍ଷ ଜୁନମ ଟେଣିବାର ଅଭିଯୋଗ ଆଣିବାରେ ଗୁପ୍ତ ମହା-ଶୟ ଏକବର୍ଷ କାରା ଦଣ୍ଡରେ ଦଣ୍ଡିତ ଏବଂ ଟ ୧୫୦୦୯ ଙ୍କା ଅର୍ଥଦଣ୍ଡ ଲଭିଅଛନ୍ତି । ଦଣ୍ଡ ଉପରୁ ସେ ଅପିଲ କରି ଟ ୨୦୦୦ଙ୍କା ଲେଖାଏଁ ଦୁଇଜଣ ଜାମିନ ଦେଇ ଖଲାସ ପାଇଅଛନ୍ତି । ଅପିଲ ନିଷ୍ପତ୍ତି ହୋଇ ନାହିଁ ।

———

ପୁଷ୍କରଲ୍ଲ ଅନ୍ତର୍ଗତ ଡେଲଙ୍ଗ ପ୍ରଗଣାରେ ଏକ ଗ୍ରାମକୁ କେତେକ ମାସ ପୂର୍ବରେ ଅନେକ ଗୁଡିଏ ଲୋକ ଡକାଏତି କରିବାକୁ ଆସିଥିଲେ । ସେମାନଙ୍କର ଦଳପତି ଯୋଗୀ ଶେଟ୍ସକୁ ଗ୍ରାମ-ବାସୀମାନେ ଧରି ଏପରି ପ୍ରହାର କଲେ ଯେ ସେ-ହିଠାରେ ତାହାର ମୃତ୍ୟୁ ହେଲା । ଅନ୍ୟ ଡକାଏତମାନେ ପଳାଇଗଲେ । ପୁରୀର ଇନସ୍ପେକ୍ଟର ବାବୁ ନାରାୟଣଦାସ ବନ୍ଦ୍ୟୋପାଧ୍ୟାୟ ନଅଜଣ ଲୋକଙ୍କୁ ଧରି ଚାଲାଣ ଦେଇଥିଲେ । ଦୌରା ଅଦାଲତରେ ଜଜସାହେବ ସେମାନଙ୍କମଧ୍ୟରୁ ଏକଜଣଙ୍କୁ ସାତବର୍ଷ ଓ ଅନ୍ୟ ପାଞ୍ଚଜଣଙ୍କୁ ପାଞ୍ଚ ବର୍ଷ ଲେଖାଏଁ କାରାଦଣ୍ଡ ଦେଇଅଛନ୍ତି ।

———

କଟକ କଲେକ୍ଟରର ଏକାଉଣ୍ଟାଣ୍ଟ ମହାଫିଜ ମହମ୍ମଦ ହାଦିମଙ୍କ କଥା ଉପରେ ତଦାରଖ ହେବାସ ତାଙ୍କ କଥା ସନ୍ନିକଟ, ମଦ ଫିଙ୍ଗଖାନାର ନ ୧ ଣ କର୍ମଚାରୀର ସୟଦ ମହମ୍ମଦ ଅବଦ, ଓ ସୟଦ ଅବଦୁଲ ରହିମ ଏବଂ ସାର୍ଟିଫିକେଟ ଲଲଦାର ତାଏଦନବମ୍ ସୟଦ ମୋନାରଲ କଥା ପ୍ରଭୃତି ମଧ୍ୟ ପୋଲିସ ତଦାରଖ କରିଥିଲେ । ଏଥିରେ ଦ୍ୱ ବାରକ ବାହାରିବାର ପୋଲିସ ସନ୍ଦେହ କରି ରିପୋର୍ଟ ଦେବାରୁ କଲେକ୍ଟର ସାହେବ ସେହି ଲୋକଙ୍କୁ ସସପେଣ୍ଡ କରି ସେମାନେ ନାହିଁ ବରଖାସ୍ତ ନ ହେବେ ଏବଂ ଦସ୍ତୁ ମଧ୍ୟରେ କଏଦି ନିଯୁକ୍ତ ହେବା 'ଉପଲକ୍ଷେ' ଆଦେଶ କରିଅଛନ୍ତି ।

———

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଭଦ୍ରକରେ ଗୋଟିଏ ମୁନ୍‌ସଫି କଚେରୀ ଆଗାମୀ ଅପ୍ରେଲ ମାସରୁ ଫିଟିବାର ମଞ୍ଜୁର ହୋଇଅଛି ଭଦ୍ରକ ଓ ସୋରୋ ଥାନା ଏହି ମୁନ୍‌ସଫି କୋର୍ଟର ଏଲକା ଭୁକ୍ତ ହେବ । ବାଲେଶ୍ୱର ଜିଲ୍ଲାରେ ଗୋଟିଏ ମୁନ୍‌ସଫି କଚେରୀ ଥିଲା ବାଲେଶ୍ୱର ସହରଠାରୁ ଅତିଦୂରରେ ଅବସ୍ଥିତ ଗ୍ରାମସ୍ଥ ଲୋକମାନଙ୍କର କଷ୍ଟ ଏହାଦ୍ୱାରା ନିବାରିତ ହେଲା । ଭଦ୍ରକ ବାସମାନେ ଏ ଶୁଭସମ୍ବାଦରେ ଅବଶ୍ୟ ଅତି ଆହ୍ଲାଦିତ ହେବେ ଓ ଯାହାଙ୍କର ପୁନଃପୁନଃ ପ୍ରାର୍ଥନା ଓ ଉଦ୍ୟମରେ ଏ କାର୍ଯ୍ୟ ସାଧିତ ହେଲା ସେମାନଙ୍କୁ ଧନ୍ୟବାଦ ଦେବେ ।

———

ଏଠା କଲେକ୍ଟରୀ ଏକାଉଣ୍ଟାଣ୍ଟ ମହାଫିଜ ମହମ୍ମଦ ହାସିମଙ୍କ କଥା ଗୁପ୍ତ ତଦାରଖ ହେବା ସମୟରେ ତାଙ୍କ କଥା ସନ୍ନିକଟ ଓଡ଼ିଶା ବନ୍ଦୋବସ୍ତର ଏକାଉଣ୍ଟାଣ୍ଟ ଏବଂ ଦର୍ପଣ ବନ୍ଦୋବସ୍ତ ମହାଫିଜ ଓଲି ଏବଂ ଅଲିଙ୍କ କଥା ତଲାସ ହୋଇଥିଲା । ତାଙ୍କ କଥାରୁ ଓଡ଼ିଶା ବନ୍ଦୋବସ୍ତ ମହଲୁମାରୁ ଏକ ନକ୍ସା ବାହାରିଅଛି ସରକାରୀ ନକ୍ସା ଘରେ ରଖିଥିବା ଅପରାଧରେ ସେ ବରଖାସ୍ତ ବନ୍ଦୋବସ୍ତ ମହାଫିଜ କାର୍ଯ୍ୟରୁ ଅପସାରିତ ହୋଇଅଛନ୍ତି । ଏକାଉଣ୍ଟ ମହାଫିଜ ମହମ୍ମଦ ହାସିମଙ୍କର ମୋକଦ୍ଦମା ଶ୍ରୀଯୁକ୍ତ ମଧୁର ସାହେବ ଡେପୁଟିମାଜିଷ୍ଟ୍ରେଟଙ୍କ ନିକଟରେ ଅଛି ଏବଂ ସେ ଜାମିନରେ ଖଲାସ ପାଇଅଛନ୍ତି ।

———

ଢେଙ୍କାନାଳରେ ବ୍ୟାଘ୍ରଭୟ ଅଧିକ ହୋଇ ଅଛି । ରାଜା ଭଗୀରଥ ମହେନ୍ଦ୍ର ବାହାଦୁର ଅନେକ ବାଘ ମାରୁଥିଲେ । ତାଙ୍କ ପରେ ଆଉ ବାଘ ମାରିବାର କେହି ନାହିଁ । ପୁଣି ଫରେଷ୍ଟ ନିୟମ ଜାରି ଥିବାରୁ ଲୋକ ବହୁ ସଙ୍କଟ ହୋଇଅଛି । ସୁତରାଂ ବାଘ ପ୍ରବଳ ମାଲିଅଛନ୍ତି । ମଇଁଷିଆ ଘାଟଠାରୁ, ବଲଦଅ କଲଧର କପି-ଳାସ ପର୍ଯ୍ୟନ୍ତ ଭୂମିଖଣ୍ଡରେ ଅନେକ ଗୋରୁ-ମନୁଷ୍ୟ ବାଘ ହେବାର ଶୁଣା ଯାଉଅଛି । ଗଉଡ଼-ମାନେ ବସ୍ତିରେ ଦ୍ୱିଗୁଣିତ ଦୂଲାଇ ସବାକୁ ନେଇ ଯାଇ, ମଇଁଷି ଗୋଠମାନ ନେଇ ଯାଉଅଛନ୍ତି ।

Digitized by srujanika@gmail.com

ଅମ୍ଭେମାନେ ଶୁଣିଲୁଁ କେହି ବାଘ ମାରିଦେଲେ ମାନେଜର ମହାଶୟ ଯଥେଷ୍ଟ ପୁରସ୍କାର ଦେବେ ବୋଲି ମୁନାଦି ଦେଇଅଛନ୍ତି ।

---

ଲକ୍ଷ୍ନୌର ଏକ ସମ୍ବାଦପତ୍ରରୁ ପ୍ରକାଶ ଯେ ସେଠାର ଜଣେ ସୁପରିଚିତ ଖାନବାହାଦୁରଙ୍କୁ ଉତ୍ତର ପଶ୍ଚିମର ଲେପ୍ଟନାଣ୍ଟଗବର୍ଣ୍ଣର ଦେଖା ସମ୍ବନ୍ଧୀୟ ଗୋଟିଏ ସଭାର କଥା ପଚାରିଥିଲେ । ସେ ଉତ୍ତର ଦେଲେ ଯେ ସେପରି ସଭା ହୋଇ ନ ଥିଲା । ପ୍ରକୃତରେ ସଭା ଆହ୍ୱାନ ହୋଇଥିଲା ଏବଂ କେତେକଲୋକ ଉପସ୍ଥିତ ହୋଇ କଥାବାର୍ତ୍ତା କରୁଥିଲେ । କେବଳ ଉପସ୍ଥିତ ସଭ୍ୟ ସଂଖ୍ୟା ନିରୂପିତ ସଂଖ୍ୟାରୁ ଊଣା ଥିବାରୁ ନିୟମିତ ସଭାର କାର୍ଯ୍ୟ ହୋଇ ନ ଥିଲା । ଗବର୍ଣ୍ଣମେଣ୍ଟଙ୍କୁ ଭ୍ରମାତ୍ମକ ସମ୍ବାଦ ଦେବା ଦୋଷରୁ ଖାନବାହାଦୁରଙ୍କର ନାମ ଦରବାର ତାଲିକାରୁ ଏକବର୍ଷ ନିମନ୍ତେ ବର୍ଜିତ ହୋଇଅଛି । ସରକାର କୃଶାଗ୍ର ଖାଉଙ୍କର ବଣ୍ଡର ନଥା ଏହିଥର ନୂଆ ଶୁଣାଗଲା

---

ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଗତ ତା ୧୧ ରିଖରେ ଓଡ଼ିଶାର ନାନାସ୍ଥାନରେ ଚାଉଳର ହାର ଏକ ଟଙ୍କାରୁ ଏହିପରି ଥିଲା । ଯଥା କଟକରେ ସେ ୧୫୵ ଯାଜପୁର ଓ କେନ୍ଦ୍ରାପଡ଼ାରେ ସେ ୧୮।୵ ବାଲିରେ ସେ ୧୭୵ ବାଲେଶ୍ୱରରେ ସେ ୧୪ର ଭଦ୍ରକ ଓ ଅନୁଗୁଳରେ ସେ ୧୮ ର ପୁରୀରେ ସେ ୧୬ ର ଖୋର୍ଦ୍ଧାରେ ସେ ୧୫୵ କନିକାରେ ସେ ୯ ର । ଅତଏବ ଜଣାଯାଏ ଯେ ଏକା କନିକା ଛଡ଼ା ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ବିଶେଷ ଅଭାବକଷ୍ଟ ନାହିଁ । ଦୁର୍ଭିକ୍ଷରେ ପରୀକ୍ଷା ସ୍ୱରୂପ ଯେଉଁ ସାହାଯ୍ୟ କାର୍ଯ୍ୟମାନ ଚାଲିଥିଲା ସେ ସବୁ ବନ୍ଦ ହୋଇଅଛି । ବାଙ୍କି, ଖୋର୍ଦ୍ଧା ପ୍ରଭୃତି କେତେକ ସ୍ଥାନରେ ପୂର୍ବ ସପ୍ତାହଠାରୁ ସାମାନ୍ୟରେ ଶସ୍ତା ହୋଇଅଛି ।

---

ପାଠକମାନଙ୍କୁ ଜଣାଅଛି ଯେ ଉକ୍ତ କାନ୍ତ ଦେବ ନାଥ ନାମକ ଏକ ବଙ୍ଗୀୟ ପୁଲିସର ସବ୍-ଇନସ୍ପେକ୍ଟରୀ ପରୀକ୍ଷା ଦେବା କାରଣ ଅବେଦନ ତାହାକୁ ସେ ଜାତିରେ ଯୋଗୀ ଥିବା ହେତୁରୁ ପୁରୀ ଜିଲର ମାଜିଷ୍ଟ୍ରେଟ ତାହାର ପ୍ରାର୍ଥନା ଅଗ୍ରାହ୍ୟ କରିଥିଲେ । ସେ ଏ ବିଷୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟରେ ଅବେଦନ କରିବାରୁ ଉତ୍ତର ଯାଇଅଛନ୍ତି କି ସବଇନସ୍ପେକ୍ଟରୀ ପରୀକ୍ଷାର ଉମ୍ମେଦବାରୀରେ ଜାତି ବିଶେଷର ଲୋକ ଅଯୋଗ୍ୟ ବୋଲି କିଛି କଥା ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ପ୍ରୟୋଜନୀୟ ଆଦେଶ ଯାଇଅଛି । ଏଥର ତାହାଙ୍କ ନିକଟରେ ଅବେଦନ କଲେ ସେ ସଫଳ ହେବେ । ଏକ୨ ମାଜିଷ୍ଟ୍ରେଟର ଖାମଖିଆଲି ଦେଖି ବେଳେ୨ ଆଶ୍ଚର୍ଯ୍ୟ ହେବାକୁ ହୁଏ, ଏଥିର କିଛି ପ୍ରତିକାର ନାହିଁ କି ?

---

ବଡ଼ଦିନ ଅବକାଶରେ ଲୋକଙ୍କ ଭ୍ରମଣ କରିବାର ସୁବିଧା ପ୍ରଦାନ ନିମନ୍ତେ ଇଷ୍ଟଇଣ୍ଡିଆ ରେଲୱେ ଏବଂ ବେଙ୍ଗାଲ ନାଗପୁର ରେଲୱେର କର୍ତ୍ତୃପକ୍ଷମାନେ ଏହି ମାସ ତା ୮ ରିଖଠାରୁ ପ୍ରଥମ ଓ ୨ୟ ଶ୍ରେଣୀର ଯାତ୍ରୀମାନଙ୍କୁ ଏକପଥର ଭଡ଼ାରେ ମା ୧୦୦ ମାଇଲରୁ ଊର୍ଦ୍ଧ୍ୱ କୌଣସି ସ୍ଥାନକୁ ଯିବାର ଏବଂ ସେଠାରୁ ଲେଉଟି ଆସିବାର ଟିକଟ ଦେବାର ନିୟମ କରିଅଛନ୍ତି । ସେପରି ଟିକଟ ଚଳିତ ମାସ ତା ୨୬ ରିଖ ପର୍ଯ୍ୟନ୍ତ ଦିଆଯିବ ଏବଂ ସେ ସବୁ ଆସନ୍ତା ଜାନୁଆରୀମାସ ତା ୧୯ ରିଖ ପର୍ଯ୍ୟନ୍ତ ପ୍ରବଳ ରହିବ । ଅର୍ଥାତ୍ ସେହି ତା ୧୯ ରିଖରେ ଯେ ଫେରି ନ ଆସିବ ତାହାକୁ ଫେରନ୍ତା ଭଡ଼ା ଦେବାକୁ ହେବ । ଅବଶ୍ୟ ଯେଉଁମାନେ ଅଧିକ ଭଡ଼ା ଦିଅନ୍ତି ସେହିମାନଙ୍କ ନିମନ୍ତେ ଏ ସୁବିଧା ହୋଇଅଛି । ଅଳ୍ପ ଭଡ଼ାର ତୃତୀୟ ଶ୍ରେଣୀର ଗରିବ ରେଲଯାତ୍ରୀମାନେ ବିଶେଷ ସୁବିଧାର ଆଶା କରି ନ ପାରନ୍ତି ।

---

ଗତ ସୋମବାର ଦିବସ ମୁନସଫି କୋର୍ଟରେ ଏକ ଜାଲ ମନୁଷ୍ୟ ଧରା ହୋଇଅଛି । ଘଟନାର ବିବରଣ ଏହି ଯେ ଏକ ସ୍ମଲ କାଜକୋର୍ଟ ମୋକଦ୍ଦମାରେ ତିନିଜଣ ବାଦୀ ଓ ଏକଜଣ ପ୍ରତିବାଦୀ ଥିଲେ । ମୋକଦ୍ଦମା ସାଲିସ ହେବାର କଥା ହେଲା । ରାଜି ଦରଖାସ୍ତ ଲେଖା ହୋଇ ବାଦୀମାନେ ମୁନସଫଙ୍କ କୋର୍ଟରେ ଉକ୍ତ ଦରଖାସ୍ତ ଦାଖଲ କଲେ । ବାଦୀ ଦୁଇଜଣ ଓ ପ୍ରତିବାଦୀ ଏକଜଣ ଉପସ୍ଥିତ ଥିଲେ । ମୁନସଫ ବାବୁ ଅନ୍ୟଜଣେ ବାଦୀକୁ ହାଜର ହେବା ନିମନ୍ତେ ଆଦେଶ ଦେଲେ । ଅନ୍ୟ ଏକଜଣ ଲୋକ ୩ୟ ବାଦୀ କୃଷ୍ଣମୂର ସେନା ନାମ ଧରି ମୁନସଫଙ୍କ ନିକଟରେ ହାଜର ହେବାନ୍ତେ ପ୍ରତିବାଦୀ ଉକ୍ତ ଲୋକର ନାମ କୃଷ୍ଣମୂର ସେନା ନୁହେଁ ବୋଲି ପ୍ରକାଶ କଲା । ତହୁଁ ମୁନସଫ୍ ଉକ୍ତ ଲୋକକୁ ଫୌଜଦାରୀ ସୁପର୍ଦ୍ଦ କରିଅଛନ୍ତି । ବର୍ତ୍ତମାନ କାଳରେ ଜାଲ ମୋକଦ୍ଦମାର ଆଉ ଇୟତ୍ତା ନାହିଁ ।

---

ପଞ୍ଜାବ ପ୍ରଦେଶାନ୍ତର୍ଗତ ଝେଲମ ଜିଲ୍ଲାର କାଲ୍ପ ଗ୍ରାମରେ ଗୋଟିଏ ଭୟଙ୍କର ଡକାଏତିର ବିବରଣ ହିନ୍ଦୁ ପେଟ୍ରିୟଟ ସମ୍ବାଦ ପତ୍ରରେ ପାଠ କଲୁଁ । ସେହି ଗ୍ରାମରେ ମୁଲାସିଂହ ନାମକ ଜଣେ ମହାଜନ ଘରେ ଏକ ରାତିରେ ଚୋର ପଶିବାର ଚେଷ୍ଟା କରୁଥିଲେ । ଗୃହସ୍ଥ ଜାଣିପାରି ଡାକ ପକାଇବାରୁ ଚୋରମାନେ ପଳାଇ ଗଲେ । ସକାଳେ ମୁଲାସିଂହ ପୁଲିସରେ ସମ୍ବାଦ ଦିଅନ୍ତେ ଦୁଇଜଣ କନଷ୍ଟେବଲ ତାହାର ଘର ରକ୍ଷା ସକାଶେ ନିଯୁକ୍ତ ହେଲେ । ଦୁଇଦିନ ଉତ୍ତାରୁ ରାତି ଦୁଇ ପ୍ରହର ବେଳେ ଏକଦଳ ଡକାଏତ ବନ୍ଧୁକ ତରବାରୀ ଇତ୍ୟାଦି ଅସ୍ତ୍ର ସହିତ ବାହାରୁ ସିଡ଼ି ଲଗାଇ ଘରେ ପ୍ରବେଶ କରି ପ୍ରଥମେ ତଳମହଲରେ ଥିବା ସ୍ତ୍ରୀମାନଙ୍କୁ ଆକ୍ରମଣ କଲେ ଏବଂ ସେମାନଙ୍କ କ୍ରନ୍ଦନ ଶୁଣି ମୁଲାସିଂହ ଦୋମହଲାରୁ ଉଠି କବାଟ ଫିଟାଇବାମାତ୍ରେ ଜଣେ ଡକାଏତ ତାକୁ ସେଠାରେ ଦେଖି ଧରି ପକାନ୍ତେ ଆଉ ଜଣେ ତରବାରିରେ ତାହାକୁ ଏମନ୍ତ ଆଘାତ କଲା ଯେ ସେ ସେହିଠାରେ ପଡ଼ି ରହିଲା । ଡକାଏତମାନେ ପ୍ରାୟ ଅଢେଇ ଘଣ୍ଟା କାଳ ଘର ମଧ୍ୟରେ ରହି ସ୍ତ୍ରୀ ମାନଙ୍କ ଦେହରୁ ଅଳଙ୍କାର ଓ ବାକସ ଇତ୍ୟାଦି ଭାଙ୍ଗି ଯାହା ପାଇଲେ ଲୁଟି କଲେ । ମାତ୍ର ଅନେକ ଚେଷ୍ଟାରେ ଲୁହା ସିନ୍ଦୁକ ଭାଙ୍ଗି ପାରିଲେ ନାହିଁ ଏବଂ ସେଥିପାଇଁ ଅନେକ ବିଳମ୍ବ ହେଲା । ଗୋଳମାଳ ଶୁଣି ଗ୍ରାମର ପ୍ରାୟ ଦୁଇହଜାର ଲୋକ ସେଠାରେ ଜମା ହେଲେ । ଡକାଏତମାନେ ତହିଁରେ ସ୍ଥିର ହୋଇ ପୁନଃ୨ ବନ୍ଧୁକ ଗୁଳି ବୃଷ୍ଟି କଲେ ଏବଂ ତହିଁରେ ଦୁଇ ଲୋକ ହତ୍ୟା ହେବାରୁ ଗ୍ରାମବାସୀ ବା କନଷ୍ଟେବଲମାନେ କିଛି କରି ପାରିଲେ ନାହିଁ । ବିଶେଷତଃ ଗ୍ରାମବାସିଙ୍କ ହାତରେ ହତିଆର ନ ଥିଲା । ଡକାଏତଙ୍କ ମଧ୍ୟରେ ଜଣେ ଆଫଗାନ ଓ ଜଣେ ଶିଖ ଥିଲେ । ସେମାନେ ଏହି ପରି ଖୁନ ଓ ଅତ୍ୟାଚାର କରି ଜିନିଷପତ୍ର ନେଇ ବାହାରି ଗଲେ । ବଳବାନ ପଞ୍ଜାବୀମାନେ ଡକାଏତଙ୍କ ହାତରେ ଏପରି ଦଶା ଲଭିବା ସ୍ଥଳେ ବଙ୍ଗଳା ଓଡ଼ିଶାର ଅଉ କି ବୋଲାଯିବ ? ଜକାଯୁତ ଦମ

ବିଶେଷ ତଦୋବସ୍ତ ଇଜାରାଦାରଙ୍କର ହିତର ହେଉଅଛି ।

---

## ବଙ୍ଗଳାର ଷ୍ଟାମ୍ପରାଜସ୍ୱ ।

ସନ ୧୮୯୬।୯୭ ସାଲଠାରୁ ସନ ୧୮୯୮।୯୯ ସାଲ ପର୍ଯ୍ୟନ୍ତ ତିନିବର୍ଷର ହିସାବ ଅନୁସାରେ ହାରାହାରି ବାର୍ଷିକ ଆୟ ଟ ୧,୭୫,୭୨,୮୦୯୧ ଟଙ୍କା ବ୍ୟୟ ଟ ୪,୯୪,୨୭୭ ଏବଂ ସ୍ଥିତ ଟ ୧,୭୦,୭୮,୫୩୧ ଟଙ୍କା ହୋଇଥିଲା । ତହିଁର ପୂର୍ବ ତିନିବର୍ଷର ହାରାହାରି ଆୟ ଟ ୧,୬୪,୮୨,୯୩୨ ଟଙ୍କା ବ୍ୟୟ ଟ ୪,୭୦,୩୨ ଟଙ୍କା ଏବଂ ସ୍ଥିତ ଟ ୧,୬୦,୧୨,୯୪୧ ଟଙ୍କା ଥିଲା, ଅର୍ଥାତ୍ ଗତ ତିନିବର୍ଷରେ ପ୍ରାୟ ୧୧ ଲକ୍ଷ ଟଙ୍କା ଆୟ ବୃଦ୍ଧି ହୋଇଅଛି ।

ବଙ୍ଗଳାରେ ଷ୍ଟାମ୍ପରାଜସ୍ୱ ଦୁଇପ୍ରକାର ମାସୁଲ ବା କରର ସମଷ୍ଟି ଅଟେ ଯଥା (୧) ବ୍ୟବସାୟ କର ଏବଂ (୨) ମୋକଦ୍ଦମା କର । ବ୍ୟବସାୟ ମାସୁଲ ଅନ୍ତର୍ଗତ ତମସୁକ କବାଲା ଇତ୍ୟାଦିର ଷ୍ଟାମ୍ପ ଓ ଟିକଟ, ରସିଦ ଟିକଟ, ହୁଣ୍ଡିଷ୍ଟାମ୍ପ, ଓକାଲତ ଓ ମୁକ୍ତାର ସନନ୍ଦ ଷ୍ଟାମ୍ପ ଇତ୍ୟାଦି ଅଟେ । ମୋକଦ୍ଦମାର ମାସୁଲର ଅନ୍ତର୍ଗତ କୋର୍ଟଫି ଷ୍ଟାମ୍ପ ଓ ଟିକଟ ଏବଂ ନକଲ କାଗଜ ଅଟେ । ଗତ ତିନିବର୍ଷରେ ସେଉଁ ମାସୁଲ ଯେତେ ଆଦାୟ ହୋଇଥିଲା ନିମ୍ନେ ପ୍ରଦର୍ଶିତ ହେଲା । ଯଥା—

| | ବ୍ୟବସାୟ ମାସୁଲ | ମୋକଦ୍ଦମା ମାସୁଲ |
|---|---|---|
| ସ ୧୮୯୬।୯୭ | ଟ ୪୦,୩୭,୧୪୭ | ଟ ୧,୨୨,୪୯,୭୧୨ |
| ସ ୧୮୯୭।୯୮ | ଟ ୪୦,୧୩,୨୧୪ | ଟ ୧,୨୪,୪୮,୨୪୨ |
| ସ ୧୮୯୮।୯୯ | ଟ ୪୪,୭୯,୯୪୧ | ଟ ୧,୨୫,୨୪,୧୭୮ |
| ହାରାହାରି ପୂର୍ବ ତିନିବର୍ଷର | ଟ ୩୮,୪୩,୧୦୪ | ଟ ୧,୨୪,୦୪,୦୨୮ |
| ହାରାହାରି | ଟ ୪୪,୮୮,୮୧୮ | ଟ ୧,୧୭,୭୨,୭୪୧ |

ଅତଏବ ଦେଖାଯାଏ ଯେ ୩ ବର୍ଷରେ ବ୍ୟବସାୟ ମାସୁଲ ୬ ଲକ୍ଷ ଏବଂ ମୋକଦ୍ଦମା ମାସୁଲ ୭। ଲକ୍ଷ ବୃଦ୍ଧି ହୋଇଅଛି । ସନ ୧୮୯୬।୯୭ ସାଲରେ ଏବଂ ସନ ୧୮୯୭।୯୮ ସାଲର ପ୍ରଥମାର୍ଦ୍ଧରେ ଦେଶର ଅବସ୍ଥା ବଡ଼ ମନ୍ଦ ଥିବାରୁ ଲୋକେ ଅନ୍ନକଷ୍ଟରୁ ରକ୍ଷା ପାଇବା ନିମନ୍ତେ ନିଜ ବିଷୟ ବନ୍ଧକାଦି କରିବାକୁ ବାଧ୍ୟ ହୋଇଥିଲେ ସୁତରାଂ ସେହି ଦୁଇ ତମସୁକ କବାଲା ଇତ୍ୟାଦିର ଷ୍ଟାମ୍ପ ଅଧିକ ବିକ୍ରୟ ହେବାହାରା ସରକାରଙ୍କର ବ୍ୟବସାୟ ମାସୁଲ ଅଧିକ ଆଦାୟ ହେଲା । ସନ ୧୮୯୮–୯୯ ସାଲରେ ସୁକାଳ ହେବାରୁ ଲୋକେ ଅନ୍ନଚିନ୍ତାରୁ ରକ୍ଷା ପାଇଥିଲେ । ସୁତରାଂ ଋଣବନ୍ଧକାଦି ବ୍ୟବସାୟର ମାସୁଲ ଊଣା ପଡ଼ିଲା । ଏ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟରେ ଲେଖାଅଛି ଯେ ବିଲାତରେ ତମସୁକ କବାଲା ପ୍ରଭୃତିର ମାସୁଲ ବୃଦ୍ଧି ଭୂମିରେ ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କର ସୌଭାଗ୍ୟର ଚୂଡ଼ାନ୍ତ ପ୍ରମାଣ ବୋଲି ଗଣ୍ୟ ହୁଅଇ ମାତ୍ର ଭାରତରେ ସେପ୍ରକାର ମାସୁଲ ବୃଦ୍ଧି କୃଷୀ ପ୍ରଭୃତିଙ୍କର ଦୁରବସ୍ଥାର ପରିଚାୟକ ଅଟେ । ସରକାର ବାହାଦୁର ବିଲାତ ଏବଂ ଭାରତର ଏହି ଅନୈକ୍ୟ ପାଇଲ ପ୍ରଭେଦ ପୁନଃ ପ୍ରତ୍ୟକ୍ଷ କରି ଶୁଦ୍ଧା ଯାହା ବିଲାତର ବ୍ୟବସ୍ଥା ଭାରତରେ ଚଳାଇବାକୁ ସଦା ତତ୍ପର ଏହାଇ ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ ଏବଂ ଏହି କାରଣରୁ ସରକାର ଅନ୍ୟପ୍ରକାରେ ଲୋକଙ୍କର ସୁଖଚିନ୍ତନ ଯେତେ ଉପାୟ କଲେହେଁ ସେମାନଙ୍କର ଦୁଃଖ ଯାଉ ନାହିଁ । ରାଜକାର୍ଯ୍ୟ ନିମନ୍ତେ ସୌଭାଗ୍ୟ ଉପରେ ମାସୁଲ ନେବା ଅନ୍ୟାୟ ନୁହେଁ ମାତ୍ର ଦୁର୍ଭାଗ୍ୟ ଉପରେ ତାହା ଅସହ୍ୟ । ବ୍ୟବସାୟ ମାସୁଲ ହାରାହାରି ଅପେକ୍ଷା ଅଧିକ ଅର୍ଥାତ୍ ପ୍ରାୟ ୨୭ ଲକ୍ଷ ଟଙ୍କା କଲିକତାରେ ଏବଂ ସର୍ବାପେକ୍ଷା ଊଣା ଅର୍ଥାତ୍ ୨୧ ହଜାର ଟଙ୍କା ସିଂହଭୂମିଜିଲ୍ଲାରେ ଆଦାୟ ହୋଇଥିଲା ।

ମୋକଦ୍ଦମା ମାସୁଲ ପ୍ରତିବର୍ଷ କ୍ରମାଗତ ବୃଦ୍ଧି ହେବାରୁ ଅବଶ୍ୟ କହିବାକୁ ହେବ ଯେ ଲୋକଙ୍କର ସୌଭାଗ୍ୟ ବା ଦୁର୍ଭାଗ୍ୟ ସଙ୍ଗେ ଏଥିର ସମ୍ବନ୍ଧ ନାହିଁ ଏବଂ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଏହା ଏ ଦେଶୀୟଙ୍କର ମୋକଦ୍ଦମା ପ୍ରିୟତାର ପରିଚାୟକ ଅଟେ । ଅନେକ ସ୍ଥଳେ ଲୋକେ ପୈତୃକ ଭୂମି ସବୁ ବିକ୍ରୟ କରିବାକୁ ବାଧ୍ୟ ହେଲେ ସୁଦ୍ଧା ମାମଲା କରିବାକୁ ଛାଡ଼ନ୍ତି ନାହିଁ । ସାମାନ୍ୟ ବିବେଚନାରେ ସରକାରଙ୍କର ଏହି ମନ୍ତବ୍ୟ ଅସଙ୍ଗତ ବୋଲିଯାଇ ନ ପାରିଲେହେଁ ଲୋକେ ମାମଲା ପ୍ରିୟତାହେତୁ ବସ୍ତ୍ର ଅର୍ଥ ଓ କଷ୍ଟ ଭୋଗକରି ମୋକଦ୍ଦମା କରନ୍ତି ସରକାର ଦେଶର ଆଭ୍ୟନ୍ତରିକ ଅବସ୍ଥା ବୁଝିବାକୁ ଚେଷ୍ଟା କଲେ ଏମନ୍ତ କଥା କହନ୍ତେ ନାହିଁ ଏହାହିଁ ଆମ୍ଭମାନଙ୍କର ବିଶ୍ୱାସ । ଲୋକଙ୍କୁ ନ୍ୟାୟବିଚାର ପ୍ରଦାନ ନିମନ୍ତେ ଗବର୍ଣ୍ଣମେଣ୍ଟ ଯେତେ ଯତ୍ନ କଲେହେଁ ଏବଂ ବିଚାରପ୍ରଣାଳୀ ଯେତେ ଉତ୍କୃଷ୍ଟ ହେଲେହେଁ କାର୍ଯ୍ୟତଃ ଅନେକ ସ୍ଥଳେ ବିଚାରକ ବିଶେଷର ଦୃଷ୍ଟିରୁ ବସ୍ତୁ କଷ୍ଟରେ ସୁବିଚାର ଲାଭ ହୁଅଇ ଏବଂ ଅନେକ ସ୍ଥଳେ ଆଦୌ ଲାଭ ହୁଅଇ ନାହିଁ । ଲୋକେ ସବୁର ମାତ୍ରା ଛାଡ଼ି ନ ପାରି ମୋକଦ୍ଦମା କରିବାକୁ ବାଧ୍ୟ ହୁଅନ୍ତି ଏବଂ ଦୁଷ୍ଟଲୋକମାନେ ପ୍ରଶ୍ରୟ ପାନ୍ତି । ସଙ୍ଗତିପନ୍ନ ବ୍ୟକ୍ତିମାନେ ଜିଦି କରି ମୋକଦ୍ଦମା କରନ୍ତି ଏବଂ ଗରିବ ଲୋକେ ଶରୀର କଷ୍ଟରେ ଅର୍ଥ ସହ ଉଚ୍ଚବାଶ୍ରେଣୀ ଉପରେ ତଦା କଲେ ମଧ୍ୟ ନ୍ୟାୟାନ୍ୱରୂପ ଅଦାଲତରେ ଉପସ୍ଥିତ ହେବାକୁ ବାଧ୍ୟ ହୁଅନ୍ତି । ସୁବିଚାର ଶୀଘ୍ର ଏବଂ ଅଳ୍ପ ବ୍ୟୟରେ ଲାଭ ହେଉଥିଲେ ଏବଂ ତହିଁର ସ୍ଥିରତା ରହୁଥିଲେ ଏତେ ମାମଲା କରାଯାଉ ନାହିଁ । ଏଥିର ବ୍ୟବସ୍ଥା ନିମନ୍ତେ ପୁନଃ ପୁନଃ ଅନୁରୋଧ ହେଉଥିଲେ ସୁଦ୍ଧା ସରକାର ବାହାଦୁର ତହିଁରେ ଯଥୋଚିତ ମନୋଯୋଗ ହେଉ ନାହାନ୍ତି ବୋଲି ମୋକଦ୍ଦମାର ସଂଖ୍ୟା ବଢ଼ୁଅଛି । ଅତଏବ ଏଥି ଲୋକଙ୍କର ଦୋଷ ଦେବା ନ୍ୟାୟସଙ୍ଗତ ବୋଲାଯାଇ ନ ପାରେ ।

---

## ଟ୍ରାନ୍ସଭାଲ ଯୁଦ୍ଧ ।

ତା ୫ ଇଖ ତାରସମ୍ବାଦ, ମଡ଼ାର ନଦୀ ନିକଟରେ ତୋପ ସମ୍ମୁଖ ବିଶେଷ ହୋଇଥିଲେ । ବୁଅରମାନେ ସେମାନଙ୍କର ନିଜ ତୋପକୁ ସାଥରେ ନେଇ ପଳାଇଲେ । ଇଂରାଜମାନେ କ୍ଳାନ୍ତ ହୋଇଥିବାରୁ ସେମାନଙ୍କର ପଶ୍ଚାଦ୍ଗାମୀ ହୋଇ ପାରି ନ ଥିଲେ ।

ମଡ଼ାର ନଦୀରେ ଅନେକ ପର୍ବତ ଅନ୍ୟ ପାରିକୁ ଯିବାର ଚେଷ୍ଟା ପାଇଥିଲେ ।

ମେଫ୍‌କିଂରୁ ସମ୍ବାଦ ଆସିଅଛି ଯେ ବୁଅରମାନେ ପଶ୍ଚିମଦିଗରୁ ଆକ୍ରମଣ କରିଥିଲେ କିନ୍ତୁ ଫେରିଗଲେ ।

ଏସ୍କୋର୍ଟ କଲେନ୍ସୋରେ ବୁଅରମାନେ ଦମ୍ଭ ହୋଇଅଛନ୍ତି ଇଂରେଜ ସୈନ୍ୟ ପର୍ଯ୍ୟନ୍ତ ଆସିଲେଣି ।

ସେନାପତି ବୁଲର ଦକ୍ଷିଣ ଆମେରିକାର ଅର୍ଜେଣ୍ଟାଇନ୍ କମ୍ପାନୀଙ୍କ ନିକଟରୁ ୨୦୦୦ ଘୋଡ଼ା ପାଇଅଛନ୍ତି ।

ମଡ଼ାରନଦୀ ଯୁଦ୍ଧରେ ବ୍ରିଟିଷ ସୈନ୍ୟ ବୁଅରମାନଙ୍କ ଦୃଷ୍ଟି ଯିବାର ଦେଖି ଅଗ୍ରସର ହୋଇ ସନ୍ନିକଟସ୍ଥ ଗ୍ରାମ ସବୁ ଅଧିକାର କରନ୍ତେ ବୁଅରମାନେ ସେମାନଙ୍କର ଲୁକ୍କାୟିତ ସ୍ଥାନ ବାହାର ଅନେକ ଇଂରେଜ ସୈନ୍ୟ ହତ

Split by PDF Splitter

Digitized by srujanika@gmail.com

Split by PDF Splitter



ଉଥିଲେ, ଇଂରେଜ ଅତି ଦକ୍ଷତା ସହିତ ବେଦୀଉରେ ପଡ ସୁଦ୍ଧା ହଟି ଯାଇ ନ ଥିଲେ ମାତ୍ର ଅନେକ ସୈନ୍ୟ ହତ ହୋଇଥିଲେ । ଲର୍ଡ଼ ମାଥୁନ ସମ୍ବାଦ ଦେଇଅଛନ୍ତି ଯେ ବୁଇମାନଙ୍କ କ୍ଷତି ବ୍ରିଟିସ ସୈନ୍ୟ କ୍ଷତି ଅପେକ୍ଷା ଅଧିକ ହୋଇଥିଲା ।

ତା ୭ ଇଶ ତାରସମ୍ବାଦ, ଲେଡସ୍ମିଥଠାରୁ କଲେଞ୍ଜୋ ପର୍ଯ୍ୟନ୍ତ ପାହାଡ଼ ସବୁରେ ବୁଇମାନେ ଦୁର୍ଗ ନିର୍ମାଣ କରୁଅଛନ୍ତି । ବୁଇମାନେ ଇତସ୍ତତଃ ଭ୍ରମଣ କରୁଅଛନ୍ତି । ଅନ୍ୟର ଲେଡସ୍ମିଥ ଆଡ଼କୁ ଯିବା ସଙ୍କଟ କଥା । ଲେଡସ୍ମିଥ ଚତୁଃପାର୍ଶ୍ୱରେ ସେମାନଙ୍କ ୨୭ ଟି ତୋପ ରହିଅଛି ।

ପ୍ରିଟୋରିଆଠାରୁ ସମ୍ବାଦ ଆସିଅଛି ସେନାପତି ଯୁବର୍ଟ ଅସୁସ୍ଥ, ବର୍ତ୍ତମାନ୍ ଫୋକ୍ସରଷ୍ଟରେ ପହଞ୍ଚିଅଛନ୍ତି । ଏହାଙ୍କର ଅନୁପସ୍ଥିତ କାଳରେ ସେନାପତି ସାକବର୍ଗର ସୈନ୍ୟାଧ୍ୟକ୍ଷ କାର୍ଯ୍ୟ କରିବେ ।

ବୁଇମାନେ ଷ୍ଟର୍ମବର୍ଗ ଓ ରେଣ୍ଟମିଙ୍ଗ ମଧ୍ୟସ୍ଥଳରେ ବଡ଼ ତେଜରେ ଅଛନ୍ତି ବର୍ତ୍ତମାନ ଜେନରଲ ଫ୍ରେଞ୍ଚ ଓ ଜେନେରଲ ଗେଟେକର ହସ୍ତଙ୍କୁ ଦମନ କରୁଅଛନ୍ତି ।

ବୁଇମାନେ ତା ୬ ଇଶରେ କେପ୍‌କଲନ ଡୋରଡ଼େକ୍ଟରେ ପ୍ରବେଶ କରିଅଛନ୍ତି ।

ଜେନେରଲ ହେନ୍ଲୁ ପ୍ରେଇଠାରେ ପହଞ୍ଚି ଅଛନ୍ତି ।

ତା ୭ ଇଶ ତାରସମ୍ବାଦ, ଲେଡସ୍ମିଥର ଅବସ୍ଥା ଉତ୍ସାହଜନକ ହୋଇଅଛି । ଖାଦ୍ୟଦ୍ରବ୍ୟ କମ ହେବାକୁ ଆରମ୍ଭ ହୋଇଅଛି ମଧ୍ୟ ଶୋଣିତ କମ ନ ଥି ଯାଉଅଛି ।

ଢୋଲସବର୍ଗ ଓ ରେନ୍ସବର୍ଗ ମଧ୍ୟସ୍ଥଳରେ ଦୁଇଗୋଟି ତୋପପୂର୍ଣ୍ଣ ଘାଟି ଧୃତ ହୋଇଅଛି । ଘାଟିରେ ଅନେକ ତୋପ ଓ ତୋପର ଉପକରଣ ଥିଲା ।

ଜେନେରଲ ଗେଟେକର କଲେଶବର୍ଗର ଗୋଟିଏ ପ୍ରଧାନ ଘାଟିକୁ ସ୍ୱାଧିକାର କରି ଅଛନ୍ତି ।

ଜେନେରଲ ଗେଟେକର ପ୍ରକାଶ କରିଅଛନ୍ତି ଯେ ଅନେକ ସ୍ୱଦେଶୀ ଓ ଅନେକ ଡେଚ୍ଛନ୍ଦ ବୁଇମାନଙ୍କ ସହିତରେ ଯୋଗ ଦେଇଅଛନ୍ତି ।

ନେଟାଲରୁ ଛଅସହସ୍ର ବୁଇ ସେନାପତି ଜୌବର୍ଟଙ୍କ ସେନାରେ ଯୋଗ ଦେଇଅଛନ୍ତି ।

ଲେଡସ୍ମିଥର ସବୁ ଉତ୍ତମ ।

ଜେନେରଲ ଗେଟେକର ସହିତ ଅଧିକା ସୈନ୍ୟ ଯୋଗ ଦେଉଅଛନ୍ତି ।

ତା ୮ ଇଶ ତାରସମ୍ବାଦ, ବୁଇମାନେ ଗ୍ରାଷ୍ଟାକ ନିକଟ ଅରେଞ୍ଜ ନଦୀର ରେଲ ପୋଲକୁ ଭାଙ୍ଗି ଦେଇଅଛନ୍ତି ଓ ଟେଲିଗ୍ରାଫ ତାର କାଟିଦେଇଅଛନ୍ତି ।

ତା ୯ ଇଶ ତାରସମ୍ବାଦ ମଡାର ନଦୀ ସହିତ ଟେଲିଗ୍ରାଫ ତାର ଓ ରେଲବାଟ ପୁନର୍ବାର ଫିଟିଅଛି ।

ମଡାର ନଦୀକୁ ପାର ହେବା ନିମନ୍ତେ ଗୋଟିଏ ପୋଲ ନିର୍ମାଣ ହେଉଅଛି ।

ଫେରରୁ ସମ୍ବାଦ ଆସିଅଛି ଯେ ଏକ ଭଲନ୍ତି ପୋଲ ପ୍ରସ୍ତୁତ ହୋଇଅଛି ।

ତା ୧୦ ଇଶ ତାର ସମ୍ବାଦ, ଜେନେରଲ ହ୍ୱାଇଟ ଲେଡସ୍ମିଥରୁ ସମ୍ବାଦ ପଠାଇଅଛନ୍ତି ଯେ ୫୦୦ ନେଟାଲ ଭଲଣ୍ଟିଅର ଓ ୧୦୦ ଅଶ୍ୱାରୋହୀ ପଠାଇ ଗନ୍‌ହିଲକୁ ଆକ୍ରମଣ କରିଥିଲେ । ଫଳରେ ଇଂରେଜ ବୁଇମାନଙ୍କର କେତେକ ତୋପ ନଷ୍ଟ କରିଥିଲେ ଓ ଗୋଟାଏ ତୋପ ଲେଡସ୍ମିଥକୁ ଆଣିଥିଲେ ।

ଲର୍ଡ ମେଥୁନ ଘୋଡ଼ାରେ ଚଢ଼ି ପାରୁ ନାହାନ୍ତି କିନ୍ତୁ ଗାଡିରେ ଚଢ଼ି ବୁଲୁଅଛନ୍ତି । ମଡାର ନଦୀ ପୋଲ ପୁନଃ ନିର୍ମାଣ ହୋଇଅଛି ।

ସେନାପତି ଗେଟେକର ତିନିସହସ୍ର ସୈନ୍ୟ ନେଇ ଷ୍ଟର୍ମବର୍ଗ ଆକ୍ରମଣ ନିମନ୍ତେ ଯାତ୍ରା କରିଥିଲେ ଅନେକ ରାସ୍ତା ଯାଇ ସକାଳରେ ବୁଇମାନଙ୍କ ସହିତ ଭେଟ ହେଲା । ତିନିଘଣ୍ଟା ଘୋରତର ଯୁଦ୍ଧ ଉତ୍ତାରେ ଗେଟେକରଙ୍କୁ ଫେରି ଆସିବାକୁ ହୋଇଥିଲା ।

ଗେଟେକର ରାତିକାଳରେ ଜଣା ଅଲ୍ପଥରେ କିନ୍ତୁ ଭୁଲରେ ଯାଇଥିଲେ କିନ୍ତୁ ସକାଳରେ ବୁଇମାନଙ୍କ ସହିତ ଭେଟ ପଡିଗଲା ବୁଇ ସୈନ୍ୟ ଛ ସହସ୍ର ଥିବାରୁ ଇଂରେଜଙ୍କୁ ବାଧ୍ୟ ହୋଇ ପ୍ରତ୍ୟାଗମନ କରିବାକୁ ହୋଇଥିଲା ।

ପ୍ରକାଶ ହୋଇଅଛି କି ବ୍ରିଟିସମାନେ ତାଙ୍କର ପଥଦର୍ଶକଦ୍ୱାରା ବିପଥଗାମୀ ହେଲେ ।

ତା ୧୧ ଇଶ ତାର ସମ୍ବାଦ, ଗେଟେକର ଯୁଦ୍ଧରେ ଶେଷଫଳ ଏହି ହେଲା ଯେ ଷ୍ଟର୍ମବର୍ଗଠାରେ ବ୍ରିଟିସ ସୈନ୍ୟ ୬୭୨ ବନ୍ଦୀ ହୋଇ ପ୍ରିଟୋରିଆକୁ ପ୍ରେରିତ ହୋଇଥିଲେ ।

ମଡର ନଦୀରେ ବୁଇ ସହିତ ଏକ ଯୁଦ୍ଧ ହୁଏ । ବୁଇ ସେନାପତି କ୍ରୋଞ୍ଜି ୫୦ ବ୍ରିଟିସ ସୈନ୍ୟ ବନ୍ଦୀ କରିଥିଲେ ।

ଦକ୍ଷିଣ ଆଫ୍ରିକାର ଶତ୍ରୁ ସୈନ୍ୟ ସଂଖ୍ୟା ବର୍ତ୍ତମାନ୍ କଳନା ହୋଇଅଛି ସୈନ୍ୟସଂଖ୍ୟା ୫୩୦୦୦ ସମସ୍ତେ ଯୁଦ୍ଧ ସଜ୍ଜାରେ ସଜ୍ଜିତ ହୋଇଅଛନ୍ତି । ସୈନ୍ୟାଧ୍ୟକ୍ଷରେ ପ୍ରଧାନତଃ ଜର୍ମାନ ଓ ଫରାସି । ଏତେ ଶତ୍ରୁଦଳଙ୍କୁ ପରାଭୂତ କରିବା କଠିନ ବ୍ୟାପାର ସମ୍ଭବ ହେଉଅଛି ଯେ ଇଂଲଣ୍ଡରୁ ଆହୁରି ଅଧିକ ସୈନ୍ୟ ପଠାଯିବେ ।

---

## ସାପ୍ତାହିକସମ୍ବାଦ ।

### କଲିକତା ଗେଜେଟ ।

ଶ୍ରୀଯୁକ୍ତ ଡାଃ ମାଜିଷ୍ଟ୍ରେଟ ଓ ଡାଃ କଲେକ୍ଟର ବାବୁ କୈଳାଶଗୋବିନ୍ଦ ଦାସ ଷଣ୍ମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

କଟକସ୍ଥ ଡାଃ ମାଜିଷ୍ଟ୍ରେଟ ଓ ଡାଃ କଲେକ୍ଟର ବାବୁ କୁଞ୍ଜବିହାରୀ ସ୍ୱର୍ଣ୍ଣ ସ୍ୱଳକୁ ସ୍ଥାନାନ୍ତରିତ ହୋଇଅଛନ୍ତି ।

ଫର୍ଲୋଷ୍ଟ୍ରିତ ଡାଃ ମାଜିଷ୍ଟ୍ରେଟ ଓ ଡାଃ କଲେକ୍ଟର ବାବୁ ଜଗତଚନ୍ଦ୍ର ସମ୍ପୁର ସଦର ମହକୁମାରେ ଅବସ୍ଥାପିତ ହୋଇଅଛନ୍ତି ।

---

ଅଦ୍ୟ ରାତ୍ରି ଘ ୫।୨୨ ମିନଟ ସମୟରେ ଚନ୍ଦ୍ରଗ୍ରହଣ ଈଶାନ୍ୟ ପୂର୍ବଦିଗୁଁ ସ୍ପର୍ଶ ହୋଇ ଚନ୍ଦ୍ରମଣ୍ଡଳର ପନର ଦଶା ଊଣାଇଶସଗ୍ରା ଗ୍ରାସ ଏବ ପରେ ଘ ୮।୪୨ ମିନଟ ସମୟରେ ସର୍ବମୋକ୍ଷ ହେବ । ଶନିବାର ରାତ୍ର ଘ ୨।୪୭ ମିନଟଠାରୁ ଏଣୁ ଭୋଜନ ନିଷେଧ ଗ୍ରାସ ଗ୍ରହଣ ହେତୁ ପରଦିନ ଚନ୍ଦ୍ର ଦର୍ଶନରେ ଭୋଜନ କର୍ତ୍ତବ୍ୟ ।

ଏ ସପ୍ତାହରେ ଶୀତ ଅତ୍ୟନ୍ତ ପ୍ରବଳ ହୋଇଅଛି ।

ଜ୍ୱର ଏବଂ ଶରୀର ଚିହ୍ନ ବଢ଼ିଅଛି । ଓଲଉଠା ଉତାତ୍ତ ଦୃଶ୍ୟ ହୋଇ ନାହିଁ ।

ଅଳ୍ପ ବହୁତ ସାମାନ୍ୟରେ ଦେଖା ଦେଇଅଛି ।

ଅସ୍ମମାନଙ୍କର ମାନନୀୟ କମିଶ୍ନର ଓ ଗଡ଼ଜାତ ସମୂହର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ମାର୍ଟିନ ସାହେବ ଗତ ମଙ୍ଗଳବାର ଦିବସ ଗଡ଼ଜାତ ଭ୍ରମଣରୁ ପ୍ରତ୍ୟାଗମନ କରିଅଛନ୍ତି ।

ଟେଙ୍କାଲିସହରର ପିଣ୍ଡର ଗାଡ଼ି ଗତ ରବିବାର ସନ୍ଧ୍ୟାରେ ବାଲୁବଜାର ଛକ ପାଖରେ ଉଲଟିଲା । ଗାଡ଼ିରେ କେତେକ ଲୋକ ଓ ସେମାନଙ୍କ ଗୃହଶିଷ୍ୟମାନେ ବସିଥିଲେ କାହାରି କିଛି ଅଘାତ ହୋଇ ନାହିଁ । ଅଦ୍ୟ ଅଳ୍ପ ଦିନେ ସେମାନେ ସଡ଼କ ଗାଡ଼ି ଓ ଗାଡ଼ିଓଳର ସହିତ ଗାଡ଼ି ଏ ନଗରରେ ବିପଦଗ୍ରସ୍ତ ହୋଇଥିଲା । ଦୁର୍ଘଟନାର କାରଣ ପୁଲିସ ଅବଶ୍ୟ ତଦନ୍ତ କରିଥିବେ ।

ଓଡ଼ିଶାର ସେଟ୍‌ଲମେଣ୍ଟ ଅଫିସର ମେଡକ୍ସ ସାହେବ ଗତ ସୋମବାର ଏ ନଗରରୁ ବଦାସ୍ତ ହୋଇ ଗଲେ । ସେ ବହୁଦିନରେ ଲୁପ୍ତି ବଭାଗର ଡାଇରେକ୍ଟରଙ୍କ କର୍ମରେ ଏକଟିଂ କରିବେ ।

କଟକ କଲେକ୍ଟର ଶ୍ରୀଯୁକ୍ତ କେର ସାହେବ ଯାଜପୁର ତରଫକୁ ମଫସଲରେ ଗମନ କରିଅଛନ୍ତି । ଅଳ୍ପଦିନ ତଳେ ଯାଜପୁର ପରିଦର୍ଶନ କରି ଆସିଥିଲେ ପୁଣି କାହିଁକି ଗମନ ହୋଇଅଛି କାରଣ କିଛି ବୁଝି ପାରୁ ନାହିଁ ।

ବଙ୍ଗଳାର ସାନିଟାରି କମିଶନର ଏହାଗଲାର ଡାକ୍ତର ଖାନା ଜେଲ ଓ ମେଡିକଲ ସ୍କୁଲ ପରିଦର୍ଶନ କରି ଫେରି ଯାଇଅଛନ୍ତି ।

ଆମ୍ଭେମାନେ ଅବଗତ ହେଲୁଁ ଯେ ଆଠଗଡ଼ ରାଜା ଏବ ତାହାଙ୍କର ବୃଦ୍ଧୋବା ମ୍ୟାନେଜର ଧବଳେଶ୍ୱରଙ୍କ ସ୍ନାନ ସ୍ଥାନର ଜମିର ସତ୍ତ୍ୱବାନ୍ ହୋଇଅଛନ୍ତି । ଅତି ଉତ୍ତମ ।

ବାଙ୍କି ପାଟପୁରର ଗଡ଼ସାହିରେ ଶେଷରାତ୍ରିରେ ଜଣି- ଅଗ୍ନି ଅନେକ ଘର ପୋଡ଼ି ଯାଇଅଛି । କିଏ କେହି ଲଗାଇଦେବାର ଅନୁମାନ ହୁଏ ।

Digitized by srujanika@gmail.com

କାଟିଆବାର ସବଇନସ୍ପେକ୍ଟର ବାବୁ କୃଷ୍ଣସ୍ୱାମୀ ଘୋଷ ସେଠାର ସବ ଡେପୁଟିଙ୍କ ସ୍ତ୍ରୀକୁ ଅସ୍ପୃଶ୍ୟ ମକଦମାରେ ତଦନ୍ତ ଦେଇଥିବାରୁ ଫୌଜଦାରୀ ସୋପର୍ଦ୍ଦ ହୋଇଥିଲେ। ଖାଜପୁର ମକାମରେ ମୋକଦମାର ବିଚାର ହେଉଥିଲା। ଗତ ମଙ୍ଗଳବାର ତାହାଙ୍କ ର ଛଅମାସ କାରାଦଣ୍ଡ ଓ ଏକଶତ ଟଙ୍କା ଅର୍ଥଦଣ୍ଡ ହୋଇଅଛି। ସେ ଜଜସାହେବଙ୍କ ନିକଟରେ ଅପିଲ କରି ଜାମିନରେ ଖଲାସ ହୋଇଅଛନ୍ତି।

ପୁରୀ ଲେମ୍ବେଇ ଅଞ୍ଚଳରେ ବସନ୍ତରୋଗରେ ଅନେକ ଲୋକ ମରୁଅଛନ୍ତି।

ପୁରୀ ଦେଉଳନଥିଁ ପଡ଼ା ଅଞ୍ଚଳରେ ୪।୫ଘର ଭସ୍ମ ହୋଇଯାଇଛି।

ପୁରୀ ଦଳଟଙ୍ଗୀ ମହାଜନ ଶାଖାରେ ଜଣେ ବାହାର ଲୋକ ମୋଟା ନକଲ ନେଉଥିବାର ଖବର ପାଉଅଛୁ। ସେ ବାଂଲ୍ମି ଜଣେ ମୋହରର ଅଳ୍ପ ଟଙ୍କାରେ ବସି ନକଲ କରୁଥିଲା ବର୍ତ୍ତମାନ ତଦନ୍ତ ଚାଲିଅଛି ଫଳ ଜଣାଯାଇ ନାହିଁ।

ଟ୍ରାନ୍ସଭାଲ ଯୁଦ୍ଧ ପାଇଁ ଭାରତରେ ବଙ୍ଗଲାରୁ ଏପର୍ଯ୍ୟନ୍ତ ସର୍ବମୋଟ ଟ ୯୧୬୭୪ ୧ ଟଙ୍କା ସଂଗୃହୀତ ହୋଇଅଛି।

ଗତ ନବେମ୍ବର ମାସ ତା ୨୮ ଦିନରେ ପିରୋଜପୁର ଜେଲଖାନାରୁ ୬ ୪ ଜଣ କଏଦୀ ପଳାଇ ଯାଇଥିବାର ଖବର ମିଳଇ। ସେମାନେ ଜେଲଖାନାର ପ୍ରାଚୀର ଲଙ୍ଘି ବାହାରକୁ ପଳାଇଗଲେ। ଜବଲପୁରୀ ଗ୍ରାମରେ ସେମାନେ ଜେଲଖାନାରେ ପିନ୍ଧିବା ବସ୍ତ୍ର ପକାଇ ଦେଇ ଯାଇଥିବାରୁ ତାହା ପାଯାଯାଇଅଛି। କଥିତ ଅଛି ସେମାନେ ବାହାର ଲୋକଙ୍କର ସାହାଯ୍ୟ ପାଇ ଏରୂପ କରିଅଛନ୍ତି ଏବଂ ତାହା ସମ୍ଭବ ଅଟେ। ଧର ପକଡ଼ ଚାଲିଅଛି।

ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ମୂର୍ତ୍ତି ଏବଂ ଗଭର୍ଣ୍ଣମେଣ୍ଟ ସେକ୍ରେଟେରୀ ମୌଲବି ଅବଦୁଲ କରିମ ଖାଁ ଙ୍କ ଛୁଟି ନେଇ ସପରିବାରରେ ବିଳାତକୁ ଯିବେ ବୋଲି ଶୁଣାଯାଉଅଛି।

ମାନ୍ଦ୍ରାଜ, ବମ୍ବେଇ, କଲିକତା ବା ପଞ୍ଜାବ ଯେଉଁଠାରେ ସେତେବେଳେ ଘୋଡ଼ା ଦୌଡ଼ ହୁଏ ପାଟଣ୍ଣାର ମହାରାଜା ସେଠାରେ ଘୋଡ଼ା ନେଇ ଉପସ୍ଥିତ ହୁଅନ୍ତି। ମାତ୍ର ଏଥର କଲିକତାର ଘୋଡ଼ାଦୌଡ଼କୁ ଅସୁସ୍ଥ ନାହିଁ ବୋଲି ଶୁଣାଯାଉଛି।

ବର୍ଦ୍ଧମାନର ବାହାଦୁର ଡାଃଗ୍ରାମ ନଇଗଡ଼ ଗସ୍ତ କରିବାକୁ ଯାଇଥିଲେ। ଶଉମସାଲବାର କାର୍ଯ୍ୟକରାକୁ ଯେଉଁ ଅଛି ଅଛନ୍ତି। ଅତଏ ସକଳବାର ହେବାର କଥା ଥିଲା।

ଆଗାମୀ ବୁଧବାର ଲାହୋର ବ୍ୟବସ୍ଥାପକ ସଭାର ଅଧିବେଶନ ଆରମ୍ଭ ହେବ।

## ବାମଣ୍ଡା-ସମ୍ବାଦ।

ଯୁବରାଜ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ଦେବଗଡ଼ ରଙ୍ଗଶାଳା ସମୀପବର୍ତ୍ତୀ ହୋଇଗଡ଼ରେ ଛପାଇବାକୁ ଗୋଟିଏ ବଡ଼ ଘର ନିର୍ମାଣ ଧରିଅଛନ୍ତି। ଯୁବରାଜଙ୍କର ସମ୍ପୂର୍ଣ୍ଣ ନିଜ ଖର୍ଚ୍ଚରେ ହସ୍ତୀ ଧରିବା ଏହାଙ୍କ ପ୍ରଥମ।

ଦିଉଡ଼ି ନାମକ ସ୍ଥାନରେ ନୂତନ ଶିଳ୍ପର କାରଖାନା ସ୍ଥାପନ କରିବା ସକାଶେ ଶ୍ରୀଯୁକ୍ତ ମହାରାଜ ବାହାଦୁର ଅଶେଷ ପ୍ରୟତ୍ନ କରୁଅଛନ୍ତି। ଶିଳ୍ପର କାରବାର ପ୍ରତିଷ୍ଠିତ ହେବାର ସ୍ୱୟଂ ମହାରାଜାଙ୍କର, ବାମଣ୍ଡା ଏବଂ ପାର୍ଶ୍ୱବର୍ତ୍ତୀ ସକଳ ପ୍ରଜାମାନଙ୍କର ପ୍ରଭୂତ ଉପକାର ସାଧିତ ହେବାର ଅଛି।

ଶ୍ରୀଯୁକ୍ତ ଯୁବରାଜ ମହୋଦୟ ପୂର୍ବେ ଗୋଟିଏ ଗଣ୍ଡ ମୂର୍ତ୍ତିର ଫଟୋଗ୍ରାଫ ଖଣ୍ଡ ଟଣାଇଥିଲେ, ତଙ୍କ 'ନାମ ଦେବୀ ମୂର୍ତ୍ତିର ଅଳ ଗୋଟିଏ ଖଣ୍ଡ ଟଣାଇଅଛନ୍ତି, ତଦ୍ୱାରା ବଡ଼ର ଅତି ସୁନ୍ଦର ମୂର୍ତ୍ତିରୂପେ ଶୁଣା ଯାଉଅଛି।

ବାମଣ୍ଡାର ଡାକ୍ତର ମେଡ଼ିକଲ ଅଫିସର ବାବୁ ଅଜ, ପି, ସିଂହ ଏମ୍, ବି, ସମ୍ପ୍ରତି ଉଡ଼ିଶାରେ ଭାର୍ଯ୍ୟାଙ୍କ ସହିତ ଦେଖା କରିବାକୁ ତାହାଙ୍କର ସ୍ଥାନାନ୍ତର ହେତୁ ଦୁଃଖ ପ୍ରକାଶ କରିବା ନିମନ୍ତେ ଗ୍ରାମସ୍ଥ ଭଦ୍ରଲୋକମାନେ ଯୁବରାଜଙ୍କ ସଭାପତିତ୍ୱରେ ଗୋଟିଏ ସଭା ଏକ ସଭା କରିଥିଲେ।

ଦେବଗଡ଼ରେ ବର୍ତ୍ତମାନ ପ୍ରଚୁର ଶୀତ ପଡ଼ିଲା ସେ ୧୦ ଉ ମୂଷ ଗ୍ରହଣ କ୍ଷେ ୧୬ ଉ ଦରରେ, ମେଘସଙ୍କେ ଘଞ୍ଚାଟମେ ୧୨ ଓ ୨୦ ସେର ଦରରେ ମିଳୁଅଛି।

### ପ୍ରେରିତପତ୍ର।

ସମ୍ପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

ଶ୍ରୀ ଯୁକ୍ତ ଶ୍ରୀ ଉତ୍କଳଦୀପିକାର ସମ୍ପାଦକ ମହାଶୟ ସମୀପେଷୁ।

ପ୍ରିୟ ମହାଶୟ!

ଦୁଇସହସ୍ର ଟଙ୍କା ମୂଳଧନରେ ଅମ୍ଭେ ଗୋଟିଏ ସଂସ୍କୃତ ବେଦମନ୍ତ୍ରାଦି ଶିକ୍ଷାସ୍ଥଳର ପାଠଶାଳାକୁ ଶାସନ ଜଗନ୍ନାଥପୁର। ମୌଜେ ନନୋର। ପ୍ରା। ଯାଜପୁରଠାରେ ସ୍ଥାପନ କରିବାର ଅଭିଳାଷ କରୁଅଛୁଁ। ନିମ୍ନଲିଖିତ ଚନ୍ଦା ଚନ୍ଦିମିତ୍ର ସଂଗୃହୀତ ହୋଇଗଲାଣି। ସେଗୁଡ଼ିକ ବେଙ୍କରେ ରଖିଗଲୁଁ। ଏ ପରେ ଯାହା ସଂଗ୍ରହ କରୁଁ ଆପଣଙ୍କ ପତ୍ରିକାରେ ପ୍ରକାଶ କରୁଁ।

ଦାତାଙ୍କର ନାମ ଓ ପ୍ରଦତ୍ତଟଙ୍କା

| | |
|---|---|
| ଶ୍ରୀ ନୀଳଗିରି ମହାରାଜା ଶ୍ୟାମଚନ୍ଦ୍ରମର୍ଦ୍ଦରାଜ ହରିଚନ୍ଦନ | ଟ ୫୮୯ |
| ଶ୍ରୀ ବାମଣ୍ଡା ମହାରାଜା ସୁଢ଼ଳଦେବ କେ, ସି ଏସ୍, ଆଇ | ଟ ୨୫ |
| ଶ୍ରୀ ବାବୁ ବଇଷ୍ଣବ ଦାସ ମୟୂରଭଞ୍ଜ | ଟ ୧୦୯ |
| ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମା | |
| ସମ୍ପାଦକ | ଟ ୭୧୬।୮।୨ |
| ଦଫ | ଟ ୩୬୩।୬ |

ତା ୮।୧୨।୯୯ ମୟୂରଭଞ୍ଜ } ବିଜ୍ଞାପକର ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ରଶର୍ମା

### ମୂଲ୍ୟପ୍ରାପ୍ତି।

| | |
|---|---|
| ଶ୍ରୀ ବାବୁ ଗୋପାଳ ଦେଓ ଯୁବରାଜ | ଟ ୬ ୯ |
| ,, ଉତ୍ତମଜାତୁପଣ ଦାସ ହେଡମାଷ୍ଟ୍ର ହେମକଳ | ଟ ୧୨ ୯ |
| ,, ପଦ୍ମଲୋଚନ ଭାନ୍ଦଲୋ ବଟକ | ଟ ୬ ୯ |
| ,, ହରେକୃଷ୍ଣ ଦାସ ଦାସୀ | ଟ ୩ ୯ |
| ,, ବାସଗୋପାଳ ପଲଇ | ଟ ୩ ୯ |
| ,, ଶ୍ରୀଦେବୀଚରଣ ସାମନ୍ତ ଜଗତ | ଟ ୩ ୯ |
| ,, ସାମନ୍ତଙ୍କ ଶ୍ରୀ ହେଡମାଷ୍ଟର ପାରେଡ଼ ଗୁରୁଗ୍ରାମ | ଟ ୩ ୯ |

## ବିଜ୍ଞାପନ।

## NOTICE.

Is hereby given that plants of various kinds, including Ferns, Roses, Crotons, &c., &c.,—some very rare and ornamental,—belonging to Babu A. C. Dass of CuttackChandy. ( near Mr. F. Bond's house ) are for sale. They can be inspected by intending purchasers. Liberal terms to any who would take the plants wholesale.

Cuttack
The 13th Decr.
1899. } J. S. ROUT.

## ବିଜ୍ଞାପନ।

ଏତଦ୍ୱାରା ଜଣାଇଦିଆଯାଉଅଛି କି ନାନାପ୍ରକାର ଗୁଳ୍ମଗଛ ଅର୍ଥାତ୍ ଫର୍ଣ୍ଣ, କ୍ରୋଟନ୍, ଗୋଲାପ, ଇତ୍ୟାଦି ଅନେକ ଅତି ଦୁର୍ଲ୍ଲଭ ଉଦ୍ୟାନର ଶୋଭାବର୍ଦ୍ଧକ ଗଛ ବୃକ୍ଷ ଲତାମାନ, ଯାହାକି ଶ୍ରୀଯୁକ୍ତ ବାନ୍ଦ୍ସାହେବଙ୍କ ଘର ନିକଟ କଟକଚଣ୍ଡୀ ନିବାସୀ ଶ୍ରୀ ବାବୁ ଅଦାମ ଦାସଙ୍କର ସମ୍ପତ୍ତି ଅଟେ, ବିକ୍ରୟ କରାଯିବ। ଯେଉଁମାନଙ୍କର କ୍ରୟ କରିବାର ଇଚ୍ଛା ହୁଏ ସେମାନେ ଯାଇ ଉକ୍ତ ବୃକ୍ଷାଦି ଦେଖି ପାରିବେ। ଯେ କେହି ମୋଟରେ ଖରିଦ କରିବେ ସୁଲଭ ଦରରେ ବିକ୍ରୟ କରାଯିବ।

କଟକ ୧୩।୧୨।୯୯ } ଶ୍ରୀ ଜଲ୍ ସାମନ୍ତ ରାଉତ

## ବିଜ୍ଞାପନ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଏହି ନଗରରେ କେତେକ ସମ୍ଭ୍ରାନ୍ତ ଭଦ୍ରଲୋକ ମିଳିତ ହୋଇ ଉଦ୍ଯୋଗି ସମିତିର ଭଣ୍ଡାର ନାମରେ ଗୋଟିଏ ଦୋକାନ ସ୍ଥାପନ କରିଅଛନ୍ତି। କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପରୀତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି। ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକବିତଣ୍ଡା ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷା କରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି। ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକ କ୍ରେତାମାନେ ଦେଖିପାରନ୍ତି। ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ। କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ଦୁର୍ଲ୍ଲଭ କରିଥାନ୍ତି। ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ। ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି।

ଦେଶୀ ଚନ୍ଦ୍ରଜ, ଚନ୍ଦ୍ରକୋଣା, ଫରାସଡାଙ୍ଗା, ପାବନା ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ି;

Split by PDF Splitter
Digitized by srujanika@gmail.com

ଭିନ୍ନ ୨ ସ୍ଥାନର ଭସର, ଗରଦ, ବସ୍ତ୍ର; ନାନା ରକମର ପଶମି ଲୁଗା, ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହ୍ମଦାବାଦ ଓ କାନପୁର ପ୍ରଭୃତି ମିଲ କଳର ଧୋତି ଚଦର ଲଂକ୍ଲଥ ଛିଟ ମେ ଜା ବର୍ଣ୍ଣଲିପ୍ସା ଷ୍ଟାଣ୍ଡର୍ଡ ଓ ଗାମୁଛା ପ୍ରଭୃତି, ସର୍ବପ୍ରକାର କାଦାମି ଓ ଧଳା କାଗଜ, ଚିଟର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ପେପରକଟର, ବ୍ରଶ, କଇଁଚି, ଷ୍ଟିଲ ପେନ, ନିବ ପ୍ରଭୃତି, ସର୍ବପ୍ରକାର ଔଷଧ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ବିବିଧ ସୁଗନ୍ଧ ତୈଳ ଓ ସୁଗନ୍ଧ ପାଣି; ବାଇଲି, ଅରାରୁଟ, ଶାଗୁ ପ୍ରଭୃତି ରୋଗୀମାନଙ୍କ ବହୁବିଧ ପଥ୍ୟ; କଟକର ବିଖ୍ୟାତ ଟିଙ୍ଗର ଛଡ, ଫରୁଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ ଅତର-ଦାନ ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କଟକ ଦେଓ୍ୱାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ । ଅମ୍ଭନାମରେ ସମସ୍ତ ଟଙ୍କା ଓ ପତ୍ରାଦି ପଠାଇବାକୁ ହେବ ।

ସମିତିର ଅଧ୍ୟକ୍ଷ ।

## ବନାରସ ସାଢ଼ି ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନା ସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । କାମଣ୍ଡା, କେନ୍ଦୁଝର ଆଠମଲ୍ଲିକ, ରାୟଗଡ଼, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଚୋଗି, ଶେଲା, ଦଂଶାପ, ବାପ୍ତା ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହିାଦ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରିଦେଉଁ । ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ଡେଣିଛୁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁଧାଲ ଭୋଲାନାଥ
କୁଞ୍ଜଗଲ ଫାଟକ ବନାରସ ସିଟି

# ବିଜ୍ଞାପନ ।

ଗତ ସନ ଗତ ଅଗଷ୍ଟମାସର ବାପ୍ତିସ୍ତ ସଂଘର ସାଧାରଣ ଅଧିବେଶନରେ ଧାର୍ଯ୍ୟ ହୋଇଥିବା ଅନୁସାରେ ଏତଦ୍ୱାରା ଜଣାଇ ଦିଆ ଯାଉଛି କି ଉକ୍ତ ସଭାର କାର୍ଯ୍ୟ ନିର୍ବାହ ସମିତି ଉତ୍କଳ ଦେଶସ୍ଥ ପାଞ୍ଚୋଟି ଅସହାୟ ଦରିଦ୍ର ଖ୍ରୀଷ୍ଟିୟାନ ବାପ୍ତିସ୍ତ ବାଳକର ଶିକ୍ଷା ଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁ ବାଳକମାନେ ଉପରୋକ୍ତ ସଭାର ସାହାଯ୍ୟରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ବା ସେମାନଙ୍କ ଅଭିଭାବକଙ୍କଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଡିସମ୍ବର ମାସ ତା ୩୧ ରିଖ ମଧ୍ୟରେ ତଳଲିଖିତ ଫାରମରେ ଓ ଦୁଇଜଣ ଖ୍ୟାତନାମା ବାପ୍ତିସ୍ତଙ୍କର ଦସ୍ତଖତ ଲିଖିତ ବିଷୟମାନ ପ୍ରକୃତ ଥିବାର ଓ ଆଚରଣ ସମ୍ବନ୍ଧେ ସାର୍ଟିଫିକେଟ ସହିତ ଆବେଦନ କରିବେ ।

| ୧ | ୨ | ୩ |
|---|---|---|
| ବାଳକର ନାମ ଓ ବାସସ୍ଥାନ | ପିତାର ନାମ ଓ ସମସ୍ତର ବିବରଣ ଓ ପିତା ଜୀବିତ ଅବା ମୃତ, ଜୀବିତ ଥିଲେ ତାଙ୍କର ବ୍ୟବସାୟ | ବର୍ତ୍ତମାନ ଅଭିଭାବକର ନାମ ଓ ବ୍ୟବସାୟ |
| ୪ | ୫ | ୬ |
| ଅଭିଭାବକ ସହିତ ବାଳକର କି ସମ୍ପର୍କ | କି କାରଣରେ ପିତା ବା ଅଭିଭାବକ ଶିକ୍ଷାର ନେବାକୁ ଅକ୍ଷମ | ବାଳକ କେତେ ଦୂର ଓ କେଉଁଠାରେ ଶିକ୍ଷାଲାଭ କରିଅଛି |

କଟକ
ମାଣିକଘୋଷ
ବଜାର
୨୦।୧୧।୯୧

ଶ୍ରୀ ଅଖୟକୁମାର ଘୋଷ
ସମ୍ପାଦକ, ଦକ୍ଷିଣ ଉତ୍କଳ
ବାପ୍ତିସ୍ତ ସଭା

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସ

ବିଶେଷ ସୁବିଧା ।

ଶାଢ଼ୀ, ଧୋତି, ଇତ୍ୟାଦି ଅମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ଜିନିଷ ପାଇବେ ଏବଂ ଭିନ୍ନ ୨ ପ୍ରକାର ବରାତ ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମ୍ମାନରୂପ ମନୋଯୋଗୀ ବରାତସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଅମ୍ଭର କାରବାର ବହୁକାଳରୁ ରହିଅଛି । ଅମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ୍ଧ, ନୟାଗଡ଼, ଆଠମଲ୍ଲିକ, ସରେଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଭିଜାନଗର, ମଞ୍ଜୁଷା ପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ (ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାଫା ଉପରେ ଅମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଅମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରାଇ ନେଉଁ ।

ଶ୍ରୀ ଗୋପାଲ ଦାସ ମୁରଲୀଧର
ମହଲ୍ଲା ସିନ୍ଧେଶ୍ୱରୀ ବନାରସ ସିଟି

ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିଶନ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି

Split by PDF Splitter
Digitized by srujanika@gmail.com

Split by PDF Splitter



ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ଛକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

## ନୂତନ ପୁସ୍ତକ ।

ଟୀକା ଶାରଳାଦାସଙ୍କ
ସଟୀକ

# ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୨୶/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨॥ |
| ୨ ମଧ୍ୟ ପର୍ବ | ଟ ୨॥ |
| ୩ ସଭା ପର୍ବ | ଟ ୨॥ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୶ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାର୍ତ୍ତିକା ବା ଈଷିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦॥ |
| ୧୭ ମୂଷଲୀ ପର୍ବ | ଟ ୦।୶ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ସଟୀକ ଚୈତନ୍ୟ ଚରିତାମୃତ | ଟ ୨॥ |

ଗ୍ରାହକେ କଟକ ବକ୍ସିବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ତଲ୍ଲାସ କଲେ ପାଇ ପାରିବେ ।

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୧୨ ନଂ ଅପର ଚିତପୁର ରୋଡ କଲିକତା ଏବଂ ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଏଣେ ବର୍ତ୍ତମାନ ପୁସ୍ତକ ଓ ଡାକ୍ତରୀ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ ... ବାକସ ପୁସ୍ତକ ... ୧୨, ୨୪, ୩୦, ୪୮ ... ୨, ୩, ୩୶, ... ବାକସ ୧୨, ୨୪, ୩, ୪୫ ୬୦, ୭୨ ୧୪ ...

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନରିଅର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ଔପସର୍ଗିକମେହ ସପୂଜମେହ (ଗନରିଅ) ... ମୂତ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ମୂତ୍ରତ୍ୟାଗ ବେଳେ ଜ୍ୱାଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୶, ପ୍ୟାକିଂ ଟ ୦ ୶, ଡାକମାଶୁଲ ଟ ୦ ।

## ଅମୃତାଦି କଷାୟ ବା ଦେଶୀ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା କେବଳ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇ ଅଛି । ଏଥିରେ ଏତେ କେତେଗୁଡିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ଚିରଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, ନାନା ଅନ୍ୟବିଧ ଦୂଷିତ କ୍ଷତ ଗଣ୍ଡମାଳ, ଆମବାତ, ଚର୍ମ୍ମରୋଗ, ଖାଉଜି, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମ୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସବୁସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧॥, ଏକଡଜନର ମୂଲ୍ୟ ଟ ୧୬, ଭି, ପି, ଟ ୦୶, ପ୍ୟାକିଂ ଟ ୦ ୶, ଡାକମାଶୁଲ ଟ ୦ ୬୷ ।

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ ଶୀଘ୍ରସ୍ଖଳନ ବିନଷ୍ଟ ହୋଇ ଶରୀର ହୃଷ୍ଟପୁଷ୍ଟ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨॥, ଭି, ପି, ଟ ୦୶ ପ୍ୟାକିଂ ଟ ୦ ୶ ଡାକମାଶୁଲ ଟ ୦୲ ।

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାନଙ୍କେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ... ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାଶୁଲ ଟ ୦ ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ବଟିକା, ଚୂର୍ଣ୍ଣ ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଘଣ୍ଟାଠାରୁ ଘ ୮ ଘଣ୍ଟା ପର୍ଯ୍ୟନ୍ତ କବିରାଜ ... ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାରୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରତ୍ନ, ବାଲୁବଜାର କଟକ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୶
ଅଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ଯାହି କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ୲ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତତ୍ପରଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅଧା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ପତ୍ରିକା କଟକ ଦେଉଯାନବଜାର ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



ଅତିରିକ୍ତ

ଉତ୍କଳଦୀପିକା ତା ୧୬ ଋଣ ମାହେ ଡିସେମ୍ବର ସନ ୧୮୯୯ ମସିହା ।

# NOTICE.

The Civil Court Amin's Act XII of 1856, which provided for the appointment of paid Amins in Districts for the carrying out of local investigations by the Civil Courts and for other duties specified in Section 392 of the Code of Civil Procedure, has been repealed throughout Bengal, by Act II (B. C.) of 1899; and it has been left to District Judges to issue commissions under that section to any persons whom they may consider suitable for the purposes.

It is the object of Government that commissions of the kind should be issued to junior members of local Bars competent to undertake the business, and to such other qualified persons as may be available. Certificate of qualifications in surveying and drawing will be needed in the case of inquiries involving surveys.

This court has accordingly deemed it expedient to have always at its disposal the services of a certain number of selected persons to whom commissions of the kind may be issued from time to time as occasion would arise, and with this object it is hereby notified that persons who desire to be admitted to execute such commissions should send in their applications to the undersigned with their testimonials and specimens of drawing, and also certificates of their good health and good moral character before the close of the current month.

In making the Selections preference will be given :—

*Firstly* to pleaders who have certificates of proficiency in surveying and drawing, and

*Secondly* to other persons who are graduates or under-graduates of the Calcutta University and hold certificates from one of the recognized Survey Schools or Colleges.

Persons thus selected may be recognized as Commissioners and all Commission for local investigations specified in Section 392 C. P. Code may issue only to them.

As to remuneration for their employment, no precise or definite scale can be laid down. Sec. 397 of the Code of Civil Procedure gives a wide discretion to the court to fix expenses of any commission ordered by it. The charge for the expenses of the amin appointed under the repealed Act was at the fixed rate of three rupees per diem. That rate may now be allowed in all ordinary cases exclusive, of course, of the amount payable as travelling expenses on the scale provided in the Civil Service Regulation for third class officers. But in large cases demanding greater skill and involving surveys of large areas or solution of intricate matters in dispute, a higher rate of fee up to a maximum of Rs. 8 per diem, as the court ordering the commission thinks proper, may be allowed. Applicants should state whether they will accept the ordinary remuneration or wish to be employed only in special cases on special terms.

Applications by persons holding appointments under Government will not be accepted.

Knowledge of Uriya is indispensably necessary.

Cuttack District Judge's Court,
*The 4th December 1899.*

W. B. BROWN,
*District Judge.*

[illegible] —

Digitized by srujanika@gmail.com

Split by PDF Splitter

410

Digitized by srujanika@gmail.com

Split by PDF Splitter

REGISTERED No. C. 8.

411

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୪ ଶ
ସଂ ୪୯ ସଂଖ୍ୟା

ତା ୨୩ ଦିନ ମାହେ ଡିସେମ୍ବର ସନ ୧୮୯୯ ମସିହା । ମୁ। ତା ୧୦ ର ପୌଷ ସନ ୧୩୦୭ ସାଲ ଶନିବାର

ଅଗ୍ରିମ ଟ ୩୯
ପଶ୍ଚାଦ୍ଦେୟ ଟ ୬୮

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶୁଦ୍ଧାବ୍ଦ ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବାପର କଟକ ଟ୍ରେଣିଂକମ୍ପାନୀଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।
ଛୋଟ ଟ ୦୧୬

ମୋଫସଲ ଜନନ୍ତେ ଡାକମାସୁଲ ଟ ୦/

ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ଶ୍ରୀଯୁକ୍ତ ହେରନ୍ସ ସାହେବ କଲିକତାରୁ ଫେରି ଆସି ଗତ ତାରିଖ ଏ ଜିଲାର କଲେକ୍ଟର ଭାର ଗ୍ରହଣ କରିଅଛନ୍ତି । ଶ୍ରୀଯୁକ୍ତ ହେରନ୍ସ ସାହେବ ଓଡ଼ିଶାକୁ ନୂତନ ଆଗମନ କରିଅଛନ୍ତି ଆମ୍ଭେମାନେ ଆଶା କରୁଁ ସେ ନ୍ୟାୟପରାୟଣତାଦ୍ୱାରା ସାଧାରଣ ପ୍ରଶଂସା ଭାଜନ ହେବେ ।

---

ଧନ୍ୟବାଦୀ ନିବାସୀ ସୋମନାଥ ପଟ୍ଟନାୟକ ପୁରୀ ବନ୍ଦୋବସ୍ତ ଅଫିସରେ ମୋହରର କର୍ମ କରୁଥିଲେ । ତାଙ୍କ ଗ୍ରାମର ନବ୍ୟାସାଇ ନାମକ ଜଣେ ଲୋକର ସେ ଗ୍ରାମରେ କେତେକ ଜମି ଥିଲା । ସୋମନାଥ ଷଡ଼ଯନ୍ତ୍ରରେ ନବ୍ୟାସାଇଁର ନାମ ସହିତ ନିଜର ନାମ ସ୍ୱତ୍ୱାଧିକାରୀ ଘରେ ଲେଖିଦେଇଥିବାରୁ ଜାଲ କରିବା ଅପରାଧରେ ଦୌରାସୋପର୍ଦ୍ଦ ହୋଇଥିଲେ । ଜଜସାହେବ ତାହାଙ୍କୁ ପାଞ୍ଚବର୍ଷ କାରାଦଣ୍ଡ ଓ ଏକଶ ଟଙ୍କା ଅର୍ଥଦଣ୍ଡର ଆଦେଶ ଦେଇଅଛନ୍ତି ।

---

ବାବୁ କପିଳଚନ୍ଦ୍ର ପାଲ ବିଲାତକୁ ଧର୍ମଶାସ୍ତ୍ର ଶିକ୍ଷା ପାଇଁ ଯାଇଥିଲେ ବର୍ତ୍ତମାନ ସ୍କଟଲେଣ୍ଡର ବିଷୟରେ ବକ୍ତୃତା ପ୍ରଦାନ କରୁଅଛନ୍ତି । ବର୍ତ୍ତମାନ ସେ ଡେଭିଡ ସାହେବ ସହିତରେ ବିଲାତର ନାନା ସ୍ଥାନରେ ବକ୍ତୃତା ଦେଇ ବୁଲୁଅଛନ୍ତି । ଶୀଘ୍ର ଆମେରିକା ଗମନ କରିବେ । ସେଠାରେ ଭିନ୍ନ ସ୍ଥାନରେ ତିନମାସ ବକ୍ତୃତା ପ୍ରଦାନ କରି ଇଂଲଣ୍ଡକୁ ପ୍ରତ୍ୟାଗମନ ଏବଂ ପାରିସ ନଗରର ପ୍ରଦର୍ଶନୀ ଦର୍ଶନ କରି ସ୍ୱଦେଶକୁ ପ୍ରତ୍ୟାବୃତ୍ତ ହେବେ । ଏହି କପିଳ ବାବୁ ଏଠା ପ୍ୟାରୀମୋହନ ଏକାଡେମୀର ହେଡ଼ମାଷ୍ଟର ଥିଲେ ପରା ?

---

ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ଯେ ଡେପୁଟି କଲେକ୍ଟର ଓ ସବ୍-ଡେପୁଟି କଲେକ୍ଟରଙ୍କର ପ୍ରତିଯୋଗୀ ପରୀକ୍ଷା ଆଗାମୀ ଅପ୍ରେଲ ମାସରେ ଗୃହୀତ ହେବ । ତାରଖ ପଶ୍ଚାତ୍ ଦିଆଯିବ । ଏଥର ଜ ୨ ଣ ଡେପୁଟି କଲେକ୍ଟର ଓ ଦୁଇ ଜଣ ସବ୍ ଡେପୁଟି କଲେକ୍ଟର ନିଯୁକ୍ତ ହେବେ । ପରୀକ୍ଷାରେ ଯେଉଁ ଜଣ ପ୍ରଥମ ସ୍ଥାନ ଅଧିକାର କରିବେ ସେ ଡେପୁଟି କଲେକ୍ଟର ପଦରେ ପରୀକ୍ଷା ନିବନ୍ଧନ ସ୍ୱରୂପ ନିଯୁକ୍ତ ହେବେ ଓ ଅନ୍ୟ ତିନ ଜଣ ଲେଫଟେଣ୍ଟ ବାହାଦୁରଙ୍କ ମନୋନୟନ ପ୍ରଥାନୁସାରେ ପରୀକ୍ଷାନିରପେକ୍ଷ ଡେପୁଟି ପଦରେ ନିଯୁକ୍ତ ହେବେ ।

---

ଓଡ଼ିଶାର ସ୍କୁଲ ଇନସ୍ପେକ୍ଟର ରାୟ ରାଧାନାଥ ବାହାଦୁରଙ୍କ ସମ୍ବନ୍ଧରେ ସଞ୍ଜୀବନୀ ନାମକ ବଙ୍ଗଳା ସମ୍ବାଦ ପତ୍ରରେ ୨ । ୩ ସପ୍ତାହ ପରେ ଯାହା ଲେଖାଅଛି ଗଞ୍ଜାମ ନିଉସ ତାହା ପାଠ କରି ଯଥାର୍ଥରେ ଅସମ୍ଭବ କଲେହେଁ ସ୍ଥାନୀୟ ସମ୍ବାଦପତ୍ରରୁ କିଛି କଥା ଜାଣିବାକୁ ଇଚ୍ଛା କରିଅଛନ୍ତି । ଅତଏବ ଆମ୍ଭେମାନେ ଆନନ୍ଦ ସହିତ ପ୍ରକାଶ କରୁଅଛୁଁ କି ସଞ୍ଜୀବନୀରେ ପ୍ରକାଶ ହୋଇଥିବା କଥାମାନ ସମ୍ପୂର୍ଣ୍ଣ ଅମୂଳକ ଅଟେ ଏବଂ ବଙ୍ଗୀୟ ସହଯୋଗୀ ଯେପରି ଅଳୀକ ସମ୍ବାଦ ପ୍ରକାଶ କରି ଅଦ୍ୟ ତାହା ସଂଶୋଧନ କରି ନାହାନ୍ତି ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

ମଧ୍ୟପ୍ରଦେଶରେ ଏବର୍ଷଠାରୁ ଅଧିକ ଦୁର୍ଭିକ୍ଷ ସାହାଯ୍ୟ ଅଡ୍ଡା ସ୍ଥାପିତ ହୋଇଅଛି ଏବଂ ପ୍ରାୟ ପ୍ରତିଦିନ ନୂତନ ଅଡ୍ଡାମାନ ବସୁଅଛି । ଜବଲପୁ-

Digitized by srujanika@gmail.com

Split by PDF Splitter



ରରେ ଧୀରେ୨ ଏବଂ ଅନ୍ୟତ୍ରରେ ତୀବ୍ରଭାବରେ କଷ୍ଟ ବୃଦ୍ଧି ହେଉଅଛି । ସାତପୁରା ଏବଂ ନାଗପୁର ଜିଲ୍ଲାରେ ଘାସ ଓ ଜଳର ଅଭାବ ଅତ୍ୟନ୍ତ ହୋଇଅଛି । ଭିନ୍ନ୨ ପ୍ରଦେଶରୁ ଖାଦ୍ୟର ଆମଦାନୀ ହେବାରୁ ଜବଲପୁର, ସିଉନି, ଦମୋହ ଏବଂ ବେତୁଲ ଖାଦ୍ୟର ଦର କିଛି ନରମ ହୋଇଅଛି। ମାତ୍ର ଅନ୍ୟ ସମସ୍ତ ଜିଲ୍ଲାରେ ଦର ସମାନ ରହିଅଛି । କେବଳ ସମ୍ବଲପୁର ଓ ମଣ୍ଡଲାରେ ଦର ବୃଦ୍ଧି ହେବାର ଦେଖାଯାଏ ।

---

ଗତ ରବିବାର ଦିବସ ସନ୍ଧ୍ୟା ସ ୬ଟା ସମୟରେ ବାବୁ ଗୌରିଶଙ୍କରଙ୍କ ସମ୍ବାଦ ଦପ୍ତରଠାରେ ଓଡ଼ିଶାରେ ଥିବା ଦକ୍ଷିଣରାଢ଼ି କାୟସ୍ଥମାନଙ୍କର ଏକ ସାଧାରଣ ଅଧିବେଶନ ହୋଇଥିଲା । ସଭାପତି ବାବୁ ଗୌରିଶଙ୍କର ରାୟ ଅସୁସ୍ଥତା ନିବନ୍ଧନ ସଭାରେ ଉପସ୍ଥିତ ହୋଇ ନ ପାରିବାରୁ ଡେପୁଟି ମାଜିଷ୍ଟ୍ରେଟ ବାବୁ ଶଶିଭୂଷଣ ସରକାର ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର ନିୟମାବଳୀ ଆଲୋଚ୍ୟ ବିଷୟ ଥିଲା । ଅନେକ କାୟସ୍ଥ ମହୋଦୟଗଣ ଉପସ୍ଥିତ ହୋଇଥିଲେ । ସଭାରେ ନିୟମମାନ ଅତି ସୁନ୍ଦରରୂପେ ବାଦାନୁବାଦ ଭାବରୁ ସର୍ବସମ୍ମତି କ୍ରମେ ସ୍ଥିରୀକୃତ ହୋଇଥିଲା ।

---

ଚଳିତ ଅର୍ଥାତ୍ ସନ ୧୮୯୯।୧୯୦୦ ସାଲରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଦେଶୀୟ ମଦର ମାସୁଲ ଇତ୍ୟାଦ ଦ୍ୱାରା ୩୮ ଲକ୍ଷ ଟଙ୍କା ଅସୁ ହେବାର ଆଶା କରି ତଦନୁସାରେ ବଜେଟ ପ୍ରସ୍ତୁତ କରିଥିଲେ । ବର୍ତ୍ତମାନ ତହିଁରୁ ୧୦ ଲକ୍ଷ ଟଙ୍କା କାଟି ଦେଇ ୨୮ ଲକ୍ଷ ଟଙ୍କା ଅସୁ ହେବାର ଅନୁମାନ କରୁଅଛନ୍ତି । ଦେଶୀ ମଦର କିଛି ଦର ବୃଦ୍ଧି, ଫସଲର ମନ୍ଦ ଅବସ୍ଥା ହେବାରୁ ଟଙ୍କାର ଅଭାବ ଏବଂ ପ୍ଲେଗ ବଶତଃ ଗରିବ ଲୋକଙ୍କର ଉଚାଟିତ ଏବଂ ବ୍ୟବସାୟର ଅଭାବ ତହିଁର କାରଣ ଘଟେ । ବମ୍ବେର ସଉଦାଗରମାନଙ୍କର ମାନ୍ଦ୍ରାଜକୁ ଅଧିକ ସମାଗମ ନ ହେବାରୁ ରେସମି ଲୁଗା ଏବଂ ଅନ୍ୟାନ୍ୟ ବ୍ୟବସାୟ ବିଶେଷ ଊଣା ପଡ଼ୁଅଛି ।

---

ମହୀଶୂରର ମହାରାଜା ବାହାଦୁରଙ୍କର ଶିକ୍ଷକ ଫ୍ରେଜର ସାହେବ ଏବଂ ଦେୱାନ ପ୍ରଭୃତିଙ୍କ ସଙ୍ଗରେ ଆସନ୍ତା ଜାନୁଆରି ମାସ ତା ୧୦ ରିଖରେ ଅନୁମାନତଃ କଲିକତାରେ ପହଞ୍ଚିବେ । କଲିକତାରେ ତହିଁ ଦିନ ରହି ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସହିତ ସାକ୍ଷାତ କରି ଆପଣା ଶିକ୍ଷକଙ୍କ ସହିତ ଭାରତର ନାନା ପ୍ରଧାନ ତୀର୍ଥ ଏବଂ ଅନ୍ୟାନ୍ୟ ସ୍ଥାନ ଯଥା ଦାର୍ଜିଲିଂ, କଲାଇଣ, ହରଦ୍ୱାର, ସିମଲା, ଲାହୋର, ଦିଲ୍ଲୀ, ଆଗ୍ରା, କାନପୁର, ଲକ୍ଷ୍ନୌ, ମଥୁରା, ବୃନ୍ଦାବନ, ଗ୍ୱାଲିୟର, ବରୋଦା, ଅହମଦାବାଦ, ବମ୍ବେ, ବିଜାପୁର ଭ୍ରମଣ କରି ଫେବୃୟାରି ମାସ ଶେଷରେ ସ୍ୱରାଜ୍ୟକୁ ପ୍ରତ୍ୟାଗମନ କରିବେ । ଏହି ଭ୍ରମଣ ମହାରାଜାଙ୍କର ଶିକ୍ଷାର ଏକ ଅଂଶସ୍ୱରୂପ ଅବଧାରିତ ହୋଇଅଛି ।

---

ଗତ ବର୍ଷାକାଳରେ ବଙ୍ଗ ପ୍ରଦେଶରେ ବିଶେଷ ବୃଷ୍ଟି ହେବାରୁ କଲିକତାର ନିକଟବର୍ତ୍ତୀ ସ୍ଥାନ ସମୂହର ସ୍ୱାସ୍ଥ୍ୟ କିଛି ଅଧିକ ପରିମାଣରେ ବିଗିଡ଼ି ଯାଇଅଛି । ଅର୍ଥାତ୍ ସଂକ୍ରାମକ ଜ୍ୱରର ପ୍ରାଦୁର୍ଭାବ ବିଶେଷ ହୋଇଅଛି । ପୁଲିସ ବଳ ଦେଶୀୟ ସୈନ୍ୟ, ସାଧାରଣ ଇଉରୋପୀୟ ଏବଂ ଦେଶୀୟ ଲୋକ ଏତେ ଅଧିକ ପୀଡ଼ିତ ହୋଇଅଛନ୍ତି ଯେ ଡାକ୍ତରଖାନାମାନ ପୂର୍ଣ୍ଣ ହୋଇଅଛି । ଯେଉଁ ବୃଷ୍ଟି ହେତୁ ବଙ୍ଗଳାରେ ଏଥର ଷୋଳଅଣା ଫସଲ ହେଲା ସେହି ହେତୁ ପୁଣି ରୋଗ ବଢ଼ିଲା । ଜଗତେ ସୁଖ ସଂସାରରେ ଅତି ଦୁର୍ଲଭ । ଅନ୍ୟ ସ୍ଥାନର ଦୁର୍ଭିକ୍ଷ ହେତୁ ବଙ୍ଗଳାର ପ୍ରଜାମାନେ ଉଚ୍ଚ ଦରରେ ଶସ୍ୟ ବିକି ଏକ ଦିଗରେ ଲାଭବାନ୍ ହେଲେ ହେଁ ଅନ୍ୟ ଦିଗରେ ଜ୍ୱରରେ ପଡ଼ି ତାହା ସୁଖରେ ଭୋଗ କରି ପାରୁ ନାହାନ୍ତି ।

---

ପୂର୍ବ ନିୟମାନୁସାରେ ବ୍ୟବସ୍ଥାପକ ସଭାରେ ୧୦ ଜଣ ବେସରକାରୀ ସଭ୍ୟ ନିର୍ବାଚିତ ହେଉଥିଲେ । ବର୍ତ୍ତମାନ ଯେଉଁ ନିୟମ ଭାରତୀୟ ଗେଜେଟରେ ପ୍ରକାଶିତ ହୋଇଅଛି ତଦନୁସାରେ ୭ ଜଣ ମାତ୍ର ବେସରକାରୀ ସଭ୍ୟ ନିର୍ବାଚିତ ହେବେ ଓ ଗବର୍ଣ୍ଣମେଣ୍ଟ ଇଚ୍ଛା କଲେ ବଣିକସଭା ଓ ଧନୁଦାଗର ସଭାକୁ ଯେଉଁ ନିର୍ବାଚନ ଅଧିକାର ଦେଇଅଛନ୍ତି ତାହା ରହିତ କରି ୭ ଜଣ ସ୍ଥଳେ ସଭ୍ୟ ସଂଖ୍ୟା ୫ ଜଣ ହୋଇ ପାରନ୍ତି । ପୂର୍ବରେ ବେସରକାରୀ ଲୋକ ୧୦ ଜଣ ଥାଇ ମଧ୍ୟା ସେମାନଙ୍କର ସଂଖ୍ୟା ସରକାରୀ ସଭ୍ୟଙ୍କ ସଂଖ୍ୟାପେକ୍ଷା ନ୍ୟୂନ ଥିଲା । ଏଥିରେ ସେମାନଙ୍କର ବଳ ଅଧିକ ଅଧିକ ହ୍ରାସ ହେଲା । ଯାହାଙ୍କୁ ନିର୍ବାଚନାଧିକାର ପ୍ରଦାନର ହେବ ନା ଗବର୍ଣ୍ଣମେଣ୍ଟ ଅନ୍ତର ସଙ୍କୋଚ କରିଅଛନ୍ତି । କି କାଳ ଆସି ହେଲା !

---

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଧମାଗ୍ରାମ ନିବାସୀ ବାବୁ ଜଳନ୍ଧେଶ୍ୱର ନେଣ ଲେଖିଅଛନ୍ତି ଯେ ସେଠାରେ ଷଡ଼ଙ୍ଗଯଜ୍ଞ ଶାନ୍ତି ନିମନ୍ତେ ଗୋଟିଏ ବୃହତ ଯଜ୍ଞର ଅନୁଷ୍ଠାନ ହୋଇଥିଲା । ପ୍ରତିଦିନ ୫ ଟାମି ଲେଖାଏଁ ଘୃତ ଅନ୍ତର ଦିଆଯାଇ ଏକୋଇଶ ଦିନ ପର୍ଯ୍ୟନ୍ତ ଏହି ଯଜ୍ଞ ଚାଲିଥିଲା । ପ୍ରତ୍ୟହ ପ୍ରାତଃକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନବରତ ହୋମ କୁଣ୍ଡରେ ଘୃତ ଢଳାଯାଉଥିଲା । ଯାଜ୍ଞିକ ପୁରୋହିତ ଶ୍ରୀ ଜଗନ୍ନାଥ ପୁରୋହିତ ଯଜ୍ଞର ସମସ୍ତ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିବାରୁ ସେଠାରେ ସମବେତ ହୋଇଥିବା ପ୍ରଜା, ଜମିଦାର ଓ ଅନ୍ୟ ସାଧାରଣ ଭଦ୍ରବ୍ୟକ୍ତିମାନେ ଉକ୍ତ ପୁରୋହିତଙ୍କୁ ସ୍ୱର୍ଣ୍ଣ କୁଣ୍ଡଳ ଓ ମୁଦ୍ରା ପୁରସ୍କାର ଦେଇ "କର୍ମୀଙ୍କ ଯାଗଜ ସାଗର" ପଦ ପ୍ରଦାନ କରି ଗୋଟିଏ ସନ୍ମାନ ଦେଲେ । ଯଜ୍ଞ ଶେଷ ଦିନ ଯଜ୍ଞସ୍ଥଳରେ ପ୍ରାୟ ୧୫୦୦୦ ଲୋକ ଜମା ହୋଇ ଦେବକାର୍ଯ୍ୟ ଶେଷ କରି ତୃପ୍ତଚିତ୍ତରେ ନିଜ୨ ଗୃହକୁ ଗମନ କଲେ ।

---

ଭାରତର ନାନା ସ୍ଥାନରେ ଦୁର୍ଭିକ୍ଷ ଲାଗିଥିବା ବିଷୟ ପାଠକମାନଙ୍କୁ ଜଣା ଅଛି । ତହିଁର ଉଗ୍ରତା ହ୍ରାସ ନ ହୋଇ ବରଂ ବର୍ଦ୍ଧିତ ହେଉଅଛି । ଗତ ମାସ ତା ୧୫ ରଖ ସୁଦ୍ଧା ଏକା ମଧ୍ୟପ୍ରଦେଶରେ ନଅଲକ୍ଷ ସାତଲକ୍ଷ ଲୋକ ଦୁର୍ଭିକ୍ଷ ସାହାଯ୍ୟରେ ଜୀବନ ଧାରଣ କରୁଥିଲେ । ଏକ ପକ୍ଷ ମଧ୍ୟରେ ଦୁର୍ଭିକ୍ଷ ସାହାଯ୍ୟପ୍ରାର୍ଥୀଙ୍କ ସଂଖ୍ୟା ବୋମ୍ବାଇ ପ୍ରଦେଶରେ ନ ୬୪୦୦୦ ଣ, ମଧ୍ୟପ୍ରଦେଶରେ ନ ୯୫୦୦୦ ଣ, ବେରାରରେ ନ ୨୫୦୦୦ ଣ, ଅଜମୀର ମାଇବାଡ଼ାରେ ନ ୧୦୦୦୦ ଣ, ରାଜପୁତାନାରେ ନ ୩୫୦୦୦ ଣ ଏବଂ ପଞ୍ଜାବରେ ନ ୧୨୦୦୦ ଣ ବୃଦ୍ଧି ହୋଇଥିଲା । ଏଥିରୁ ଦୁର୍ଭିକ୍ଷର ବାହୁ ଅତ୍ୟନ୍ତ ଅଧିକ ହୋଇଥିବାର ସ୍ପଷ୍ଟରୂପେ ପ୍ରକାଶ ପାଉଅଛି, ସୁଖର ବିଷୟ ଏଥର ଗବର୍ଣ୍ଣମେଣ୍ଟ ଅଗତ୍ରୁ ସାବଧାନ ହୋଇଥିବାରୁ ମୃତ୍ୟୁସଂଖ୍ୟା ଅତ୍ୟନ୍ତ ଊଣା, ଥାଇଁ ସାହାଯ୍ୟ ପ୍ରଦାନର ଯଥେଷ୍ଟ ବନ୍ଦୋବସ୍ତ ହୋଇଅଛି । ଦେଶୀୟ ରାଜାମାନେ ମଧ୍ୟ ସାହାଯ୍ୟଦାନର ଯଥୋଚିତ ବ୍ୟବସ୍ଥା କରୁଅଛନ୍ତି ।

---

Digitized by srujanika@gmail.com

Split by PDF Splitter

413



ଅନୁକୂଳଚନ୍ଦ୍ର ନାମକ କଲିକତା ବଉବଜାରର ଜଣେ ସୁନା ରୂପାର ବେପାରି ଜାଲ ମାରକା ଛାପ ଜମ୍ବୁଦଇର ସୁନା କାଠିମାନ ଉଚ କରର ସୁନା ବୋଲି ବିକ୍ରୟ କରୁଥିଲା । ନାଥ-ନଲ ବାବୁଙ୍କୁ ସେହି ପ୍ରକାର ଠକିବାରୁ ବାବୁ ତାହା ନାମରେ ଫଉଜଦାରୀରେ ନାଲିସ କରନ୍ତେ ପୁଲିସ ତଦନ୍ତରେ ଅନୁକୂଳଚନ୍ଦ୍ର ଘରୁ ଅନେକ ସେହିପରି ସୁନାକାଠି ଏବଂ ମାରକା ଛାପିବାର ଯନ୍ତ୍ର ଇତ୍ୟାଦି ପାଆ ଗଲା । ଯନ୍ତ୍ର ସଙ୍ଗେ ମାରକା ଠିକ ମିଶିଲା ଏବଂ ଟାଙ୍କଶାଳକୁ ପଠାଇ ପରୀକ୍ଷା କରାଇବାରେ ପ୍ରକାଶ ପାଇଲା କି ପ୍ରକୃତ ମାରକାର ସୁନାଠାରୁ ଏହା ନାଲମାରକାର ସୁନା ଅନେକ ନିରସ ଅଟେ । ଆସାମିର ଅପରାଧ ପ୍ରମାଣ ହେବା ଏବଂ ଅପରାଧ ଗୁରୁତର ଥିବା କହେତାରେ ମାଜିଷ୍ଟ୍ରେଟ ବାହାଦୁର ଆସାମିକ ଦଣ୍ଡବିଧିର ଧା ୪୦୬ ଓ ୪୦୨ ଧା ଏବଂ ମହାଜନୀ ମାରକା ଆଇନ ଅନୁସାରେ ଅପରାଧୀ ସାବ୍ୟସ୍ତ କରି ମା ୯ ସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ପ୍ରଦାନ କଲେ ଏବଂ ତାହା ଘରୁ ବାହାର ଥିବା ୨୬୩ରୁ ଓଜନର ସୁନା କାଠିକୁ ଜବତ କରି ସରକାରଙ୍କୁ ଦେଲେ । ବଣିକ୍‌ମାନେ ସାବଧାନ ହେଉନ୍ତୁ ।

—

ଅଜମିରରେ ଜଣେ ହିନ୍ଦୁ ବ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ବାସ କରୁଥିଲା । ବ ୨୦।୨୨ ବର୍ଷ ପୂର୍ବେ ସେ ସରକାରି କଚେରି ମାନଙ୍କରେ ଭଲ ଚାକିରି କରୁଥିଲା । ମାତ୍ର ଶେଷ କେତେକ ବର୍ଷ କେବଳ ଦରିଦ୍ରାବସ୍ଥାରେ ଦ୍ୱାରେ ଦ୍ୱାରେ ଭିକ୍ଷା ମାଗି ଜୀବନ ନିର୍ବାହ କରୁଥିଲା । ସମ୍ପ୍ରତି ତାହାର ମୃତ୍ୟୁ ହେବାରେ ପ୍ରତିବାସିମାନେ ତାହାର ଶବ ସତ୍କାରର ବ୍ୟୟ ନିମନ୍ତେ ଆପଣା ମଧ୍ୟରେ ଚେନ୍ଦା କରୁଥିଲେ । ପୁଲିସରେ ସମ୍ବାଦ ଦିଆ ହେବାରୁ ପୁଲିସ ତଦନ୍ତ ନିମନ୍ତେ ଆସି ତାହାର ଘର ତଲାସ କରନ୍ତେ କେତେଗୁଡ଼ିଏ କନା ପୁଟୁଳାରୁ ସନ ୧୮୬୨ ସାଲର ସରକାରୀ ନୋଟ କାଗଜମାନ କି ଯହିଁର ମୂଲ୍ୟ ଟ ୧୦,୦୦୦ଙ୍କା ଅଟେ ଏବଂ କେତେକ ମାଟି ପାତ୍ର ଓ କନାପୁଟୁଳାରୁ ସୁନା ମୋହର ଟଙ୍କା ଏବଂ ପଇସା ବାହାରିଲା । ସେ ସମସ୍ତ ସମ୍ପତ୍ତିର ମୂଲ୍ୟ ଟ ୧୨,୩୨୧ଙ୍କା ଅଟେ । ପୁଲିସ ଇନସ୍‌ପେକ୍ଟର କ୍ଲାର୍କ ସାହେବ ସେ ସବୁ ବସ୍ତୁଗତ କରି ସରକାରୀ ଖଜଣାଖାନାରେ ଜମା ଦେଇଅଛନ୍ତି । ସେ ଲୋକ ତାହା ପାଇଁ ଏତେ କଷ୍ଟ ପାଇ ଏତେ ଟଙ୍କା ସଞ୍ଚୟ କରିଥିଲା କେବେ ଜଣା ପଡ଼ିବ କି ? ସଂସାରରେ ଏମନ୍ତ କୃପଣଲୋକ ମଧ୍ୟ ଅଛନ୍ତି ! ଏମନ୍ତ ଅପଦାର୍ଥ କେହି ଉତ୍ତରାଧିକାରୀ ବାହାରିଲେ ତାହାକୁ ଭାଗ୍ୟବାନ୍ ବୋଲିବାକୁ ହେବ ।

—

ଦେଢ଼ମାସରୁ ଅଧିକକାଳ ଭ୍ରମଣ କରି ମହାମାନ୍ୟ ଲର୍ଡ ଲାନ୍‌ସଡାଉନ ଗବର୍ଣ୍ଣର ଜେନେରଲ ବାହାଦୁର ଗତ ସୋମବାର ଅପରାହ୍ଣକାଳରେ ସମୁଚିତ ସମାରୋହ ସହିତ କଲିକତା ରାଜଧାନୀରେ ପ୍ରତ୍ୟାଗମନ କଲେ । ଏହି ଦୀର୍ଘକାଳର ଭ୍ରମଣରେ ସେ ବମ୍ବାଇ ମଧ୍ୟଭାରତ ଏବଂ ଉତ୍ତରପଶ୍ଚିମର ନାନାସ୍ଥାନ ସନ୍ଦର୍ଶନ ପୂର୍ବକ ଯେମନ୍ତ ବିଚକ୍ଷଣ ବୁଦ୍ଧି ଏବଂ ହୃଦ୍ୟାର୍ଦ୍ର-ଅନ୍ତଃକରଣର ପରିଚୟ ଦେଇଅଛନ୍ତି ତେମନ୍ତ ସଚରାଚର ଦେଖାଯାଏ ନାହିଁ ଏବଂ ତାହାଙ୍କର ସହୃଦୟ ଦେଖି ଏବଂ ସହାନୁଭୂତି କଥାମାନ ଶୁଣି ସର୍ବସାଧାରଣଙ୍କ ମନରେ ଧାରଣା ହୋଇଅଛି ଯେ ତାହାଙ୍କର ଭାରତକୁ ଶୁଭାଗମନ ସମୟରେ ଯେ ସମସ୍ତ ମଙ୍ଗଳର ଆଶା ହୋଇଥିଲା ସେ ସବୁ ତାହାଙ୍କ ଶାସନକାଳରେ ବହୁପରିମାଣରେ ସଂସାଧିତ ହେବ । ସେ ଆପଣାର ସ୍ୱାସ୍ଥ୍ୟପ୍ରତି ଆସ୍ଥା ନ କରି ପେଲେଗ ଏବଂ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ମଧ୍ୟରେ ଉପସ୍ଥିତ ହୋଇ ସ୍ୱଚକ୍ଷୁରେ ସାହାଯ୍ୟର ବନ୍ଦୋବସ୍ତ ଦେଖିଅଛନ୍ତି ଏବଂ କର୍ମଚାରୀମାନଙ୍କୁ ଉପଯୁକ୍ତ ଉପଦେଶ ଦେଇ ଅଛନ୍ତି । ଏପ୍ରକାର ସହାନୁଭୂତି ଅତି ମୂଲ୍ୟବାନ୍ ଏବଂ ତାହାଙ୍କଦ୍ୱାରା ଏ ଦେଶର କୀର୍ତ୍ତିକଳାପ ଏବଂ ଶିଳ୍ପାଦି ବ୍ୟବସାୟ ପ୍ରତି ବିଶେଷ ସହାନୁଭୂତି ପ୍ରକାଶ କରି ସେ ସମସ୍ତ ରକ୍ଷାକରିବା ନିମନ୍ତେ ପ୍ରତିଶ୍ରୁତ ହୋଇଅଛନ୍ତି । ଦେଶୀୟ ରାଜା ଓ ଜମିଦାରମାନଙ୍କୁ ଯେ ସମସ୍ତ ସଦୁପଦେଶ ଦେଇଅଛନ୍ତି ତଦ୍ୱାରା ବିଚକ୍ଷଣ ବୁଦ୍ଧି ଏବଂ ଉଦାରତାର ଉତ୍ତମ ପରିଚୟ ଦେଇଅଛନ୍ତି । ଏ ସମସ୍ତ ନିମନ୍ତେ ଆମ୍ଭେମାନେ ତାହାଙ୍କୁ ହୃଦୟର ସହିତ ଧନ୍ୟବାଦ ଦେଉଅଛୁଁ ।

—

ଜାତୀୟ ମହାସମିତିର ଅଧିବେଶନ ଅତି ସନ୍ନିକଟ । ଭିନ୍ନ ଭିନ୍ନ ସ୍ଥାନର ପ୍ରତିନିଧିମାନେ ନିର୍ବାଚିତ ହୋଇ ଲକ୍ଷ୍ନୌ ଗମନ କରୁଅଛନ୍ତି । ଓଡ଼ିଶାରୁ କେତେ ବର୍ଷ ହେଲା ପ୍ରତିନିଧି ଯାଉ ନାହାନ୍ତି । ଏ ବର୍ଷ ମଧ୍ୟ କେହି ଯିବାର ଶୁଣା ନାହିଁ । ଲକ୍ଷ୍ନୌ ସହର ନିବାସୀ ଅଧିକାଂଶ ମୁସଲମାନ ଏବଂ ଅନେକ ମୁସଲମାନ ମହାସମିତିର ବିରୋଧୀ । ସେଠାରେ ମହାସମିତିର ଅଧିବେଶନର ଆୟୋଜନ ଦେଖି ତହିଁର ପ୍ରତିକୂଳାର୍ଥେ ଏକ ମୁସଲମାନ ସଭା ଆହୂତ ହୋଇଥିଲା । ସେଥିର ପ୍ରତିକୂଳାଚରଣାର୍ଥେ ପ୍ରଥମେ ସ୍ଥିର ହେଲା ଯେ ୫ ସହସ୍ର ଲୋକ ସଭାରେ ଯୋଗ ଦେଇଥିଲେ କିନ୍ତୁ ପ୍ରକାଶ ପାଇଅଛି ୧୨ ଶତରୁ ଅଧିକ ଲୋକ ସଭାରେ ଉପସ୍ଥିତ ହୋଇ ନ ଥିଲେ ଓ ତନ୍ମଧ୍ୟରୁ ଅଧିକାଂଶ ଅଶିକ୍ଷିତ ଲୋକ ଥିଲେ । ଅନ୍ୟ ପକ୍ଷରେ ଦେଖାଯାଏ ଯେ ସେହି ନଗରରେ ମହାସମିତି ନିମନ୍ତେ ୨୦ ଜଣ ମୁସଲମାନ ପ୍ରତିନିଧି ନିର୍ବାଚିତ ହୋଇ ଅଛନ୍ତି । ଅତଏବ ଆଶା ହୁଏ କେତେକ ଭ୍ରାନ୍ତ ମୁସଲମାନଙ୍କର ବିଦ୍ୱେଷ ଭାବକୁ ଅତିକ୍ରମ କରି ସମିତି କାର୍ଯ୍ୟ ସାଧନ କରିବାକୁ ସମର୍ଥ ହେବେ । ପ୍ରକୃତରେ ଜାତି ବା ଧର୍ମ ବିଶେଷର ହିତ ସାଧନ ମହାସମିତିର ଉଦ୍ଦେଶ୍ୟ ନୁହେ । ଭାରତର ସକଳ ସମ୍ପ୍ରଦାୟର ଲୋକଙ୍କ ମଙ୍ଗଳ ନିମନ୍ତେ ଯାହା ଆବଶ୍ୟକ ନମ୍ରଭାବରେ ଗବର୍ଣ୍ଣମେଣ୍ଟଙ୍କୁ ସେ ସମସ୍ତ ଜଣାଇ ଉଚିତ ପ୍ରତିକାର ପାଇବା ମହାସମିତିର ଅଭିପ୍ରାୟ ଏବଂ ଏଥିରେ ସମସ୍ତ ଶ୍ରେଣୀର ଲୋକଙ୍କର ଯୋଗ ଦେବା ଉଚିତ । ଅମେଳର କୌଣସି କାରଣ ନାହିଁ । ତହିଁରେ ଅମଙ୍ଗଳର ଆଶଙ୍କା ।

—

ଗତ ନବମ୍ବର ମାସ ତା ୨୯ ରାତିରେ କଲିକତା ଅଲିପୁରସ୍ଥ ଉଡ଼ଲଣ୍ଡ ଭବନରେ କୁଚବିହାର ମହାରାଜାଙ୍କର ରାଜକୁମାରୀ ସୁକୃତି ବାଳୀଙ୍କ ସହିତ କଲିକତା ନଗରବାସୀ ଶ୍ରୀଯୁକ୍ତ ଜେ, ଏନ, ଘୋଷାଲଙ୍କର ପୁତ୍ର ଶ୍ରୀମାନ୍ ଜ୍ୟୋତ୍ସ୍ନାନାଥ ଘୋଷାଲଙ୍କର ଶୁଭ ବିବାହ ବହୁ ସମାରୋହ ସହିତ ସମାଧା ହେଲା । ବାବୁ ଜ୍ୟୋତ୍ସ୍ନାନାଥ ବିଲାତରେ ସିଭିଲସରଭିସ ପାସ କରି ବମ୍ବେଇ ପ୍ରଦେଶରେ ନିଯୁକ୍ତ ହୋଇ ବର୍ତ୍ତମାନ ଅହମଦାବାଦନଗରରେ ଅସିଷ୍ଟାଣ୍ଟ କଲେକ୍ଟର କାର୍ଯ୍ୟ କରୁଅଛନ୍ତି । ବିବାହ ଅବଶ୍ୟ ବ୍ରାହ୍ମମତରେ ହୋଇଥିଲା ଏବଂ ଶ୍ରୀଯୁକ୍ତ ଭାଇ ପ୍ରତାପ ଚନ୍ଦ୍ର ମଜୁମଦାର ଆଚାର୍ଯ୍ୟର କାର୍ଯ୍ୟ ନିର୍ବାହ କରିଥିଲେ ବିବାହ ମଜଲିସ ଅତି ପରିପାଟିରୂପେ ସୁସଜ୍ଜିତ ଏବଂ ବୈଦ୍ୟୁତିକ ଆଲୋକଦ୍ୱାରା ଆଲୋକିତ ହୋଇଥିଲା । ସ୍ୱଦେଶୀ ଏବଂ ବିଦେଶୀ ଅନେକ ଗଣ୍ୟମାନ୍ୟ ଭଦ୍ରଲୋକମାନେ ସଭାରେ ଉପସ୍ଥିତ ଥିଲେ । ଏହି ଶୁଭଘଟଣା ଉପଲକ୍ଷରେ କର

Digitized by srujanika@gmail.com

Split by PDF Splitter

414



ଲୋକ୍ୟଙ୍କୁ ଯେ ସବୁ ବହୁମୂଲ୍ୟ ଦ୍ରବ୍ୟ ଯୌତୁକ ଦିଆଯାଇଥିଲା ତାହା ଶୁଣିଲେ ଆଶ୍ଚର୍ଯ୍ୟ ହେବ । ଏହା ଶ୍ରୀମତୀ ଭାରତେଶ୍ୱରୀ ଏବଂ ତାହାଙ୍କ ଜ୍ୟେଷ୍ଠ ପୁତ୍ର ପ୍ରିନ୍ସ ଅଫ୍ ୱେଲ୍ସଙ୍କ ଦଳଙ୍କରୁ ପ୍ରେରିତ ଯୌତୁକର ମୂଲ୍ୟ ଲକ୍ଷାଧିକ ଟଙ୍କା ଅଟେ । ବିବାହାନ୍ତେ ରାତ୍ରି ୩ ୧ ଘଣ୍ଟା ବେଳେ ହାକିମ ଓ ବଙ୍ଗାଳୀମାନଙ୍କର ବୃହତ୍ ଭୋଜି ହୋଇଥିଲା । ସାହେବମାନଙ୍କ ସକାଶେ ହୋଟେଲରୁ ଖାଦ୍ୟସାମଗ୍ରୀ ଆସିଥିଲା ଏବଂ ବଙ୍ଗାଳୀମାନଙ୍କର ଖାଦ୍ୟ ଘରେ ପ୍ରସ୍ତୁତ ହୋଇଥିଲା । ପ୍ରାୟ ୬୦୦ ଜଣ ବଙ୍ଗାଳୀ ଏକତ୍ରେ ବସିଥିଲେ । ମତ୍ସ୍ୟ, ମାଂସ, ତରକାରି, ମିଷ୍ଟାନ୍ନ, ଫଳମୂଳ, ଆଚାର, ଚଟଣି ପ୍ରଭୃତି ପ୍ରାୟ ଦେଢ଼ଶତ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା । ସମସ୍ତେ ତୃପ୍ତି ସହିତ ଭୋଜନ କରି ବିଦାୟ ହୋଇ ଗଲେ । ଏ ଦେଶୀୟ ରାଜକନ୍ୟାର ଅନ୍ୟବଂଶ ସହିତ ବିବାହ ପ୍ରଥମ ବୋଲି ଦେଖାଯାଏ । ଅମ୍ଭେମାନେ ନବଦମ୍ପତିଙ୍କର ଦୀର୍ଘାୟୁ ଏବଂ ଅଶେଷ ସୁଖ ସମୃଦ୍ଧି କାମନା କରୁଁ ।

---

ଗତ ଶନିବାର ଅପରାହ୍ନ ୫ ଘଣ୍ଟା ବେଳେ ମାନ୍ୟବର ଲର୍ଡ ଏଲ୍‌ଗିନଙ୍କର ବେଲଭେଡିୟର ଭବନରେ ଉପାଧି ସନନ୍ଦ ଓ ଖିଲତ ବିତରଣ ନିମନ୍ତେ ଦରବାର ହୋଇଥିଲା । କଲିକତାର ବହୁ ଗଣ୍ୟମାନ୍ୟ ଦେଶୀୟ ଲୋକ ଏବଂ ଉଚ୍ଚ ଇଉରୋପୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଦରବାର ଗୃହଟି ଉତ୍ତମରୂପେ ସୁସଜ୍ଜିତ ହୋଇଥିଲା ଏବଂ ବୈଦ୍ୟୁତିକ ଆଲୋକମାଳା ଏବଂ ରାଜା ମହାରାଜା ପ୍ରଭୃତି ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ନାନାବର୍ଣ୍ଣର ଝଲମଲ ପରିଚ୍ଛଦରେ ଅତିଶୟ ମନୋହର ଦିଶୁଥିଲା । ଦରବାରର ନିୟମାନୁସାରେ ମାନ୍ୟବର ବଡ଼ଲାଟ ହିଜ ଏକ୍ସେଲେନ୍ସି ବାହାଦୁର ଦରବାରରେ ପ୍ରବେଶ ଓ ଆସନ ଗ୍ରହଣ କରିବାରୁ ଉପସ୍ଥିତ ଥିବା ୩ ଜଣ ମହାମହୋପାଧ୍ୟାୟ, ୧ ଜଣ ଖାନ ବାହାଦୁର, ୮ ଜଣ ରାୟ ବାହାଦୁର ଏବଂ ୧ ଜଣ ରାୟସାହେବଙ୍କୁ ଯଥା ବିଧିରେ ଖିଲତ ଓ ସନନ୍ଦ ପ୍ରଦାନ କରି ସେମାନଙ୍କୁ ଏକତ୍ରେ ସମ୍ବୋଧନ କରି ସେମାନଙ୍କର ସ୍ୱ ସ୍ୱ ସମ୍ମାନ ଲାଭରେ ମଙ୍ଗଳ କାମନା ଏବଂ ଆନନ୍ଦ ପ୍ରକାଶ ପୂର୍ବକ ସେହି ଉପାଧିମାନ ଚିରକାଳ ଭୋଗ କରିବା ଏବଂ ଅଧିକତର ସମ୍ମାନର ଯୋଗ୍ୟ ହେବାର କାମନା ପ୍ରକାଶ କଲେ । ତଦନନ୍ତର ସମାଗତ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ସମ୍ବୋଧନ ପୂର୍ବକ କହିଲେ ଯେ ଗତାବ୍ଦ ଓ ଏ ବର୍ଷ ଅନାବୃଷ୍ଟି ପ୍ରଦେଶରେ ଘଟିଥିବା ଦୁର୍ଭିକ୍ଷରୁ ସୌଭାଗ୍ୟକ୍ରମେ ବଙ୍ଗପ୍ରଦେଶ ରକ୍ଷା ପାଇଅଛି ଏବଂ ମୋଟରେ ଏଥର ପୂର୍ଣ୍ଣ ଫସଲ ହୋଇଅଛି ଏବଂ ମଧ୍ୟ ସମ୍ପର୍କରେ ଭୟ ନଥାଏ । ଭାଗଲପୁର ଏବଂ ଦାରଜିଲିଂରେ ପ୍ରବଳ ଜଳବାତାସ ଅନେକ ଅନିଷ୍ଟ କରିଅଛି । ବିଶେଷତଃ ଦାରଜିଲିଂରେ ଅନେକ ଲୋକ ଘର ଓ ସଡ଼କର ଯେଉଁ କ୍ଷତି କରିଅଛି ତହିଁର ପ୍ରତିକାର ଶୀଘ୍ର ହେବା ଆବଶ୍ୟକ । ଏ ବିଷୟରେ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଶୀଘ୍ର ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ ହେବ । ଅନ୍ୟ ଚିନ୍ତାର ବିଷୟ ପେଲଗସ୍ୱେଲ ଅଟେ । ଏହା କଲିକତାରୁ ଅନ୍ତର ହୋଇ ନାହିଁ ଏବଂ ବିହାରରେ ପାଦ ଦେଖା ଦେଇଅଛି । ମାଘ ଭାଦ୍ରବଶତଃ ବମ୍ବେର ଓ ପୁନାପର କଲିକତାର ଜଳବାୟୁ ଏ ରୋଗର ବୃଦ୍ଧିର ଅନୁକୂଳ ନୁହେ ଏବଂ ଆଶାକରୁଅଛି ଶୀତକାଳ ଅନ୍ତେ ଏ ନଗରରୁ ବିଦାୟ ହୋଇଯିବ । ପରଶେଷରେ ସମସ୍ତଙ୍କର ମଙ୍ଗଳ କାମନା କରି ମାନ୍ୟବର ମହୋଦୟ ଯଥା ସମାରୋହରେ ଦରବାରରୁ ବିଦାୟ ହୋଇଗଲେ ଏବଂ ଦରବାର ଭଙ୍ଗ ହେଲା ।

---

## ଟ୍ରାନ୍ସଭାଲ ଯୁଦ୍ଧ ।

ତା ୧୬ ରଖ ତାର ସମ୍ବାଦ । ବୁଅରମାନେ କହନ୍ତି ସେମାନେ ଷ୍ଟର୍ମବର୍ଗଠାରୁ ୫ କୋଶ ଦୂରଯାଏ ଅଧିକାର କରିଅଛନ୍ତି ।

ମେଫକିଙ୍ଗଠାରେ ଗୋଳାବର୍ଷଣ କ୍ରମଶଃ ବୃଦ୍ଧି ହୋଇଅଛି । ସୈନ୍ୟମାନଙ୍କର ଖାଦ୍ୟ ପରିମାଣ କମ୍ କରାଯାଇଅଛି ।

ବୁଅରମାନେ ଗ୍ଲେନକୋ ପରିତ୍ୟାଗ କରିଅଛନ୍ତି ଇଂରେଜବନ୍ଦୀଙ୍କମଧ୍ୟ ~୨୭୦ ସୈନ୍ୟ ପଠାଇଅଛନ୍ତି ।

ତା ୧୩ ରଖ ତାର ସମ୍ବାଦ । ସେନାପତି ହ୍ୱାଇଟ ସମ୍ବାଦ ଦେଇଅଛନ୍ତି ରବିବାର ରାତିରେ କର୍ଣ୍ଣେଲ ମେଟକାଫ ୫୦୦ ସୈନ୍ୟ ସଙ୍ଗେ ଅନ୍ଧକାର ରାତ୍ରିରେ ସରପ୍ଲାଇଙ୍ଗ୍ ପାହାଡ଼ର ଉପର ଭାଗରେ ପହଞ୍ଚି ବୁଅର ସୈନ୍ୟମାନଙ୍କୁ ଆକ୍ରମଣ କରି ଦେଇଥିଲେ । ସେହି ଅଦ୍ଭୁତ ସମୟରେ ବୁଅରମାନେ ବାଟରେ ବାଧା ଦେଇଥିଲେ ମାତ୍ର ଇଂରେଜ ସୈନ୍ୟ ବଳପୂର୍ବକ ବାଟ କରି ଫେରି ଆସିଥିଲେ । ବୁଅରଙ୍କର ଅନେକ କ୍ଷତି ହୋଇଥିଲା । ଇଂରେଜ ପକ୍ଷରୁ ଜଣେ ଲେଫ୍‌ଟେନେଣ୍ଟ ଓ ୧୦ ଜଣ ସୈନ୍ୟ ହତ ହୋଇଥିଲେ । ପ୍ରିଟୋରିଆରୁ ରଏଟରଙ୍କ ସମ୍ବାଦ ଦେଉଅଛନ୍ତି ଯେ ଇଂରେଜ କଲେନ୍ସୋର ୩ ମାଇଲ ଅନ୍ତର ପର୍ଯ୍ୟନ୍ତ ନିର୍ବିବାଦେ ଅଧିକାର କରିଅଛନ୍ତି ।

ସେନାପତି ଭଲର ଅକର୍ମଣ୍ୟ ହୋଇ ଗୃହକୁ ପ୍ରତ୍ୟାଗମନ କରିଅଛନ୍ତି ।

ଲର୍ଡ ମେଥୁଏନ ସମ୍ବାଦ ପଠାଇଅଛନ୍ତି ଯେ ମଡାର ନଦୀ ତଟରେ ରବିବାର ଦିନ ଅପରାହ୍ନ ୪ ଘଣ୍ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଘୋରତର ଯୁଦ୍ଧ ହୁଏ । ଗୁଳିକୁ ଗୁଳି ବର୍ଷା ହୁଏ । ସୋମବାର ଦିବସ ଯୁଦ୍ଧରେ ସେନାପତି ଓ୍ୱାଉଚୋପର ମୃତ୍ୟୁ ହୁଏ । ତାଙ୍କ ସହସ୍ର ହାଇଲାଣ୍ଡର ସୈନ୍ୟ ସହ ଯୁଦ୍ଧ କରିବାକୁ ହୋଇଥିଲା ।

ସେନାପତି ଓ୍ୱାଉଚୋପ ୧୮୬୭ ସାଲରେ ସୈନିକଦଳରେ ଭୁକ୍ତ ହୋଇ ୧୮୭୮ ସାଲରେ କାପ୍ତାନ, ୧୮୮୪ ସାଲରେ ମେଜର, ୧୮୯୪ ସାଲରେ ଲେଫ୍ଟେନେଣ୍ଟ କର୍ଣ୍ଣେଲ, ୧୮୯୮ ସାଲରେ କର୍ଣ୍ଣେଲ ଓ ମେଜର ଜେନେରାଲ ପଦବୀକୁ ଉନ୍ନତି ଲାଭ କରିଥିଲେ । ଏ ମହାତ୍ମା ୧୮୭୩ ସାଲର ଅଶାନ୍ତି ୧୮୮୨ ସାଲର ମିଶରଯୁଦ୍ଧର ୧୮୮୪-୮୫ ସାଲର ସୁଦାନ ଯୁଦ୍ଧରେ ଉପସ୍ଥିତ ଥିଲେ ଅବଶେଷରେ ଖାର୍ଟୁମ ଯୁଦ୍ଧରେ ସୈନ୍ୟାଧ୍ୟକ୍ଷ କାର୍ଯ୍ୟ କରିଥିଲେ ।

ତା ୧୪ ରଖ ତାର ସମ୍ବାଦ । ଲର୍ଡ ମେଥୁଏନ ମଙ୍ଗଳବାର ଦିବସ ଯୁଦ୍ଧ ବିଷୟରେ ଲେଖିଅଛନ୍ତି ଯେ ବୁଅରମାନେ ଅତି ଦୃଢ଼ସ୍ଥାନ ଅନେକ ଦଳରେ ଥିବାରୁ ସେ ମଡାର ନଦୀ ନିକଟକୁ ଫେରି ଆସିଲେ । ବୁଅର ବନ୍ଦୀମାନେ କହନ୍ତି ସେମାନଙ୍କର କ୍ଷତି ଭୟାନକ ହୋଇଅଛି ।

ଜେନେରାଲ ଗେଟେକର ବୁସମାନଙ୍କର ପରିତ୍ୟାଗ କରି ଷ୍ଟର୍ମବର୍ଗଠାରେ ଉପସ୍ଥିତ ହୋଇଅଛନ୍ତି ।

ଷ୍ଟର୍ମବର୍ଗ ଯୁଦ୍ଧରେ ଯେଉଁମାନେ ହଜିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆସି ଯୋଗ ଦେଇଅଛନ୍ତି ।

୭ ମ ଡିଭିଜନ ସୈନ୍ୟ ସଜ୍ଜିତ ହେବା ନିମନ୍ତେ ଆଦେଶପ୍ରାପ୍ତ ହୋଇଅଛନ୍ତି । ଦକ୍ଷିଣ ଆଫ୍ରିକାରେ ଯୁଦ୍ଧରେ ଉପସ୍ଥିତ ହେବା ନିମନ୍ତେ ନୂତନ କରିଣ ଉଏଲ ଅତୁଳ ଅଧିକ ସୈନ୍ୟ ପଠାଇବାକୁ ପ୍ରସ୍ତୁତ ଅଛନ୍ତି ।

ମିଃ ଉଇନଷ୍ଟନ୍ ଚର୍ଚ୍ଚିହିଲ ପ୍ରିଟୋରିଆଠାରୁ ପଳାୟନ କରିଅଛନ୍ତି ।

ସାର ଚାର୍ଲସ୍ ଓ୍ୱାରେନ୍ କେପ୍ ଟାଉନରେ ପହଞ୍ଚି ଅଛନ୍ତି ।

Digitized by srujanika@gmail.com

Split by PDF Splitter



ତା ୧୩ ରିଖ ତାର ସମ୍ବାଦ । ସେନାପତି ମାଥୁଏନ ମଗାରଫଣ୍ଟଇନରୁ ଫେର ଆସିବାର କାରଣ ଏହି ଯେ ସେମାନେ ଯେଉଁ ସ୍ଥାନକୁ ଅଗ୍ରସର ହୋଇଥିଲେ ସେଠାରେ ଜଳର ଅଭାବ ହୋଇଥିଲା ।

ରଞ୍ଜପୋର୍ଟ ନଗରୁ ବୁର ସୈନ୍ୟମାନେ ଅଗ୍ରସର ହେଉଥିଲେ । ସେନାପତି ଫ୍ରେଞ୍ଚ ବାଟରେ ଅଟକ କରିବାରୁ ବୁରମାନେ ସେମାନଙ୍କର ପୂର୍ବ ସ୍ଥାନକୁ ଫେରିଗଲେ । ବୁରମାନଙ୍କରୁ ୬୦ ଜଣ ହତ ଓ ଆହତ ହୋଇଥିଲେ । ଇଂରେଜ ସୈନ୍ୟ କଲେନ୍ସୋ ନିକଟସ୍ଥ ବୁର ସୈନ୍ୟମାନଙ୍କୁ ଆକ୍ରମଣ କରିବା ନିମନ୍ତେ ଅଗ୍ରସର ହେଉଅଛନ୍ତି ।

ପ୍ରିଟୋରିଆରୁ ତାରସମ୍ବାଦ ଆସିଅଛି ଯେ ମେଫକିଙ୍ଗଠାରେ ଭୟାନକ ଯୁଦ୍ଧ ହୋଇଥିଲା ମାତ୍ର ବୁରମାନେ ବ୍ରିଟିଶ ଦୁର୍ଗ ଅଧିକାର କରିବାକୁ ଅକ୍ଷମ ହୋଇଥିଲେ, ଅରେଞ୍ଜ ନଦୀର ପୂର୍ବ ତରଫ ୧୦ ମାଇଲ ଅନ୍ତରରେ ଗୋଟିଏ ଯୁଦ୍ଧ ହୋଇଥିଲା ।

ଲର୍ଡ ଗ୍ଲର୍ଫ ବେରସ୍ଫୋର୍ଡ ମେଭଟଇନଙ୍କ ସେନା ସହିତର ୨ ୟ ସେନାପତିପଦରେ ନିଯୁକ୍ତ ହୋଇଅଛନ୍ତି ।

ତା ୧୫ ରିଖ ତାର ସମ୍ବାଦ । ମଡାର ନଦୀର ଯୁଦ୍ଧରେ ବୁଅରମାନଙ୍କର ହତସଂଖ୍ୟା ୭୦୦ ରୁ ବେଶି ହେବ ।

ସେନାପତି ବୁଲର ହିଭଲ ଜିବକାରୁ ନିମ୍ନଲିଖିତ ସମ୍ବାଦ ପଠାଇଅଛନ୍ତି ।

ଟୁଗେଲା ନଦୀରେ ବ୍ରିଟିଶ୍ ସୈନ୍ୟ ବନ୍ଧୁ ଦର୍ପରେ ଶତ୍ରୁ ସୈନ୍ୟ ଭେଦ କରି ବାଟ କରି ଯିବା ପାଇଁ ଅଗ୍ରସର ହେବାକୁ ଚେଷ୍ଟା କରିଥିଲେ ମାତ୍ର ଅନେକ କ୍ଷତି ସହ୍ୟ ଓ ୧୧ ଗୋଟି ତୋପ ଛାଡ଼ି ଦେଇ ହିଭିଲକୁ ଫେରି ଆସିବାକୁ ବାଧ୍ୟ ହେଲେ ।

ଏ ଯୁଦ୍ଧରେ ଜେନେରଲ ବୁଲରଙ୍କର ଅନେକ କ୍ଷତି ହୋଇଅଛି । ୯୬ ଜଣ ହତ ୬୬୭ ଆହତ ହୋଇଅଛନ୍ତି ଓ ୩୪୮ ଜଣ ମିଳୁ ନାହାନ୍ତି । ଏହାର ୧୩ ଗୋଟି ଘୋଡ଼ା ମରି ପଡ଼ିଅଛନ୍ତି ଏବଂ ଗୋ ୧୦ ଟା ତୋପ ଶତ୍ରୁ ହସ୍ତଗତ ହୋଇଅଛି । ଅନ୍ୟାନ୍ୟ କପ୍ତାନ ଓ ଲେଫ୍ଟେନେଣ୍ଟଙ୍କ ମୃତ୍ୟୁରେ ଲର୍ଡ ରବର୍ଟଙ୍କ ପୁତ୍ର ଲେଫ୍ଟେନେଣ୍ଟ ରୋବର୍ଟଙ୍କର ମୃତ୍ୟୁ ଘଟିଅଛି ।

ତା ୧୭ ରିଖ ତାର ସମ୍ବାଦ । ଷ୍ଟର୍ମବର୍ଗରେ ବ୍ରିଟିଶ୍ ସୈନ୍ୟଙ୍କ ପରାଜୟରେ କେପ୍ ପ୍ରଦେଶର ଓଲନ୍ଦାଜ ବିଦ୍ରୋହ କରୁଅଛନ୍ତି ।

ତା ୧୮ ରିଖ ତାର ସମ୍ବାଦ । ଲର୍ଡ ରବର୍ଟ ନାଟାଲ ଯୁଦ୍ଧର ପ୍ରଧାନ ସେନାପତି ପଦରେ ନିଯୁକ୍ତ ହୋଇଅଛନ୍ତି । ଜେନେରଲ ବୁଲର ମନ ସ୍ଥିର କରି କାର୍ଯ୍ୟ କରିବା ନିମନ୍ତେ ଲର୍ଡ ରବର୍ଟଙ୍କ ନିଯୋଗ ଆବଶ୍ୟକ ହୋଇଅଛି ।

---

# ସାପ୍ତାହିକ ସମାଚାର

## କଲିକତା-ଗେଜେଟ୍ ।

ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ, ଜେ, ଏଲ, ହୁରଲ୍ଡ ମିଃ ଇ, ଏଫ୍ ଗ୍ଲାଇସଙ୍କ ଅନୁପସ୍ଥିତ କାଳ ଅଥବା ଅନ୍ୟାନ୍ୟ ଅର୍ଡର ପର୍ଯ୍ୟନ୍ତ କଟକର ଏବଂ ମାଜିଷ୍ଟ୍ରେଟ ଓ କଲେକ୍ଟର ନିଯୁକ୍ତ ହେଲେ ।

ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଏଚ୍, ଜି, ଡବ୍ଲ୍ୟୁ, ମେଡ ଅନ୍ୟାନ୍ୟ ପର୍ଯ୍ୟନ୍ତ ପ୍ରଥମ ଗ୍ରେଡର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରସ୍ୱରୂପ କଟକ ଜଗତସିଂହପୁର ମହକୁମାରେ ଅବସ୍ଥାନ କଲେ ।

ପ୍ରାଦେଶିକ ମାଜିଷ୍ଟ୍ରେଟ ଓ ଅନ୍ୟାନ୍ୟମାନଙ୍କ ଗତ ଭାଷା ବିଷୟକ ପରୀକ୍ଷାରେ ନିମ୍ନଲିଖିତ କର୍ମଚାରୀମାନେ ଉଚ୍ଚ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| | ବିଷୟ |
| ମିଃ ସତ୍ୟେନ୍ଦ୍ର ଚନ୍ଦ୍ର ମଲ୍ଲିକ | ଅଙ୍କ |
| ମୌଲବୀ ସୟଦ ଅବଦୁଲ ମଜିଦ | ଓଡ଼ିଆ |
| ବାବୁ ମାଧବଲାଲ | |

ବାଲେଶ୍ୱର ମିଉନିସିପାଲ କମିଶନରମାନଙ୍କର ନିର୍ବାଚନ ୧୯୦୦ ସାଲ ମାର୍ଚ୍ଚ ମାସ ତା ୮ ରିଖ ହେବାର ଦିବସ ହେବାର ନିର୍ଦ୍ଧାର୍ଯ୍ୟ ହୋଇଅଛି ।

---

ଏ ସପ୍ତାହରେ ମଧ୍ୟ ଅତ୍ୟନ୍ତ ପ୍ରବଳ ଶୀତ ହୋଇଥିଲା ।

ଏ ନଗରର ସ୍ୱାସ୍ଥ୍ୟ ଭଲ ଅଛି ।

ନୂଆ ଚାଉଳ ଗତ ସପ୍ତାହଠାରୁ ଏ ନଗରକୁ ଆସିଅଛନ୍ତି ମୂଲ୍ୟ ନ୍ୟୂନ ହୋଇ ନାହିଁ ।

କେନ୍ଦ୍ରାପଡ଼ାର ମହକୁମା ଓ ୪ ଟ ହେଲ ଏ ନଗରକୁ ଆସି ନୂଆ ବନ୍ଦୋବସ୍ତ କୋଠିରେ କାମ କରିଅଛନ୍ତି ।

ମହାନଦୀ ଘୋଡ଼ା ନଦୀରେ ଜଣେ ସେଖ ଜମିଦାର ମାସୁଲ ବୋଝ ପ୍ରତି ଲମ୍ବ ଉପରେ ୫ ୵ ଲେଖାଏଁ ଆଦାୟ କରୁଅଛି ।

ମନ୍ଦ୍ରାଜ ଦେଶରେ ପ୍ରତିଦିନ ୮୧୦୦ ମଣ ଧାନ ବୋଝାଇ ନୌକା ଯାଜପୁର ଅଞ୍ଚଳକୁ ଯାଉଅଛି ।

ଚାଉଳଗୋଳା ଗଞ୍ଜର ଛାଉଣୀ ଲେଲ ଝାଞ୍ଜ ପ୍ରାୟ ଅନେକ ନଷ୍ଟ ହୋଇଅଛି ।

କଟକ ସହର ଅନ୍ତର୍ଗତ ଚୁଡ଼ଙ୍ଗ ଗ୍ରାମର ନନ୍ଦବାର ଲୁହାର ମହାରଣା ୧୧୨ ବର୍ଷ ବୟସରେ ପରଲୋକ ହୋଇଅଛି । ସେ ଇଂରେଜଙ୍କର କଟକ ଦଖଲ ଦେଖି ଥିଲା ।

ଏଥର ଯେ ସବୁ ସବଓଭରସିୟର୍ଶିପ ପରୀକ୍ଷାରେ ଉତ୍କଳର ପରୀକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ ସେମାନଙ୍କର ପରୀକ୍ଷା ଗତ ସୋମବାର ଓ ମଙ୍ଗଳବାର ଦିବସରେ ହୋଇଥିଲା ।

ଆମ୍ଭମାନଙ୍କର ସୁପରିଚିତ ମିଃ, ଜି, ଏ, ମାଜିଷ୍ଟ୍ରେଟ ଜାନୁଆରୀ ମାସ ତା ୧ ରିଖରୁ କାର୍ଯ୍ୟ ତ୍ୟାଗ କରି ପେନ୍‌ସନ ନେବାର ଅନୁମତି ପାଇଅଛନ୍ତି ।

ଭଦ୍ରକ ଥାନାର ଏକ ପୁଷ୍କରିଣୀ ଖନନ ସମୟରେ ଭୂମିର ତଳେ କେତେକ ପଥର ମିଳିଅଛନ୍ତି ସେହି ପଥର ନ ଦେଖି ଏହି ଅଦ୍ଭୁତ ଖୋଳା କଥା କହୁଥିଲେ ଭଲ ହୋଇଥାନ୍ତା ।

ଭଦ୍ରକଠାରୁ ଉତ୍ତର ଦିଗରେ ଗତ ତା ୧୦ ରିଖ ରାତ୍ରି ଅସମ୍ଭବ ବର୍ଷା ହୋଇଥିଲା ।

ତାଳଚେର ରାଜ୍ୟର ରାଜାଙ୍କ ପାଟରାଣୀ ଦେବୀଙ୍କର ଦେହରେ ଅସୁସ୍ଥ ରୋଗ ମନ୍ଦ ଅଛନ୍ତି ।

ଜଗତସିଂହପୁର ଥାନା ଅନ୍ତର୍ଗତ ସର୍ବାଙ୍ଗ ଗ୍ରାମରେ ! ପତାଙ୍କର ପାଞ୍ଚବର୍ଷ ବୟସର ଗୋଟିଏ ପୁଅ ପଡ଼ିଲା । ପୁଣି ସେଠାର ତାହାର ପିଲାର ଜୀବନ ନ ହେବା ପୂର୍ବରୁ ସେଥିରେ ଡାକ୍ତରଙ୍କ ସାହାଯ୍ୟ ମିଳି ନାହିଁ । ଉତ୍କଳବର୍ଷରେ ଜଣାଇବା ଉଚିତ ଯେ ଏପରି ଗୋଟିଏ ପିଲା ଏ ଗ୍ରାମରେ ଘର କରି ପ୍ରବେଶ କରିଅଛି । କେବଳ ପାଞ୍ଚ ବର୍ଷ ବୟସରେ ଅଧିକ ନାହିଁ ।

ପ୍ରଥମ ଗ୍ରାମର ଜାମ ସେଠିର ଚାଷୀ ବଲରେ ଧାନ ଗୋଟାଇବା ସମୟରେ ସର୍ପାଘାତରେ ମରି ଅଛି । ସର୍ପଟି ଅତି ବିଷାକ୍ତ ଓ ଦୀର୍ଘକାୟ ।

ବୁଢ଼ାଙ୍ଗ ଉପତ୍ୟକାରେ ସହିତ ପାଦରୀଙ୍କ ନାମକ ଗୋଷ୍ଠୀ ରହି ଅଛି । ପୂର୍ବେ ଏଠାରେ ଗଡ ଥିଲା । ଏହାର ଭଗ୍ନାବଶେଷ ପ୍ରସ୍ତରମାନ ସ୍ଥାନେ ସ୍ଥାନେ ପଡ଼ିଥାଇବାରେ ଜଣା ହୋଇଅଛି ।

ପୁରୁଣା ଗ୍ରାମ ନିବାସୀ ଭଗବାନଦାସ ନାମକ ଜଣେ ବ୍ୟକ୍ତି ଏକ ଧନୀ ବ୍ରାହ୍ମଣଙ୍କୁ ଗୋଟିଏ ଟଙ୍କା ଦେଇ ପେଇସା ହେଲ କିନ୍ତୁ ମାଲ ଆସି ନ ଥିଲା । ସେପରି ନିକଟ କୌଣସି ଗ୍ରାମର ଜଣେ କଣ୍ଠ ଆସି କି ଉପାୟ ବିଷୟରେ ତାଙ୍କୁ ଉତ୍ତମ ଦେଖା ଯାଇଅଛି । ଉଗବାନ ଜନକଷ୍ଟ ପ୍ରାପ୍ତ ହୋଇ ଦେବଦର୍ଶନ ବ୍ରାହ୍ମଣ ଲୋକନ ଅନ୍ତ ସଦନ୍ତ୍ୟାଗ କରିଥିଲେ ।

ବାଲେଶ୍ୱର ସମ୍ବାଦଦାତା ଲେଖିଅଛନ୍ତି ଯେ ବାବୁ ଭୋଳାନାଥ ସାମନ୍ତରାୟ ଡାକ୍ତର ସ୍ଥାନାନ୍ତରରେ ବ୍ୟ ଓ ୧୩ ଶ ମୁଖ୍ୟାତି ସହିତ କାର୍ଯ୍ୟ କରି ପେନସନ ନେଇ ମାତୃଭୂମି ବାଲେଶ୍ୱରକୁ ଫେରି ଆସିଅଛନ୍ତି । ସେ ଜଣେ କୃତକର୍ମୀ ଲୋକ । ଭରସା କରୁଁ ସ୍ୱଦେଶର ସେବାରେ ଯଥାଶକ୍ତି ଜୀବନ ନିଯୁକ୍ତ କରିବେ ।

ଗତ ଏକାଦଶୀ ସ୍ନାନ ଉପଲକ୍ଷରେ କାଶୀ ଧାମକୁ ଯିବାର ଟିକେଟ ସମସ୍ତ ରେଲଗାଡ଼ିରେ ନିଷେଧ ହୋଇଥିଲା । ଏହା ପ୍ଲେଗର ନିବାରଣର ଗୋଟିଏ ଉପାୟ ।

କଟକରେ ମିଉନିସିପାଲିଟିର ଓଭରସିୟରର ଚଉଦମାସ ତା ୧ ରିଖ ପ୍ରାତଃକାଳରେ ମିଉନିସିପାଲିଟିର ଗ୍ରାହକମାନଙ୍କ କାର୍ଯ୍ୟ କରିବାର୍ଥ ସମବେତ କରିବା ସମୟରେ କଡ଼ବଡ଼ାର ଟେଲିଗ୍ରାଫ ଅଫିସର ଜଣେ କର୍ମଚାରୀ ଓ ତାହାର ସଙ୍ଗୀ ମଦ୍ୟ ପାନ କରି ଇନ୍‌ସ୍ପେକ୍ଟରଙ୍କୁ ଗାଳି ଦେଲେ ମାତ୍ର ଇନସ୍ପେକ୍ଟର ସେମାନଙ୍କୁ ପୁଲିସର ଜିମା କରିବା କାରଣ ଥାନାକୁ ସେଠାରୁ ଡକାଇଲେ । ମାତ୍ର ବାଟରେ ଛାଡ଼ି ଗଲେ ଇନସ୍ପେକ୍ଟର ଲଭେଞ୍ଚ ଗୃହରେ ପ୍ରବେଶ କଲା ସମୟରେ ତାଙ୍କୁ ମାରିପିଟ କରି ମିଉନିସିପାଲିଟିର କର୍ମଚାରୀ ଚଢ଼ାଉ କେବଳ ସ୍ୱଭାବ ଦୋଷ କଲେ । ତାଙ୍କ ନାମରେ ବର୍ତ୍ତମାନ ଅଦାଲତ ଫଉଜଦାରୀ ଅଦାଲତରେ ମାମଲା ଚାଲୁଅଛି ।

ଅଭିପୁର ପୁଲିସ ମେଜିଷ୍ଟ୍ରେଟଙ୍କ ଅଦାଲତରୁ ଜଣେ ଯୋଗ ଟଙ୍କା ଏବଂ ଗୁଣ ଚାରିଶ ପଇସା ସହିତ କାରାଦଣ୍ଡର ଆଦେଶ ପ୍ରାପ୍ତ ହୋଇଅଛି । ଏ ବ୍ୟକ୍ତି ଜାଦୁଗୋପାଳର କୌଣସି ଉତ୍ତମ ଉପାୟ ନ ଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ମେ କଣ୍ଠମ ଭିକ୍ଷା ପଇସା ଅର୍ଜନ କରୁଥିଲା । ମାତ୍ର ଧର୍ମ ଶଙ୍କା କାହିଁ ।

ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ହାତରେ ଡିସେମ୍ବର ତା ୭ ରିଖ ସୁଦ୍ଧା ଟ ୨,୪୨,୦୦,୦୦୦ ଟଙ୍କାର ସୁବର୍ଣ୍ଣ ଥିଲା ଏବଂ ମଧ୍ୟରୁ ଟ ୭,୮୦,୦୦,୦୦୦ ଟଙ୍କାର ସୁବର୍ଣ୍ଣ ଭାରତ ମଧ୍ୟରେ ଥିଲା । ସେହି ତାରିଖ ସୁଦ୍ଧା ଗବର୍ଣ୍ଣମେଣ୍ଟଙ୍କ ହାତରେ ଯେତେ ରୂପା ଥିଲା ତାହାର ମୂଲ୍ୟ ଟ ୯,୪୭,୦୨,୦୦୦ ଟଙ୍କା ଥିଲା ।

ଟ୍ରାନ୍ସଭାଲ ଯୁଦ୍ଧରେ ହତ ଓ ଆହତ ହେବା ସୈନ୍ୟଙ୍କ ସାହାଯ୍ୟ ନିମନ୍ତେ ବିଲାତରେ ଯେଉଁ ଚାନ୍ଦା ସଂଗ୍ରହ ହେଉଅଛି କଲିକତାର ବାବୁମାନେ ତହିଁପାଇଁ ଦେଶୀୟ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରୁଅଛନ୍ତି । ସମସ୍ତ ଉତ୍କଳବାସୀଙ୍କର ଏହି କାର୍ଯ୍ୟରେ ଯୋଗ ଦେଇ ସହାନୁଭୂତି ଦେଖାଇବା ଉଚିତ ।

Digitized by srujanika@gmail.com

Split by PDF Splitter



ହେବତ ମହେନ୍ଦ୍ରଗିରିସ୍ଥା ଯେ ଉପଭ ହେବୁ ଉତ୍ପନ୍ନ ହେଲେ ପାରଳା ଖେମଣ୍ଡି ଜଗର ପର୍ଯ୍ୟନ୍ତ ଚଳିବାକୁ ପିଷ୍ଟ ଯିବ । ସେ ହାର୍ଡିଂ ଅଷ୍ଟୀ ଫେବ୍ରୁଆରୀ ମାସରେ ଶେଷ ହେବ । ଅପାତତଃ ଜଣା ଯାଉଅଛି ରେଳ ବନ୍ଧ ହୋଇ ଗାଡ଼ି ଗମନାଗମନ ଜଣସ୍ଥାଣ୍ଡ ଯାଏ ପ୍ରସ୍ତୁତ ହେଉଅଛି ।

## ପାରଳାଖେମୁଣ୍ଡି ସମ୍ବାଦ ।

ଶୀତ ବଢ଼ୁଅଛି ପ୍ରବଳ ନ ଥିଲେ ହେଁ ପ୍ରାୟ ବୃଦ୍ଧମାନଙ୍କୁ କଷ୍ଟ ହୋଇଅଛି ।

ଧାନକଟା ପ୍ରାୟ ଶେଷ ହୋଇଅଛି ଉଚିତ ସମୟରେ ବର୍ଷା ଅଭାବ ଯୋଗୁଁ ଏ ବର୍ଷ ଧାନ ଫସଲ ପୂର୍ଣ୍ଣ ହୋଇ ପାରି ନ ପାରେ ମୂଲ ବାଡ଼ିରେ ଭୂଣା ଲାଗିଅଛି ।

ଏଠା ଶ୍ରୀ ମହାରାଜାଙ୍କର ୫ ସୁନ୍ଦର କେଉଟ ବନ୍ଧୁ ବିଲ୍ଡିଂର ସ୍ୱର୍ଣ୍ଣ ଅଳଙ୍କାର ଚମ୍ପାର ଚଳୁଥିବ । ଗୋଟିଏ ଖୁଣ୍ଟା ହାତ ଅନେକ ଲୋକହେଲ ଅପଣାର ଜାମର ସାର୍ଟିଫିକେଟ ସେଗାର ପଲେକ ସ୍ଥଳେ ଭୂଯେ ଅସ୍ପଷ୍ଟ ଭଳି ଉଦ୍ଧୃତ ଥିଲା । ଉକ୍ତ ସମାଚାର ପୋଷ୍ଟରେ ଉପଯୁକ୍ତ ସମୟରେ ଜଣା କରୁଥାଇଥିଲା । ମାତ୍ର ସେ ସବୁ ଉଙ୍ଗ ନୂତନ ଧର ଥାଇ ଏଠା ଡ଼ିପୋଷ୍ଟମେଣ୍ଟଠାରୁ ଅଜବ ହୋଇଗଲା ।

ଏଠାରେ ଶ୍ରୀମତୀ ସ୍କୁଲ କଲେଜରେ ସର୍ଟିଫିକେଟ ଲୋଭର ସେକଣ୍ଡାରୀ ପରୀକ୍ଷା ହୋଇଯାଇଅଛି ପ୍ରାୟ ୬୦ ଜଣ ଛାତ୍ର ଉପସ୍ଥିତ ଥିଲେ । ଏକ୍ଲୋସର ବର୍ଷସ୍ଥ ଉକ୍ତ ପରୀକ୍ଷାରେ ସେଇ କେଲଙ୍ଗୀ ଯାଇ ଉପସ୍ଥିତ ଥିଲେ କେତେକ ଛାତ୍ରଙ୍କ ହୋଇଥିଲେ ଏହି କେନ୍ଦ୍ରରେ କଲେଜ୍ ଟ୍ରିନ୍ଦୁଲ ଯାନ୍ ଶ୍ରୀନିବାସ ରାଓ ବ ସ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ କରୁଥିଲେ ।

ଶୁଣାଯାଏ ଶ୍ରୀ ମହାରାଜାଙ୍କ ନୂଆ (Palace) ରାଜ ପ୍ରାସାଦ ଡ଼ିସେମ୍ବରରେ ଅଲୋକିତ କରାଯିବ ସେଥି ସକାଶେ ଜଣେ ଇଞ୍ଜିନିୟର ଏଠାକୁ ଆସୁଅଛନ୍ତି ।

କଲେଜ ପରୀକ୍ଷା ଯୋଗୁଁ କଲେଜ ବୋର୍ଡିଂ ସ୍ଥାଗିତ ଅଛି । ଏହା ଗ୍ରୀଷ୍ମ ଛୁଟି ପରେ ପୁନଃ ଖୋଲିବ ।

ବର୍ଷାଗଡ଼ା ଜଗନ୍ନାଥ ଚରିତ୍ର ଗ୍ରନ୍ଥର ଲେଖକ ବାବୁ ଶ୍ରୀ ଜଗନ୍ନାଥ ବେହେରା ମହାଶୟ ଏଠାକୁ ଆସିଥିଲେ । ଏକ୍ଲୋସର ବର୍ଷସ୍ଥ ଏହି ସେ ବାବୁ ମହୋଦୟ ଏଠା ଉତ୍କଳ ସମ୍ମିଳନୀ ସମାଜରୁ ଲୋକମାନଙ୍କ ସ୍ୱରୂପ ବାହିବ ୮ ୪ ଟା ଟେବଲ ଦେଇ ବସ ଉଠାଇ ନଶିଣ ଥିବା ପେଠ ଦେଇ ଯାଇଅଛନ୍ତି । ପରମେଶ୍ୱର ଏହାଙ୍କର ମଙ୍ଗଳ କରନ୍ତୁ ।

ଏବର୍ଷ ଲକ୍ଷ୍ନୌ ସହରରେ ଯେଉଁ କାଂଗ୍ରେସ ଅଧିବେଶନ ହେଉଅଛି ସେଥିରେ ଯୋଗ ପ୍ରଦାନ କରିବାପାଇଁ ଶ୍ରୀ ଶ୍ରୀ ଘଟ୍ଟନାର ଜମିଦାର ଗୈନ ମହାରାଜା ମନ୍ତ୍ର ବଳାଇ ଥିଲେ ଶୀଘ୍ର ସେହି ପ୍ରଦେଶରେ ମହାନ୍ତୀ ଓ ମୁଦ୍ରିତ ଅନୁଷ୍ଠାନ ଦେଖାଯିବାକୁ ଭାଗ ନେବେ ପ୍ରସ୍ତାବ ଉଦକର ସ୍ୱୀକାର ଶୁଣାଯାଏ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ବାବୁ ଭଗବଦ୍ଗୀତଭଣ୍ଡାର ।—କୋଠପଡ଼ା ମାଇନର ସ୍କୁଲର ଜଣେ ଛାତ୍ରର ଗୁରୁଙ୍କର ଉପ୍ଯୁକ୍ତତାର କାର୍ଯ୍ୟ ଲେଖିଅଛନ୍ତି । ସବୁଦାସ୍ୱ ଉପରୋକ୍ତ କଲ ସେ ଛାତ୍ରକୁ ଦଣ୍ଡ ଦିଅନ୍ତି ଯେଉଁ ଜାମିନ ପଠାଇ ଦେଲେ ଅମେ ସହିତ ପ୍ରକାଶ କରିବୁଁ । ସ

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ଉଦାରଚରିତେଷୁ

ବହୁ ଜନସ୍ତୁତିଙ୍କଂ ନିବେଦନଂ ।

ଶ୍ରୀମନ୍

ସୁପ୍ରଶଂସିତ ମହାସ୍ତ୍ର ଶ୍ରୀ ବୈଦ୍ୟନାଥ ପଣ୍ଡିତ ସ୍ୱୟଂ ଭାଜନୀକଙ୍କର ମୁଁ ଗୋଟିଏ ପ୍ରଜା, ସେ ମହାତ୍ମାଙ୍କର ଅକଥନୀୟ ଏବଂ ଅତି ଶୋଚନୀୟ ଦୁଃସମ୍ବାଦ ଶ୍ରବଣରେ ଖେଦ ହୋଇ ଶୋକଗର୍ଭିତ ଚଳଲକ୍ଷିତ ସହଚରୋଷ୍ଟ ଶ୍ଳୋକ ପ୍ରେରଣ କରି ପ୍ରାର୍ଥୀ ହେଉଅଛି ଏ ମହୋଦୟ ଉଦାସ୍ୟ ଜଗଜ୍ଜୋହନୀ ପତ୍ରିକାର ଏକ ପାର୍ଶ୍ୱରେ ତାହାର ଅବସ୍ଥିତ ନିମନ୍ତେ ସ୍ଥାନ ପ୍ରଦାନ କରିବାକୁ ଅନୁକୂଳ ହେଲେ ମହୋପକୃତ ଏବଂ ଚରିତାର୍ଥ ହେବ ।

ଧୂଲୋମକେଶୋ ଭବଭୂଂ ବରେଣ୍ୟ
ଯଃ ଷଡ୍ଭୂତହାମବଣମ ଦସ୍ତଭ୍ୟଂ ।
ସଂସ୍ଥାପ୍ୟ ଭାଙ୍ଗଂ ଗଢ଼ନାନ୍ ସୁଗ୍ଗେନ
ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୧।
ଯୋ ନୀତଶାସ୍ତ୍ରାଧିସ୍ଥ ଭ୍ରମଣୋ
ମେକେକ୍ଷଲସ୍ୟାହ୍ନି ସୁକର୍ମବୋଦ୍ଧା ।
ଯୋ ବଣ୍ୟପାସ୍ତ୍ରଧିକତସ୍ତୁରଙ୍ଗ
ସ୍ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୨।
ଶିବାନନେ ନିତ୍ୟମହୋ ଯଦୀସ୍ୟା
ଭିକ୍ଷା ସୁଭଗ୍ୟାତ ଭମା ପରକ୍ଷା ।
ସ୍ୱମାନୁଷ୍ଟିଃ ସଂସ୍କରଣାର୍ଚ୍ଚନୀୟ
ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୩।
ଚନ୍ଦ୍ରାମର୍ତ୍ତୈଃ ଷଭଣାଗଭାନାଂ
ଯଶୋଧନୋ ପାଳମହାବସ୍ୟାକ୍ତଃ ।
ସ୍ୱଧା ସମା ଯସ୍ୟ ସରସ୍ୱତୀ ତ
ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୪।
ପ୍ରାର୍ଥି ବ୍ରହ୍ମାସ୍ୟସ୍ଥ ସ୍ୱଧିଷ୍ଟ୍ୟେ ଯୋ
ବଭୌ ମହାତ୍ମ ନଳସନ୍ନଭଃ ।
ସମ୍ପଦ୍ଭବସ୍ୟାଃ ଧର୍ମହୂତ୍ପଦାଶୀ
ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୫।
ସନ୍ତୁଷ୍ଟଂ ସ୍ୱଭାବାନାଂ ପରମାହ୍ଲାଦାନାଂ
ବର୍ଯାପରେ ଯସ୍ୟ ଭବେନ୍ଦ୍ରଗଜଃ ।
ଧର୍ମପ୍ରିୟଃ ସତ୍ୟପଥାବଲମ୍ବୀ
ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୬।
ଯୋ ରାଜଲକ୍ଷ୍ମ୍ୟୈଶ୍ଚ ଗୁଣୈଃ ସମସ୍ତୈ-
ର୍ବିଭୂଷିତୋ ଦର୍ପଣସୁନ୍ଦରାଙ୍ଗଃ ।
ପ୍ରଜାନୁରଞ୍ଜୀତବଦର୍ଦ୍ଧନୋ ଯଂ
ସ୍ତଂ ବୈଦ୍ୟନାଥଂ ନୃପରତ୍ନମୀଡ଼େ ।୭।
ଅଧମାଞ୍ଚିତ ମାନୁଷାନାମା-
ଭିଦ ସଂଚ୍ୟନ୍ୟ ବଭାଭିହୃଷ୍ଟରେ ।
ପତିତାନଗତାନ୍ ଧରାତଳେ
କ୍ୱଗତୋ ଦର୍ପଣମଣ୍ଡଳେଶ୍ୱର ।୧।
ସବସ୍ୟୁଭସ୍ମୃରଣୋପଟୋ
ସଭକାଶ୍ରିବପ୍ରସନ୍ନମାନସ
ନଲଥାଲଲୁଳାଦବାହଜ
କ୍ୱଗତୋ ଦର୍ପଣମଣ୍ଡଳେଶ୍ୱର ।୨।
ନୃପମାନ୍ଦବଣ୍ଡାଭଦ ପ୍ରଦ୍ୱୋ
ହିରପାଦାବ୍ଜ ମଧୁବ୍ରତାୟିତ ।
ଅଧ୍ୟାସିତ ଦୁର୍ଜ୍ଜୟାହବ
କ୍ୱଗତୋ ଦର୍ପଣମଣ୍ଡଳେଶ୍ୱର ।୩।
ଶରଣାଗତବତ୍ସଳାଦପ
ପ୍ରଭବସ୍ତୁଲ୍ଭକଳାପଶୀତଳୋ ।
ସୁଜନାଲ୍ୟବଜାତବାସବ
କ୍ୱଗତୋ ଦର୍ପଣମଣ୍ଡଳେଶ୍ୱର ।୪।
ଅଭଳାଂ ନୃପଭୂତମ୍ରୁତିମାଂ
ସୁଯଶୋ କହିଲୁଭଂ ସମୂହଲଂ ।
ଭନ୍ କଂ ଶରଦାସ୍ୟ ଫଣ୍ଡିଲ
କ୍ୱଗତୋ ଦର୍ପଣମଣ୍ଡଳେଶ୍ୱର ।୫।
ହା ବୈଦ୍ୟନାଥ ବସୁଧାମର ସେବସ୍ତଜ
ହାହା ମୃତାୟିତକରଃ ସଦସ୍ୟାନ୍ତରଙ୍ଗ ।
ହା ବୈଦ୍ୟନାଥ ଶରଣାଗତ କଳ୍ପବୃକ୍ଷ
ହାହନ୍ତ ହା କ୍ୱଗତବାନଧୁନା ଧରଣ୍ୟାଃ ।୧।
ହାହନ୍ତ ହା ପରମଧାର୍ମିକ ବୈଦ୍ୟନାଥ
ହା ପିନନାଥ ସୁଯଶୋ ଧନ ବୈଦ୍ୟନାଥ ।
ହାହନ୍ତ ହା ସୁଜନବନ୍ଧୁ ବୈଦ୍ୟନାଥ
ହାହନ୍ତ ହା କ୍ୱଗତବାନଧୁନା ଧରଣ୍ୟାଃ ।୨।
ହାହା ଷମାଜିଷ୍ଟମହାଭଟ୍ଟିମ ନରେନ୍ଦ୍ର
ହାହନ୍ତ ହା ସଦ୍ଗୁଣରାଶିସୁଧାକରସ୍ୟ ।
ହାହା ସହାୟ ପରମାର୍ଣ୍ଣବ ବୈଦ୍ୟନାଥ
ହାହନ୍ତ ହା କ୍ୱଗତବାନଧୁନା ଧରଣ୍ୟାଃ ।୩।
ହାହନ୍ତ ହା ଭୂସ୍ୱମସାମ୍ରାଜ୍ୟ ଗୁରୁମୂର୍ତ୍ତେ
ହାହା କଥଂ କିପତିତୋ କୁଳଶାଦଳାଶେଷ ।
ହାହନ୍ତ କିନ୍ତୁ ସୁମନୋବର ବୈଦ୍ୟନାଥ
ହାହନ୍ତ ହା କ୍ୱଗତବାନଧୁନା ଧରଣ୍ୟାଃ ।୪।
ହାହନ୍ତ ହାଭଲମତାନ୍ତରଭାବଶ୍ରୀବ
ହାହା ବଦାନ୍ୟକୁଳମଣ୍ଡନ ବୈଦ୍ୟନାଥ

Digitized by srujanika@gmail.com

ମାହାନ୍ତ ବନ୍ଦ ଗୁଣଷ୍ଟଗଲ ଶାନ୍ତିକେତୋ
ହାହନ୍ତି ହା କୃଷ୍ଣଚନ୍ଦ୍ରଭଞ୍ଜ ଅରଣ୍ୟାଃ । ଶ୍ରୀ
୧୨।୧୨।୯୯
ଶାସାରେଶ୍ୱର ସେନାପତି
ଭଦ୍ରବର୍ଦ୍ଧ୍ୱଳ ଦେବସ୍ଥଳୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ମଦନମୋହନ ସିଂହ ଦେଲ୍ଲଦେବର ଅଶ୍ୱମେଧ୍ୱର | | ୫ ୩ ୯ |
| „ ମଧୁସୂଦନ ମିଶ୍ର | ଢାଲଭେଲ | ୫ ୩ ୯ |
| ପଣ୍ଡିତ ଶ୍ରୀ ଗୋପୀନାଥ | କଟକ | ୫ ୩ ୯ |
| ଶ୍ରୀ ବାବୁ ଚନ୍ଦ୍ରଶେଖର ଦେବ | ଜଗତପୁର | ୫ ୨ ୯ |
| ସେଖ ପିଠୋଇ ବୋଡସାହୁ | ବାଲେଶ୍ୱର | ୫ ୯ |
| ଶ୍ରୀ ବାବୁ ବାସୁଦେବ ସାହୁ | ମିଦ୍ନାପୁର | ୫ ୩ ୯ |
| ଶ୍ରୀ ବାବୁ ହାଡ଼ିବନ୍ଧୁର ସିଂହ | ଢାଲଭେଲ | ୫ ୩ ୯ |

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ଭଦ୍ରକ୍ଷ୍ଲ, ସାଲେପୁର ଓ ବାଙ୍କି ଥାନା ମଧ୍ୟସ୍ଥିତ କାଞ୍ଜିହାଉସ (ପାଉଣ୍ଡ) ସନ୧୮୯୯ ମସିହା ଜାନୁଆରି ମାସ ତା ୧ ରଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ରଖ ପର୍ଯ୍ୟନ୍ତ ୧ ବର୍ଷ ୩ ମାସ ନିମନ୍ତେ ସନ ୧୮୯୯ ମସିହା ଡିସେମ୍ବର ମାସ ତା ୩୦ ରଖ। ମୂ। ସନ ୧୩୦୭ ସାଲ ପୌଷ ମାସ ତ ୧୬ ର ଶନିବାର ଦିବା ଘ ୧୨ ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ତାହା ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲେଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଅଧିକ ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅଫିସରେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ଉକ୍ତ ଜାମିନ ଟଙ୍କା ଜବତ ହେବ ତାହା ବ୍ୟତୀତ ଇଜରାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିଯୁକ୍ତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱନାମରେ କବୁଲିୟତ ଲେଖି ଦେଇ ରେଜେଷ୍ଟରୀ କରି ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହେଲେ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାଇବେ ତନ୍ମଧ୍ୟରେ ଯଦ୍ୟପି ନିଲାମ ଖରିଦ-ଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଡିପୋଜିଟ ଜବତ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ଯାକ ଡକ୍କୀ କରାଯିବ ।

### ଥାନା କଟକ

| | |
|---|---|
| ୧ । ହରବାଗୀ | ୨ । ଟେଲିଗ୍ରାଫେଣ୍ଡ |
| ୩ । ବାରଙ୍ଗ | ୪ । ସାଥପୁର |

### ଥାନା ବାଙ୍କୀ

| | |
|---|---|
| ୧ । ରଚ୍ଛିକା | ୨ । ଭୁଲସୀପୁର |
| ୩ । ପଟୁରିଆପଡ଼ା | ୪ । କଲାପଥର |
| ୫ । ବୈଦେଶ୍ୱର | ୬ । ଗୋଲପୁର |

### ଥାନା ସାଲେପୁର

| | |
|---|---|
| ୧ । ବଣମାଥପୁର | ୨ । ନୌଗାଁ |
| ୩ । ଖଣ୍ଡୋଲ | ୪ । ନଉପାଟପୁର |

### ଥାନା ଜଗତସିଂହପୁର

| | |
|---|---|
| ୧ । ତାଲଶ | ୨ । ସଙ୍ଗାରିସାହି |
| ୩ । ଜଗତସିଂହପୁର | ୪ । କସର୍ଦ୍ଦା |
| ୫ । ଝରିଲୋ (ବୋଗଙ୍ଗ) | ୬ । ନଅଲୀ |
| ୭ । ମାଧବ | ୮ । ବାଲିପୁର |
| ୯ । ସୁଦୁଙ୍କଡ଼ି | ୧୦ । ରଘୁନାଥପୁର |

### ଥାନା ତିର୍ତ୍ତୋଲ

| | |
|---|---|
| ୧ । ଝିଙ୍କ ଜୟପୁର | ୨ । କନକପୁର |
| ୩ । ନୟାପାଟଣା | ୪ । ପଙ୍କପାଲ |

Chairman.

## ବିଜ୍ଞାପନ ।

### ଉଦ୍ୟୋଗି ସମିତିର ଭଣ୍ଡାର
### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପନ୍ନ ନ ହୁଏ, ଅର୍ଥାତ୍ କ୍ରେତାର କ୍ଷତିରେ ବିକ୍ରେତାର ଲାଭ ଏବଂ ବିକ୍ରେତାର କ୍ଷତିରେ କ୍ରେତାର ଲାଭ ନୋହିଥାଏ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍ବିତଣ୍ଡା ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷା କରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାରି ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ଚନ୍ଦନ, ଚନ୍ଦ୍ରକୋଣା, ଫରାସଡ଼ାଙ୍ଗା, ଯାଜପୁର ଓ ଶାନ୍ତିପୁରର ଧୋତି ଚଦର ଓ ଶାଢ଼ୀ; ଭିନ୍ନ ସ୍ଥାନର ଉଡ଼ନି, ଗରଦ, ବସ୍ତ୍ର; ନାନା ରକମର ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତି ସ୍ଥାନର କଲର ଧୋତି ଚଦର ଲଂକ୍ଲଥ ଛିଟ ମୋଜା ଗେଞ୍ଜି ଝାଡ଼ନ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର କାଗଜି ଓ ସାଦା କାଗଜ, ପଥର ବାସନ, ଲେଫାଫା, କୁଆଳ, କାଳି, କଲମ, ପେନସିଲ, ହୋଲଡର, ବ୍ରସ, କଞ୍ଚି, ଷ୍ଟିଲ ପେନ, ଛବି ପ୍ରଭୃତି, ସର୍ବପ୍ରକାର ଦରକାରୀ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ଔଷଧ ସୁଗନ୍ଧ ତେଲ ଓ ସୁଗନ୍ଧ ପାଣି; ବାଇଲ, ଅସ୍ତ୍ରଲୁଟ, ଶାସ୍ତ୍ର ପ୍ରଭୃତି ଲୋକମାନଙ୍କର ଉପଯୁକ୍ତ ପଥ୍ୟ; କଟକର ବିଖ୍ୟାତ ଦିଙ୍ଗରି ଛଡ଼ି, ଫରୁଆ ଓ ଗେଲଣ, ଏବଂ ରୁପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଣି, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛାକଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣାଇ ଦିଆଯାଏ । କଟକ ଦେଉଡ଼ି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

### ନୂତନ ଆମଦାନୀ
### ନାନାବିଧ ଶୀତବସ୍ତ୍ର ।

Split by PDF Splitter



## ବିଜ୍ଞାପନ ।

ମହାନାଟକ ( ୨୧୫ ଶ୍ଲୋକ ଏବଂ ଗଦ୍ୟ )

| | | |
|---|---|---|
| ଏକଖଣ୍ଡ | ମୂଲ୍ୟ | ଟ ୦ ।/ |
| ଷଡ଼ଋତୁଗୀତା | „ | ଟ ୦ ୵ |
| ଅନନ୍ତଶାଟର ଗୀତା | „ | ଟ ୦ ୵ |
| ପ୍ରେମସୁଧା ସଙ୍ଗ | „ | ଟ ୦ /୲ |
| ମହାବାହୁ ଚଉତିଶା | „ | ଟ ୦ / |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିଶନ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

## ବନାରସ ମାଲ ।

ବନାରସ ନଗରରୁ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର କନା ଭଳି ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଆଠମଲ୍ଲିକ, ରାୟଗଡ଼, ସରାଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଚୋଟି, ଦୁପଟା, କିଂଖାବ, ବାପ୍ତା ଝଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରଙ୍ଗୀନ ଗଢ଼ାର ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ଦାନ୍ତ ପ୍ରଭୃତି ବସ୍ତୁ ଅନୁସାରେ ପ୍ରସ୍ତୁତ କରାଇ ଦେଉଁ । ବସ୍ତୁ ନେବାକୁ ହେଲେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ଶଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଧାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

## ବିଜ୍ଞାପନ ।

ଚଳିତ ସନ ଗତ ଅଗଷ୍ଟମାସର ନାଗପୁର ସଙ୍ଗୀର ସାଧାରଣ ଅଧିବେଶନରେ ଧାର୍ଯ୍ୟ ହୋଇ ଥିବା ଅନୁସାରେ ଏତଦ୍ୱାରା ଜଣାଇ ଦିଆ ଯାଉଅଛି କି ଉକ୍ତ ସଭାର କାର୍ଯ୍ୟ ନିର୍ବାହ ସମିତି ଉତ୍କଳ ଦେଶସ୍ଥ ପାଞ୍ଚଗୋଟି ଅସହାୟ ଦରିଦ୍ର ବୃତ୍ତିକାୟସ୍ଥ ବାଳକର ଶିକ୍ଷା ଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ସେହି ବାଳକମାନେ ଉପରୋକ୍ତ ସଭାର ସାହାଯ୍ୟରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ବା ସେମାନଙ୍କ ଅଭିଭାବକଙ୍କଦ୍ୱାରା ଉକ୍ତ ସଭାର ନିକଟକୁ ଆସନ୍ତା ଡିସେମ୍ବର ମାସ ତା ୩୧ ରିଖ ମଧ୍ୟରେ ନିମ୍ନଲିଖିତ ଫରମରେ ଓ ଦୁଇଜଣ ଖ୍ୟାତନାମା କାୟସ୍ଥଙ୍କର ଦସ୍ତଖତ ଲିଖିତ ବୃତ୍ତିମାନ ପ୍ରକୃତ ଥିବାର ଓ ଆଚରଣ ସମ୍ବନ୍ଧେ ସାର୍ଟିଫିକେଟ ସହିତ ଆବେଦନ କରିବେ ।

୧ ବାଳକର ନାମ, ବାସସ୍ଥାନ ଓ ବୟସ

୨ ପିତାର ନାମ ଓ ସମ୍ପତ୍ତିର ବିବରଣ ଓ ପିତା ଜୀବିତ ଅବା ମୃତ, ଜୀବିତ ଥିଲେ ତାଙ୍କର ବ୍ୟବସାୟ

୩ ବର୍ତ୍ତମାନ ପଢ଼- [illegible] ନାମ ଓ ବଂଶପରିଚୟ

୪ ଅଭିଭାବକ ସହିତ ବାଳକର କି ସମ୍ପର୍କ

୫ କି କାରଣରେ ପିତା ବା ଅଭିଭାବକ ତାକୁ ଶିକ୍ଷା ଦେବାକୁ ଅକ୍ଷମ

୬ ବାଳକ କେଉଁ ସ୍କୁଲ ଓ କେଉଁ ଠାରେ ଶିକ୍ଷାଲାଭ କରୁଅଛି

କଟକ
ମାଣିକଘୋଷ
ବଜାର
୨୦।୧୨।୯୯

ଶ୍ରୀ ଅଶ୍ୱିନୀକୁମାର ଘୋଷ
ସମ୍ପାଦକ, ଦକ୍ଷିଣବଙ୍ଗ
କାୟସ୍ଥ ସଭା

## ନୂତନ ପୁସ୍ତକ ।

ଶୂଦ୍ରମୁନି ଶାରଳାଦାସଙ୍କ
ସଚିତ୍ର

# ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାରକୁ ଟ ୧୨।।/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୲ |
| ୨ ମଧ୍ୟ ପର୍ବ | ଟ ୨୲ |
| ୩ ସଭା ପର୍ବ | ଟ ୨୲ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ୟୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୲ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ଡାଙ୍ଗିକା ବା ସୌପ୍ତିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୲ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ସଚିତ୍ର ଚୈତନ୍ୟ ଚରିତାମୃତ | ଟ ୨୲ |

ଗ୍ରାହକେ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୦ ୳ ରୁ ଊଣା ହେବ ନାହିଁ, ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସମ୍ବାଦ କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter



## ସନ୍ ୧୮୯୯ ମସିହାର ମଧ୍ୟଇଂରାଜୀ ବୃତ୍ତି ପରୀକ୍ଷାର ଫଳ ।

### ୧ମ ଶ୍ରେଣୀ ପାରଦର୍ଶିତାନୁସାରେ ।

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା ଜଲା |
|---|---|---|---|
| ୧ | ସାରଦାଗୋଲ ଗୁପ୍ତ | ନୂଆଗାଁ | କଟକ |
| ୨ | ଗୋପୀନାଥ ମିଶ୍ର | ଡେଲାଙ୍ଗ | ପୁରୀ |
| ୩ | ଲକ୍ଷ୍ମୀଧର ମହାପାତ୍ର | କୁଅମଣ୍ଡ | ଗଡ଼ଜାତ |

### ୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେ ।

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା ଜଲା |
|---|---|---|---|
| ୧ | ଦୟାନାଥ ଜେ | ଇଞ୍ଚକମିଡିଲ୍ | କଟକ |
| ୨ | ଗୋପାଳପ୍ରସାଦ ବସୁ | ” | ” |
| ୩ | ବ୍ରଜବଲ୍ଲଭ ଭଟ୍ଟାଚାର୍ଯ୍ୟ | କଟକ ଟାଉନ | ” |
| ୪ | ମଧୁସୂଦନ ନନ୍ଦ | ” | ” |
| ୫ | କାଶୀନାଥ ଦର | ” | ” |
| ୬ | ଗଣେଶପ୍ରସାଦ ମାଇତି | ଝଙ୍କଡ | ” |
| ୭ | କୃଷ୍ଣଚନ୍ଦ୍ର ମିଶ୍ର | ମଉଦା | ” |
| ୮ | କେଶବଚନ୍ଦ୍ର ଗୁପ୍ତ | ନୂଆଗାଁ | ” |
| ୯ | ପଦ୍ମନାଭ ଦାସ | ଅସୁରେଶ୍ୱର | ” |
| ୧୦ | କୃଷ୍ଣଚନ୍ଦ୍ର ଚୌଧୁରୀ | ” | ” |
| ୧୧ | ହରେକୃଷ୍ଣ ମିଶ୍ର | ” | ” |
| ୧୨ | ଭାଗୀରଥି ରଥ | ଫକୀରାବାଦ | ” |
| ୧୩ | ହରେକୃଷ୍ଣ ଚୌଧୁରୀ | ପଟ୍ଟମୁଣ୍ଡେଇ | ” |
| ୧୪ | ଗୋକୁଳଚନ୍ଦ୍ର ଦାଶ | ଭଞ୍ଜା | ” |
| ୧୫ | ବୈଦ୍ୟନାଥ ମହାନ୍ତି | ” | ” |
| ୧୬ | ପଦ୍ମଚରଣ ମହାନ୍ତି | ଜମାପଡ଼ା | ପୁରୀ |
| ୧୭ | ବାମଦେବ ମିଶ୍ର | ଡେଲାଙ୍ଗ | ” |
| ୧୮ | ରାମଚନ୍ଦ୍ର ଓଝା | ଭାଇବାହୀ | ବାଲେଶ୍ୱର |
| ୧୯ | ତ୍ରିଲୋକନାଥ ପଣ୍ଡ | ” | ” |
| ୨୦ | ମହମ୍ମଦ ଅକବର ଭୂଷା | ମଡେଲ ମାଦ୍ରାସା | ” |
| ୨୧ | ପଦ୍ମନାଭ ତ୍ରିପାଠୀ | ବୋଇଷାହି | ” |
| ୨୨ | କାଶୀରାମ ଘୋଷ | ଶ୍ୟାମବାଲି | ” |
| ୨୩ | ହରେକୃଷ୍ଣ ନାୟକ | ” | ” |
| ୨୪ | ଦକ୍ଷିଣ ପ୍ରସାଦ ଦାସ | ଓଲମରା | ଗଡ଼ଜାତ |
| ୨୫ | ରଘୁନାଥ ମହାପାତ୍ର | ନୀଳଗିରି | ” |
| ୨୬ | ଶ୍ୟାମସୁନ୍ଦର ଦାସ | ” | ” |
| ୨୭ | ସୁଦର୍ଶନ ପ୍ରସାଦ ମହାନ୍ତି | ” | ” |
| ୨୮ | ହଳଧର ମିଶ୍ର | ବୌଦ୍ଧ | ” |
| ୨୯ | ଦୀନବନ୍ଧୁ ଗୁପ୍ତ | ରଣପୁର | ” |
| ୩୦ | ଦୀନବନ୍ଧୁ ସିଂହ | ” | ” |

### ୩ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେ ।

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା ଜଲା |
|---|---|---|---|
| | ବ୍ରଜେନ୍ଦ୍ରନାଥ ଘୋଷ | କଟକ ମିଡିଲ୍ | କଟକ |
| | ଲୋକନାଥ ଦାସ | ” | ” |
| | ଶ୍ରୀଶଚନ୍ଦ୍ର ଦେ | କଟକଟାଉନ | ” |
| ୪ | ଜଗନ୍ନାଥ ପ୍ରସାଦ ଘୋଷ | ” | ” |
| ୫ | ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ | ” | ” |
| ୬ | ଅଦ୍ୱୈତଚରଣ ପଟ୍ଟନାୟକ | ” | ” |
| ୭ | ଦ୍ୱିଜେନ୍ଦ୍ରନାଥ ମିଶ୍ର | ” | ” |
| ୮ | ମହେଶ୍ୱର ମିଶ୍ର | ବାପ୍ଟିଷ୍ଟ କେନେରେଲ | ” |
| ୯ | ଜଗନ୍ନାଥ ପଣ୍ଡା | କୋଠପଦା | ” |
| ୧୦ | ବାଞ୍ଛାନିଧି ଶତପଥୀ | କୋଠପଦା | କଟକ |
| ୧୧ | ଗଙ୍ଗାବଲ୍ଲଭ ଦାସ | ଜଗନ୍ନାଥପୁର | ” |
| ୧୨ | ମୁକୁନ୍ଦ ତ୍ରିପାଠୀ | ” | ” |
| ୧୩ | କୃଷ୍ଣଚନ୍ଦ୍ର ମହାନ୍ତି | ” | ” |
| ୧୪ | ହରେକୃଷ୍ଣ ମହାନ୍ତି | ରାମବାଗ | ” |
| ୧୫ | ବାଳକୃଷ୍ଣ ଦାଶ | ଶାଳଘୋଗା | ” |
| ୧୬ | ହରେକୃଷ୍ଣ ମିଶ୍ର | ଅସୁରେଶ୍ୱର | ” |
| ୧୭ | ବିଶ୍ୱନାଥ ରଥ | ” | ” |
| ୧୮ | କାଶୀନାଥ ରାଉତ | ଦଣ୍ଡଭଙ୍ଗୀସାହି | ପୁରୀ |
| ୧୯ | ବନମାଳୀ ଦାସ | ଜମାପଡ଼ା | ” |
| ୨୦ | ଅଭିମନ୍ୟୁ ମହାନ୍ତି | ” | ” |
| ୨୧ | ସାମନ୍ତ ମିଶ୍ର | ଦଣ୍ଡଭଙ୍ଗୀ ସାହି | ” |
| ୨୨ | ଉପଲଦାସ ଆଚାର୍ଯ୍ୟ | ” | ” |
| ୨୩ | ସାଧୁଚରଣ ମୁଖୋପାଧ୍ୟାୟ | ଭିକ୍ଟୋରିଆ ଜୁବିଲି | ବାଲେଶ୍ୱର |
| ୨୪ | କୁମାରଚନ୍ଦ୍ର ଦାସ | ” | ” |
| ୨୫ | ଗୋପୀନାଥ ଚନ୍ଦ୍ର ଶାହୁ | ବାଇଶୀବା | ” |
| ୨୬ | ପ୍ରତାପଚନ୍ଦ୍ର ମଣ୍ଡଳ | ” | ” |
| ୨୭ | ପୂର୍ଣ୍ଣଚନ୍ଦ୍ର ନନ୍ଦ | ସୋରୋ | ” |
| ୨୮ | କୁମାରଚନ୍ଦ୍ର ମହାନ୍ତି | ଭେଣ୍ଡୁଡ଼ିବା | ” |
| ୨୯ | ଭୋଲାନାଥ ମହାପାତ୍ର | ଦୋଲସାହି | ” |
| ୩୦ | ଗୋବିନ୍ଦ ପଟ୍ଟନାୟକ | ବାସୁଦେବପୁର | ” |
| ୩୧ | ଅନନ୍ତପ୍ରସାଦ ସିଂହ | ନୀଳଗିରି | ଗଡ଼ଜାତ |
| ୩୨ | ଅଦ୍ୱୈତାନନ୍ଦ ଦାସ | ” | ” |
| ୩୩ | ଫକୀର ମୋହନ ପାତ୍ର | ” | ” |
| ୩୪ | ସୁଦର୍ଶନ ନାୟକ | ବୌଦ୍ଧ | ” |
| ୩୫ | ଭାଗୀରଥି ସାହୁ | ” | ” |
| ୩୬ | ଜଗନ୍ନାଥ ମହାନ୍ତି | ” | ” |
| ୩୭ | ନୀଳମଣି ଧଳ | ଢେଙ୍କାନାଳ | ” |
| ୩୮ | କପିଳେଶ୍ୱର ପଣ୍ଡା | ” | ” |
| ୩୯ | ମଧୁସୂଦନ ରାଜ | ଆନନ୍ଦପୁର | ” |

### କେବଳ ଇଂରାଜୀ ଭାଷାରେ ପରୀକ୍ଷିତ ।

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା ଜଲା |
|---|---|---|---|
| ୧ | ରମାନାଥ ମିଶ୍ର | ରଘୁନାଥପୁର | କଟକ |
| ୨ | ଉତ୍କଳମଣି ତରୁଣ | ଫିମେଲ ଅର୍ଫାନେଜ | ” |
| ୩ | ନୀଳମଣି ସିଂହ | ରାମବାଗ | ” |
| ୪ | ସଜନ ଗୁରୁ | ପଟାମୁଣ୍ଡାଇ | ” |
| ୫ | ଶେଷପ୍ରସାଦ ଦାସ | ବଳଦେବ | ” |
| ୬ | ହରିବନ୍ଧୁ ପଟ୍ଟନାୟକ | ଭଦ୍ରକ | ବାଲେଶ୍ୱର |
| ୭ | ଲକ୍ଷ୍ମଣ ପ୍ରସାଦ ଦାସ | ଧାମନଗର | ” |
| ୮ | ନୀଳମଣି ଗୁପ୍ତ | ନୀଳଗିରି | ଗଡ଼ଜାତ |
| ୯ | ଜଗନ୍ନାଥ ମହାନ୍ତି | ଢେଙ୍କାନାଳ | ” |
| ୧୦ | ଚନ୍ଦ୍ରଶେଖର ମିଶ୍ର | ” | ” |
| ୧୧ | ରମାଧର ସାହୁ | ” | ” |
| ୧୨ | ସୁନାମ ଚରଣ ମହାନ୍ତି | ” | ” |
| ୧୩ | କୁଞ୍ଜବିହାରୀ ସିଂହ | ” | ” |

— — —

## ସନ ୧୮୯୯ ମସିହା ମଧ୍ୟଛାତ୍ରବୃତ୍ତି ପରୀକ୍ଷାର ଫଳ ।

### ୧ମ ଶ୍ରେଣୀ ପାରଦର୍ଶିତାନୁସାରେ

| ନମ୍ବର | ଛାତ୍ରମାନଙ୍କର ନାମ | ସ୍କୁଲର ନାମ | ଜିଲ୍ଲା ବା ଜଲା |
|---|---|---|---|
| ୧ | ଗିରିଧାରୀ ମିଶ୍ର | ନୂଆଗାଁ | କଟକ |
| ୨ | ଗଙ୍ଗାଧର ମିଶ୍ର | ଶାସନ ଦାମୋଦରପୁର | ପୁରୀ |
| ୩ | ବନମାଳୀ ପଣ୍ଡା | ଭୁବନେଶ୍ୱର | ” |
| ୪ | ଚନ୍ଦ୍ରମଣି ମହାନ୍ତି | ଅସୁରେଶ୍ୱର | କଟକ |
| ୫ | ରଘୁନାଥ ସାହେବ | ବିଜେଶ୍ୱରପୁର | ” |
| ୬ | ସୋମନାଥ ଷଡ଼ଙ୍ଗୀ | ନୂଆଗଡ଼ | ” |

### ୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ

| ନମ୍ବର | ଛାତ୍ରମାନଙ୍କର ନାମ | ସ୍କୁଲର ନାମ | ଜିଲ୍ଲା ବା ଜଲା |
|---|---|---|---|
| ୧ | କୁଳମଣି ବିଶ୍ୱାଳ | ଆମନ୍ତାପୁର | କଟକ |
| ୨ | ଗୋକୁଳାନନ୍ଦ ସାମନ୍ତ | ଜଗତସିଂହପୁର | ” |
| ୩ | ରାମକୃଷ୍ଣ ତ୍ରିପାଠୀ | ମହାସିଂହପୁର | ” |
| ୪ | ବୈଷ୍ଣବ ଷଡ଼ଙ୍ଗୀ | ” | ” |
| ୫ | ପ୍ରହ୍ଲାଦ ଦାସ | ମଟ୍ଟପୁର | ” |
| ୬ | ପଦ୍ମଚରଣ ମହାନ୍ତି | ଚେଣ୍ଡାକୋଡ଼ା | ” |
| ୭ | ଲକ୍ଷ୍ମୀପତି ତ୍ରିପାଠୀ | ଚଇଚେଇ | ” |
| ୮ | ରାମଚନ୍ଦ୍ର ପଣ୍ଡା | ଚଢ଼ିଆ | ” |
| ୯ | ଶ୍ୟାମସୁନ୍ଦର ପଟ୍ଟନାୟକ | ସୁବର୍ଣ୍ଣପୁର | ” |
| ୧୦ | ଅର୍ଜୁନ ମିଶ୍ର | ଡେଲାଙ୍ଗ | ପୁରୀ |
| ୧୧ | ଗୋବିନ୍ଦ ମିଶ୍ର | ଶାରଙ୍ଗସିଂହପୁର | ” |
| ୧୨ | ନୀଳକଣ୍ଠ ମିଶ୍ର | ” | ” |
| ୧୩ | ଗଙ୍ଗାଧର ମିଶ୍ର | ଶାସନ ଦାମୋଦର ପୁର | ” |
| ୧୪ | ବ୍ରହ୍ମାନନ୍ଦ ମହାନ୍ତି | ଭଣାହର୍ଷା | ” |
| ୧୫ | କୁଳମଣି ଦାସ | ପିପିଲି | ” |
| ୧୬ | ଭାଗବତ ସାହୁ | ” | ” |
| ୧୭ | ଅଭିରାମ ଚରଣ ସିଂହ | ଜାଥିଁଲା | ” |
| ୧୮ | ଗଙ୍ଗାଧର ଦାସ | ସତ୍ୟମେଶ୍ୱର | ” |
| ୧୯ | ଅମ୍ବିକାଚରଣ ଚକ୍ରବର୍ତ୍ତୀ | ରେମୁଣା | ବାଲେଶ୍ୱର |
| ୨୦ | ଅଦ୍ୱୈତାନନ୍ଦ ମହାନ୍ତି | ସୋରୋ | ” |
| ୨୧ | ଫକୀରଚରଣ ରାଉତ | ବାଲୁସୀଲ | ” |
| ୨୨ | ରାମଚନ୍ଦ୍ର ପାଢ଼ି | ଶୁଜଳପୁର | ” |
| ୨୩ | ରାଧାନାଥ ଚକ୍ରବର୍ତ୍ତୀ | ” | ” |
| ୨୪ | ରାମଚନ୍ଦ୍ର ନାୟକ | ବାଲିଶର୍ମ | ” |
| ୨୫ | ବ୍ରଜାନନ୍ଦ ଗୁପ୍ତ | କୁଠର | ” |
| ୨୬ | ଚନ୍ଦ୍ରମଣି ଦଳେଇ | ” | ” |
| ୨୭ | ରାମହରି ଗୁପ୍ତ | ” | ” |
| ୨୮ | ବଳଭଦ୍ର ବେହେରା | ” | ” |
| ୨୯ | ସର୍ବେଶ୍ୱର ବଲ୍ଲୋଲି | ଅନୁଗୁଳ | ଅନୁଗୁଳ |
| ୩୦ | ଭଗବାନ ଦ୍ୱିବେଦୀ | ” | ” |
| ୩୧ | ଗୋକୁଳଚନ୍ଦ୍ର ମହାପାତ୍ର | କୁଆମଣ୍ଡ | ଗଡ଼ଜାତ |
| ୩୨ | ପଶୁପତି ସିଂହ | ବହଲଦା | ” |
| ୩୩ | ପୁରୁଷୋତ୍ତମ ମହାପାତ୍ର | ଖାଲିଗାଁ | ” |
| ୩୪ | ଚନ୍ଦ୍ରଶେଖର ଶତପଥୀ | ଢେଙ୍କାନାଳ | ” |
| ୩୫ | ରାମଚରଣ ପଟ୍ଟନାୟକ | ନରସିଂହପୁର | ” |
| ୩୬ | ଉପେନ୍ଦ୍ର ମିଶ୍ର | ” | ” |
| ୩୭ | ଯଜ୍ଞେଶ୍ୱର ମିଶ୍ର | ହିନ୍ଦୋଳ | ” |
| ୩୮ | ଯୋଗମୋହନ ପଟ୍ଟନାୟକ | ବଡ଼ମ୍ବା | ” |

Digitized by srujanika@gmail.com

Split by PDF Splitter



୩ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ ।

| ନମ୍ବର | ଛାତ୍ରଙ୍କ ନାମ | ସ୍କୁଲର ନାମ | ଜିଲା ବା ଷ୍ଟେଟ |
|---|---|---|---|
| ୧ | ବାଞ୍ଛାନିଧି ଦାସ | କଟକ ମଡେଲ | କଟକ |
| ୨ | ସନାତନ ମହାନ୍ତି | ,, | ,, |
| ୩ | ଲକ୍ଷ୍ମଣ ମିଶ୍ର | ,, | ,, |
| ୪ | ବାଞ୍ଛାନିଧି ପଣ୍ଡା | ,, | ,, |
| ୫ | ଯଦୁମଣି ଦାସ | କଟକ ଟ୍ରେନିଂ | ,, |
| ୬ | ଗଜାନନ୍ଦ ସିଂହ | ,, | ,, |
| ୭ | ମଲ୍ଲିକ ମହମଦ ଅକବର୍ | ,, | ,, |
| ୮ | ନାରାୟଣ ବେହେରା | ସଗଡ | ,, |
| ୯ | ନୃସିଂହ ମହାପାତ୍ର | ସିଦ୍ଧେଶ୍ୱରପୁର | ,, |
| ୧୦ | ଶ୍ୟାମସୁନ୍ଦର ମିଶ୍ର | ,, | ,, |
| ୧୧ | ଚାରୁଚରଣ ଶତପଥୀ | ,, | ,, |
| ୧୨ | ଦୟାନିଧି ମହାପାତ୍ର | ଶ୍ୟାମସୁନ୍ଦରପୁର | ,, |
| ୧୩ | ବୃନ୍ଦାବନ କର | ମହାସିଂହପୁର | ,, |
| ୧୪ | ରଘୁନାଥ ଷଡଙ୍ଗୀ | ,, | ,, |
| ୧୫ | ବନମାଳୀ ଷଡଙ୍ଗୀ | ,, | ,, |
| ୧୬ | ରାମଚନ୍ଦ୍ର ନାୟକ | କାହାରଗଡ଼ | ,, |
| ୧୭ | ଗୌରଚରଣ ସେନାପତି | ,, | ,, |
| ୧୮ | ରଘୁନାଥ ନାୟକ | ବାହାର ଖଣ୍ଡ | କଟକ |
| ୧୯ | ରାଧାନାଥ ସିଂହ | ,, | ,, |
| ୨୦ | ବାଞ୍ଛାନିଧି ମହାନ୍ତି | ,, | ,, |
| ୨୧ | ସେବକ ଦାସ | ପିମେଲ ଅର୍ଫାନେଜ | ,, |
| ୨୨ | ହାଡ଼ିଚରଣ ଦାସ | ସ୍ତମ୍ଭବାଗ | ,, |
| ୨୩ | ବୈଷ୍ଣବଚରଣ ଜେନା | ,, | ,, |
| ୨୪ | ପ୍ରାଣକୃଷ୍ଣ ସାମୁ | କଳ୍ୟାଣପୁର | ,, |
| ୨୫ | ଗୋକୁଳାନନ୍ଦ ଦାସ | ,, | ,, |
| ୨୬ | ଯୋଗେନ୍ଦ୍ର ମିଶ୍ର | ଅସୁରେଶ୍ୱର | ,, |
| ୨୭ | ମହମଦ ହନିଫ୍ | ଟେଣ୍ଡାଗୋଡ଼ା | ,, |
| ୨୮ | ରାଧାଶ୍ୟାମ ମହାନ୍ତି | ଫକିରାବାଦ | ,, |
| ୨୯ | ବାଳକୃଷ୍ଣ କର | ,, | ,, |
| ୩୦ | ବିନୋଦ ମଲ୍ଲିକ | ,, | ,, |
| ୩୧ | ଶ୍ୟାମାଚରଣ ଦାସ | କଳାଦେବ | ,, |
| ୩୨ | ଭଗବାନ ସ୍ୱାଇଁ | ଆଳିଜଙ୍ଗ | ,, |
| ୩୩ | ଶ୍ୟାମମୋହନ ମଙ୍ଗରାଜ | ଶାରଦାପୁର | ପୁରୀ |
| ୩୪ | ଗଣେଶ୍ୱର ମିଶ୍ର | ସାରଙ୍ଗଧରପୁର | ,, |
| ୩୫ | ଦାମୋଦର ରଥ | ,, | ,, |
| ୩୬ | ଜଗମୋହନ ପଟ୍ଟନାୟକ | ଭୁବନେଶ୍ୱର | ,, |
| ୩୭ | ରଘୁନାଥ ମିଶ୍ର | ,, | ,, |
| ୩୮ | ନାରାୟଣ ମିଶ୍ର | ଶାସନ ଦାମୋଦରପୁର | ,, |
| ୩୯ | ଲୋକନାଥ ରଥ | ,, | ,, |
| ୪୦ | ସଦାଶିବ ମିଶ୍ର | ରୂପଦେଇପୁର | ,, |
| ୪୧ | ଶ୍ୟାମଚନ୍ଦ୍ର ମିଶ୍ର | ,, | ,, |
| ୪୨ | ଗୋପୀନାଥ ମିଶ୍ର | ବଣ୍ଡନାଥପୁର | ,, |
| ୪୩ | ଗୌରାଙ୍ଗ ସେନାପତି | ଉସୁଲପୁର | ,, |
| ୪୪ | [illegible] ଦାସ | ବେଗୁନିଆ | ,, |
| ୪୫ | ରାଧାମୋହନ ପଟ୍ଟନାୟକ | ବୋଲଗଡ଼ | ,, |
| ୪୬ | ଗୋପାଳ ନନ୍ଦ | ପିପିଲି | ,, |
| ୪୭ | ସତ୍ୟବାଦୀ ଦାସ | ,, | ,, |

| ନମ୍ବର | ଛାତ୍ରଙ୍କ ନାମ | ସ୍କୁଲର ନାମ | ଜିଲା ବା ଷ୍ଟେଟ |
|---|---|---|---|
| ୪୮ | ସୁରେନ୍ଦ୍ର ମହାନ୍ତି | ଛାଉଁଣୀ | ପୁରୀ |
| ୪୯ | ଜଗବନ୍ଧୁ ମହାନ୍ତି | ଦୋଉଗଣ୍ଡା | ବାଲେଶ୍ୱର |
| ୫୦ | ରମାନାଥ ପଣ୍ଡା | ,, | ,, |
| ୫୧ | ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ | ରେମୁଣା | ବାଲେଶ୍ୱର |
| ୫୨ | ଶ୍ୟାମସୁନ୍ଦର ବେହେରା | ବାଲେଶ୍ୱର ଟେଶନ ହାଃ ସ୍କୁଃ | ବାଲେଶ୍ୱର |
| ୫୩ | ଭୂମାସ୍ୱ ଲକ୍ଷ୍ମୀନାରାୟଣ ଦାସ | ଶାନ୍ତିପୁର ମିଡଲ ହାଃ ଇଃ | ,, |
| ୫୪ | ପ୍ରାଣବନ୍ଧୁ ମହାନ୍ତି | ବାଗୁଲିଆ | ,, |
| ୫୫ | ବାଳକୃଷ୍ଣ ମହାପାତ୍ର | ,, | ,, |
| ୫୬ | ଜଗବନ୍ଧୁ ସାହୁ | ଉରମା | ,, |
| ୫୭ | ଭଗବାନ ମହାପାତ୍ର | ଜାଜପୁର | ,, |
| ୫୮ | ଲକ୍ଷ୍ମୀକାନ୍ତ ଦାସ | ଖାନନଗର | ,, |
| ୫୯ | ଲକ୍ଷ୍ମୀପ୍ରସାଦ ଦାସ | ଅନନ୍ତପୁର | ,, |
| ୬୦ | ହରିପ୍ରସାଦ ଦାସ | କାଳିଗଣ୍ଡ | ,, |
| ୬୧ | ଭଗବାନ ପଣ୍ଡା | ,, | ,, |
| ୬୨ | ବ୍ରଜସୁନ୍ଦର ଗୋସ୍ୱାମୀ | କୁଠାର | ,, |
| ୬୩ | ରମାକାନ୍ତ ପ୍ରସାଦ ମହାନ୍ତି | ,, | ,, |
| ୬୪ | ହରିହର ଷଡଙ୍ଗୀ | ଅନୁଗୋଳ | ଅନୁଗୋଳ |
| ୬୫ | ଲକ୍ଷ୍ମଣ ମିଶ୍ର | ,, | ,, |
| ୬୬ | ମାର୍କଣ୍ଡ ପଧାନ | ଢଣ୍ଡିପଡ଼ା | ,, |
| ୬୭ | ବଳରାମ ମଣ୍ଡଳ | ଦଶପଲ୍ଲା | ଗଡ଼ଜାତ |
| ୬୮ | ରାଧାମୋହନ ବଣ୍ଡପାଣ୍ଡା | ଖାଲଗାଁ | ,, |
| ୬୯ | ବଇଦାର ପ୍ରଧାନ | ବୌଦ୍ଧ | ,, |
| ୭୦ | କୃଷ୍ଣଚନ୍ଦ୍ର ତ୍ରିପାଠୀ | ଢେଙ୍କାନାଳ | ,, |
| ୭୧ | ବାସୁଦେବ ରଥ | ଅଠଗଡ଼ | ,, |
| ୭୨ | ମଧୁସୂଦନ ମିଶ୍ର | ଅଠମଲ୍ଲିକ | ,, |
| ୭୩ | ନାରାୟଣ ପାଢ଼ୀ | ,, | ,, |
| ୭୪ | ପଠାଣି ଦାସ | ହିନ୍ଦୋଳ | ,, |

ସନ ୧୮୯୯ ମସିହାର ଅପର ପ୍ରାଇମେରୀ ବୃତ୍ତି ପରୀକ୍ଷାର ଫଳ ।

୧ମ ଶ୍ରେଣୀ ପାରଦର୍ଶିତାନୁସାରେ

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲା ବା ଷ୍ଟେଟ |
|---|---|---|---|
| ୧ | ଶ୍ରୀମାନ୍ ଗୋପୀନାଥ ନନ୍ଦ | ପଟ୍ଟପୁର | କଟକ |
| ୨ | { ବୃନ୍ଦାବନ ଷଡଙ୍ଗୀ | ବିଡ଼ାନାସୀ | ,, |
| | { ବିଲସନ ଶ୍ରୀ [illegible] ଭୁବନେଶ୍ୱର | ବେଲେଲ | ପୁରୀ |
| ୩ | ଦଇତାରି ଦାସ | ଖାଣ୍ଟପୁର | କଟକ |
| ୪ | ଦଶରଥି ପଟ୍ଟନାୟକ | ପଟ୍ଟାମୁଣ୍ଡେଇ ମିଃ ସ୍କୁଲ | ,, |
| ୫ | ଶିବାନନ୍ଦ ମହାନ୍ତି | ଅଳକଣୀ | ,, |
| ୬ | ଲକ୍ଷ୍ମୀଧର ପଣ୍ଡା | ବସନ୍ତିଆ | ବାଲେଶ୍ୱର |
| ୭ | ଆନନ୍ଦ ରଥ | ନୂଆଗଡ଼ ମିଃ ସ୍କୁଃ | ଗଡ଼ଜାତ |
| ୮ | କୁଳମଣି ଦାସ | ନୂଆପାଟଣା | ପୁରୀ |
| ୯ | ମୁକୁନ୍ଦ ପ୍ରସାଦ ବସୁ | ଜଗତପୁର | କଟକ |
| ୧୦ | ଭାଗୀରଥୀ ମିଶ୍ର | ନୂଆଗଡ଼ ମିଃ ସ୍କୁଃ | ଗଡ଼ଜାତ |
| ୧୧ | ବୃନ୍ଦାବନ ପଟ୍ଟନାୟକ | ପଟ୍ଟାମୁଣ୍ଡେଇ ମିଃ ସ୍କୁଃ | କଟକ |
| ୧୨ | ଭଗବାନ ପ୍ରସାଦ ପାଣିଗ୍ରାହୀ | ଭଦ୍ରଖ | ବାଲେଶ୍ୱର |
| ୧୩ | ରାମଚନ୍ଦ୍ର ଦାସ | ମଧ୍ୟପାଟଣା | କଟକ |

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲା ବା ଷ୍ଟେଟ |
|---|---|---|---|
| ୧୪ | ହେମଲତା ପ୍ରଭାବତୀ | [illegible] | ,, |
| ୧୫ | ଚତୁର୍ଭୁଜ [illegible] | ପାଟକୁରା | ,, |
| ୧୬ | ପ୍ରାଣଧର ଷଡଙ୍ଗୀ | ଜାଜପୁର | ,, |
| ୧୭ | { ଅପର୍ଣ୍ଣା ଦାସୀ | ଭୂମରପୁର | ବାଲେଶ୍ୱର |
| | { ଚନ୍ଦ୍ରମଣି ଦାସ | ପାଲଲହଡ଼ା | ଗଡ଼ଜାତ |
| ୧୮ | ଅନନ୍ତ ଚନ୍ଦ୍ର ବେହେରା | ଛେନାପଦା | ଅନୁଗୋଳ |
| ୧୯ | ଗୁଣନିଧି ମହାନ୍ତି | ଦେକୁଳ | କଟକ |
| ୨୦ | { ଜଗନ୍ନାଥ ସାହୁ | ନୂଆଗଡ଼ ମିଃ ସ୍କୁଃ | ଗଡ଼ଜାତ |
| | { ଦାମୋଦର ପାଳଧିଆ | ରଣପୁର ମିଃ ସ୍କୁଃ | ,, |
| ୨୧ | { ବୃନ୍ଦାବନ ଘୋଷ | ଓଳସଙ୍ଗ ମିଃ ସ୍କୁଃ | ,, |
| | { ମାଧବାନନ୍ଦ ମହାପାତ୍ର | ଗଣ୍ଡବିଲ ମିଃ ସ୍କୁଃ | ,, |
| ୨୨ | ଶ୍ରୀଧର ପତି | ଲକ୍ଷ୍ମୀପୁର | କଟକ |
| ୨୩ | { ଗୋପୀନାଥ ରଥ | [illegible] | ପୁରୀ |
| | { ଅର୍ଜୁନ ପଣ୍ଡା | କାଶୀଡ଼ା | ବାଲେଶ୍ୱର |
| | { ଶିବାନନ୍ଦ କର | ହରିପୁର | କଟକ |
| ୨୪ | ସୁବଳ ଦାସ | ସୂର୍ଯ୍ୟପୁର | ବାଲେଶ୍ୱର |
| ୨୫ | { ଗୋପୀନାଥ ମିଶ୍ର | ସରାଇପୁର | ଗଡ଼ଜାତ |
| | { ପଦ୍ମନାଭ ସାହୁ | ମଦନପୁର ମିଃ ବାଃ | ବାଲେଶ୍ୱର |
| ୨୬ | ଗୋବିନ୍ଦ ଶତପଥୀ | ମଧ୍ୟଶାସନ | କଟକ |
| ୨୭ | { ଲୋକନାଥ ମିଶ୍ର | [illegible] | ପୁରୀ |
| | { [illegible] | [illegible] | ,, |
| | { ଶିବ ପ୍ରସାଦ ବେହେରା | [illegible] | ଗଡ଼ଜାତ |
| ୨୮ | { ବୈଦ୍ୟନାଥ ଦାସ | ଗୋଡ଼ର୍ଦ୍ଦା | ବାଲେଶ୍ୱର |
| | { ବଳରାମ ଗୋସ୍ୱାମୀ | ସୂର୍ଯ୍ୟପୁର ମିଃ | ବାଲେଶ୍ୱର |
| ୨୯ | { ଯୁଧିଷ୍ଠିର ପ୍ରଧାନ | ଛେନାପଦା | ଅନୁଗୋଳ |
| | { ସଦାଶିବ ସାହୁ | ,, | ,, |
| ୩୦ | [illegible] | ବାଉପଦା | ଗଡ଼ଜାତ |
| ୩୧ | ଶ୍ୟାମସୁନ୍ଦର ମିଶ୍ର | ସୁନ୍ଦରଗ୍ରାମ | ,, |
| ୩୨ | [illegible] | [illegible] ମିଃ ସ୍କୁଃ | ,, |
| ୩୩ | ଭଗବାନ ବଳ | ସୁନ୍ଦରଗ୍ରାମ | |
| ୩୪ | [illegible] ବେହେରା | [illegible] | ବାଲେଶ୍ୱର |
| ୩୫ | { [illegible] | [illegible] | ପୁରୀ |
| | { [illegible] ପ୍ରଧାନ | ଛେନାପଦା | ଅନୁଗୋଳ |
| | { [illegible] | [illegible] ମିଃ ସ୍କୁଃ | ଗଡ଼ଜାତ |

ବୀଣାପାଣି ଦାସୀ [illegible] କଟକ

୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲା ବା ଷ୍ଟେଟ |
|---|---|---|---|
| ୧ | ବାଳକୃଷ୍ଣ ଦାସ | [illegible] | କଟକ |
| ୨ | [illegible] ମହାନ୍ତି | [illegible] | ,, |
| ୩ | ରଘୁନାଥ ଦାସ | [illegible] | ,, |
| ୪ | [illegible] | [illegible] | ,, |
| ୫ | [illegible] | [illegible] | ,, |
| ୬ | ବାଳକୃଷ୍ଣ କର | ଜଗତପୁର | ,, |
| ୭ | [illegible] | ,, | ,, |
| ୮ | ନାରାୟଣ [illegible] | ,, | ,, |
| ୯ | [illegible] ମହାପାତ୍ର [illegible] | | ,, |
| ୧୦ | ବଳରାମ ନନ୍ଦ | ,, | ,, |

* ବଙ୍ଗଭାଷାରେ ପରୀକ୍ଷିତା ।

Digitized by srujanika@gmail.com

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା କଶ୍ବା |
|---|---|---|---|
| ୧୧ | ବନମାଳୀ ସିଂହ | ରଘୁନାଥନଗର | କଟକ |
| ୧୨ | ଉଦ୍ଧବ ପଣ୍ଡା | ,, | ,, |
| ୧୩ | ସୁଧାଶ୍ୟାମ ସାହୁ | ଜାରଡା | ,, |
| ୧୪ | ମହାଦେବ ପଣ୍ଡା | ଅଲାଣ୍ଡୋ | ,, |
| ୧୫ | ରାଧାଧନ ନାୟକ | ନୂଆଗାଁ | ,, |
| ୧୬ | ବୈଦ୍ୟନାଥ ମହାପାତ୍ର | ଅନନ୍ତପୁର | ,, |
| ୧୭ | ବୃନ୍ଦାବନ ଷଡ଼ଙ୍ଗୀ | ନରସପୁର | ,, |
| ୧୮ | ଭଗବାନ ଦାସ | କୁଆଁପାଳ | ,, |
| ୧୯ | ସୌଦାମିନୀ ଦାସୀ | ଫିମେଲ ନର୍ମାଲ | ,, |
| ୨୦ | ମାର୍କଣ୍ଡ ସମନ୍ତସିଂହ | ,, | ,, |
| ୨୧ | ବଂଶୀଧର ମହାନ୍ତି | ଅଁଳର | ,, |
| ୨୨ | ଲକ୍ଷ୍ମୀଧର ଦାସ | କଇଫୁଲ | ,, |
| ୨୩ | ନୀଳକୃଷ୍ଣ ଦାସ | ,, | ,, |
| ୨୪ | ଭଗବାନ ଦାସ | ଏଣ୍ଡେଇ | ,, |
| ୨୫ | ଜନାର୍ଦ୍ଦନ ସାହୁ | ,, | ,, |
| ୨୬ | ହରେକୃଷ୍ଣ ସାହୁ | ,, | ,, |
| ୨୭ | ଉପେନ୍ଦ୍ର ସାହୁ | ,, | ,, |
| ୨୮ | ଶ୍ରୀକୃଷ୍ଣ ରଥ | ସିହାସୋଲ | ,, |
| ୨୯ | ଶ୍ରୀମନ୍ତ ଅଧିକାରୀ | ଅକ୍ୟାସିପୁର | କଟକ |
| ୩୦ | ଜଗନ୍ନାଥ ପାଳିତ | ,, | ,, |
| ୩୧ | ନୀଳମଣି ପଟ୍ଟନାୟକ | ଅଟ୍ଟେଶ୍ୱ | ,, |
| ୩୨ | ରାଧାକୃଷ୍ଣ ବାରିକ | ବାହାବଲପୁର | ,, |
| ୩୩ | ଉଦାରଚରଣ ଦାସ | ଉଦୟପୁର | ,, |
| ୩୪ | ବନମାଳୀ ଦାସ | ,, | ,, |
| ୩୫ | ପ୍ରାଣକୃଷ୍ଣ ବେହେରା | କଞ୍ଚା ମିଃ ସ୍କୁଃ | ,, |
| ୩୬ | କୃଷ୍ଣଚରଣ ମହଳ | ,, | ,, |
| ୩୭ | ପଦ୍ମନାଭ ପାଣି | ପଡାମୁଣ୍ଡାଇ ମିଃ ସ୍କୁଃ | ,, |
| ୩୮ | ବେଣୀ ପରିଡ଼ା | ଅଲପଦା | ,, |
| ୩୯ | ବୃନ୍ଦାବନ ମହାନ୍ତି | ଭଗବତପୁର | ,, |
| ୪୦ | ଫାଣୁ ମିଶ୍ର | ସ୍ୱଜନଗର | ,, |
| ୪୧ | [illegible] ଦାସ | ,, | ,, |
| ୪୨ | ଭାନୁଚରଣ କର | ବିଘୋଲ | ,, |
| ୪୩ | ଉଦାରଚରଣ ନାୟକ | ଚନ୍ଦପୁର | ,, |
| ୪୪ | ହରେକୃଷ୍ଣ ଜେନା | ,, | ,, |
| ୪୫ | ରାମଚନ୍ଦ୍ର ଜଗଦେବ | ,, | ,, |
| ୪୬ | ଗୋକୁଳ ପଟ୍ଟନାୟକ | ଡୋମପଡ଼ା | ,, |
| ୪୭ | ଅନନ୍ତ ଚରଣ ପଣ୍ଡା | ଧିଶଲ | ,, |
| ୪୮ | ମଦନ ମୋହନ ଷଡ଼ଙ୍ଗୀ | ସୋଲପୁର | ,, |
| ୪୯ | ରଘୁନାଥ ମିଶ୍ର | ସ୍କୁଲ୍ ପୁରୁଷୋତ୍ତମପୁର | ପୁରୀ |
| ୫୦ | ଲକ୍ଷ୍ମଣ ଦାସ | [illegible] | ,, |
| ୫୧ | ଭାଗୀରଥୀ ମିଶ୍ର | ,, | ,, |
| ୫୨ | ମାଧବ ରଥ | ବୀରଦେବପୁର ମିଃ ସ୍କୁଃ | ,, |
| ୫୩ | ମଦନ ମୋହନ ମିଶ୍ର | ,, | ,, |
| ୫୪ | ପ୍ରାଣକୃଷ୍ଣ ମହାନ୍ତି | ପୁରୀ ଟାଉନ | ,, |
| ୫୫ | ଦ୍ୱାରିବନ୍ଧୁ ବେହେରା | ,, | ,, |
| ୫୬ | ପରମାନନ୍ଦ ପତି | ,, | ,, |
| ୫୭ | ଲୋକନାଥ ମହାରଣା | ଦାମୋଦରପୁର | ,, |
| ୫୮ | ବାସୁଦେବ ମହାପାତ୍ର | ବୀରବଳଭଦ୍ରପୁର | ,, |
| ୫୯ | ନୀଳକଣ୍ଠ ମିଶ୍ର | ଦାସବଦଖାନପୁର | ପୁରୀ |
| ୬୦ | ମହାଦେବ ମିଶ୍ର | ,, | ,, |
| ୬୧ | ମଧୁସୂଦନ ଦଣ୍ଡପାଟ | ସରଦେଇକୃଷ୍ଣପୁର | ,, |
| ୬୨ | ଘନଶ୍ୟାମ ଦାସ | କୃଷ୍ଣପୁର | ,, |
| ୬୩ | ଭୋଲବ ଖାଁ | ମୂଳ ଦାସପୁର | ,, |
| ୬୪ | ବ୍ରଜବନ୍ଧୁ ପଟ୍ଟନାୟକ | ବାଲି ମାଟିଆ | ,, |
| ୬୫ | ନରେନ୍ଦ୍ର ସେନ | ବାଣପୁର ମିଃ ସ୍କୁଃ | ,, |
| ୬୬ | ଚଣ୍ଡୀ ଦାସ | ନୂଆଗଡ଼ଣ | ,, |
| ୬୭ | ଭଗୀରଥୀ ଦାସ | ବାନପାଳ | ,, |
| ୬୮ | ବୈରାଗୀ ମିଶ୍ର | ବାଲିପାଟଣା | ,, |
| ୬୯ | ସଦାଶିବ ମିଶ୍ର | ଦଧିଶଙ୍ଖର | ,, |
| ୭୦ | ବାଳକୃଷ୍ଣ ମହାନ୍ତି | ବାରଲପୁର | ,, |
| ୭୧ | ନୀଳମଣି ମହାନ୍ତି | ,, | ,, |
| ୭୨ | ଯଦୁମଣି ମହାପାତ୍ର | ପଦ୍ମଅ ପାଟପୁର | ,, |
| ୭୩ | ବାମନ ମିଶ୍ର | ,, | ,, |
| ୭୪ | ହରେକୃଷ୍ଣ ସାମନ୍ତରାୟ | ଭାତଶାବାଗ | ,, |
| ୭୫ | ସୁଦାମ ମହାରଥା | ଭୁବନେଶ୍ୱର ଦେଉଳ | ,, |
| ୭୬ | ବାଞ୍ଛାନିଧି ମିଶ୍ର | କୃଷ୍ଣ ଦାସପୁର | ,, |
| ୭୭ | ମଧୁସୂଦନ ପାଣିଗ୍ରାହୀ | ନୂଆପାଡ଼ି | ବାଲେଶ୍ୱର |
| ୭୮ | କ୍ଷେତ୍ରମୋହନ ସୁମ୍ବା | ସେରଗଡ଼ (ଅସାଧାରଣବୃତ୍ତ) | ,, |
| ୭୯ | ହୃଦୟନାଥ ମୁଦୁଲି | ସୋମନାଥପୁର | ,, |
| ୮୦ | କୈଳାସଚନ୍ଦ୍ର ଦାସ | ଗୃପଲ୍ଲୀ | ,, |
| ୮୧ | ଅନନ୍ତଚନ୍ଦ୍ର କର | ରେମ୍ପ | ,, |
| ୮୨ | ଭଗବତଚନ୍ଦ୍ର ଦାସ | ଶାନ୍ତିପୁର ମିଃ ବାଃ ବଃ | ,, |
| ୮୩ | ଲକ୍ଷ୍ମୀନାରାୟଣ ଢୋଲା | ଅଳଙ୍କା | ,, |
| ୮୪ | କୁମୁଦଚନ୍ଦ୍ର ପ୍ରଧାନ | ,, | ,, |
| ୮୫ | ବଳରାମ କରଣ | ,, | ,, |
| ୮୬ | ଭାଗୀରଥୀ ପଣ୍ଡା | କଲ୍ୟାଣୀ | ,, |
| ୮୭ | ହରେକୃଷ୍ଣ ନାରାୟଣ ପରିଡ଼ା | ଦୁଅରପାତ୍ର | ,, |
| ୮୮ | ରାଜମୋହନ ମହାନ୍ତି | କଲଖୁଠି | ,, |
| ୮୯ | ଶ୍ରୀମତୀ ସୁବର୍ଣ୍ଣମୟୀ ଗୁହ | ବାଲେଶ୍ୱର ମିଃ ବାଃ ସ୍କୁ | |
| ୯୦ | ଏଣ୍ଡୁର ମହାନ୍ତି | ,, | ,, |
| ୯୧ | ଲକ୍ଷ୍ମଣ ଜେନା | ଅଦୂରପଦା | ,, |
| ୯୨ | ଯୁଧିଷ୍ଠିର ପାଣି | ଗେଲପୁର | ,, |
| ୯୩ | ବୈକୁଣ୍ଠ ନାୟକ | ,, | ,, |
| ୯୪ | ଜଗମୋହନ ପରିଡ଼ା | ଜଗନ୍ନାଥପ୍ରସାଦ | ବାଲେଶ୍ୱର |
| ୯୫ | ରତକୃଷ୍ଣ ସିଂହ | ,, | ,, |
| ୯୬ | ମହାଙ୍କ ସାହୁ | ମହୁଦା | ,, |
| ୯୭ | ନାରାୟଣ ସାହୁ | ବଡ଼ବାମନ | ,, |
| ୯୮ | ଜୟକୃଷ୍ଣ ପଢ଼ି | କୁମାରପୁର | ,, |
| ୯୯ | ଜାନକୀ ପାଢ଼ୀ | କାଞ୍ଚୁପୁର ମିଃ ସ୍କୁଃ | ,, |
| ୧୦୦ | ସୁଦର୍ଶନ ପଟ୍ଟନାୟକ | ,, | ,, |
| ୧୦୧ | ଲକ୍ଷ୍ମୀଧର ମହାନ୍ତି | ମଡୋ | ,, |
| ୧୦୨ | ଉଦୟନାରାୟଣ ସାହୁ | କାମରଙ୍ଗା | ,, |
| ୧୦୩ | ରାଧାକୃଷ୍ଣ ପଣ୍ଡପାଳକ | ନନ୍ଦପୁର | ,, |
| ୧୦୪ | ଭଗୀରଥୀ ମହାପାତ୍ର | ଭୂୟାଁମହଲ | ,, |
| ୧୦୫ | ଗୋବର୍ଦ୍ଧନ ସୁବାଇ | ନରେନ୍ଦ୍ରପୁର | ,, |
| ୧୦୬ | ଦୋଳଗୋବିନ୍ଦ ପାଣିଗ୍ରାହୀ | ଭୁଦେଶ୍ୱର | ବାଲେଶ୍ୱର |
| ୧୦୭ | ନିଧି ସେନାପତି | ,, | ,, |
| ୧୦୮ | ରାମକୃଷ୍ଣ ତ୍ରିପାଠୀ | ,, | ,, |
| ୧୦୯ | ଗଙ୍ଗାଧର ନାୟକ | ଥଣ୍ଟ | ,, |
| ୧୧୦ | ଶେଖମଣି ଦାସ | ଭଦ୍ରକ ବାଃ ସ୍କୁଃ | ,, |
| ୧୧୧ | ଶ୍ୟାମସୁନ୍ଦର ସାହୁ | ଗୁଳଦଙ୍ଗା ମଃ ସ୍କୁଃ | ,, |
| ୧୧୨ | ସେଖ ବାବୁଜାନ୍ | ,, | ,, |
| ୧୧୩ | ଅନନ୍ତପ୍ରସାଦ ଅଗସ୍ତି | ଅନନ୍ତପୁର ମିଃ ସ୍କୁ | ,, |
| ୧୧୪ | ଗଙ୍ଗାଧର ମହାନ୍ତି | ସୋରୋ ନିଙ୍କପଡ଼ା | ,, |
| ୧୧୫ | ସହଦେବ ପାଣିଗ୍ରାହୀ | ବାସୁଦେବପୁର ମିଃ ସ୍କୁଃ | |
| ୧୧୬ | ଚିନ୍ତାମଣି ପ୍ରସାଦ ଦାସ | ମୈଦାଚୂର | ,, |
| ୧୧୭ | ଘନଶ୍ୟାମ ଗୋସ୍ୱାମୀ | ସୂର୍ଯ୍ୟପୁର | ,, |
| ୧୧୮ | ହରିହର ଦାସ | ,, | ,, |
| ୧୧୯ | ପରଶୁରାମ ସାହୁ | ବାହ୍ଟୀ | ,, |
| ୧୨୦ | ବିଷ୍ଣୁଚରଣ ମହାପାତ୍ର | କୋଠାର ମିଃ ସ୍କୁଃ | ,, |
| ୧୨୧ | ମୀର ଅବଦୁଲ ହାଲୀ | ,, | ,, |
| ୧୨୨ | ଗୁରୁପ୍ରସାଦ ମହାପାତ୍ର | କୁଅମଣ୍ଡା ମିଃ ସ୍କୁଃ | ଗଡ଼ଜାତ |
| ୧୨୩ | ମଧୁସୂଦନ ବେହେରା | ସଠିଲେ | ,, |
| ୧୨୪ | ଲୋକନାଥ ମିଶ୍ର | ,, | ,, |
| ୧୨୫ | ରଘୁ ସାହୁ | ଶାଲଗିଁ ମିଃ ସ୍କୁଃ | ,, |
| ୧୨୬ | ସାଗର ଦଣ୍ଡପାଟ | ହିନ୍ଦିଅ | ଗଡ଼ଜାତ |
| ୧୨୭ | କୃଷ୍ଣଚରଣ ମହାନ୍ତି | ମୁରଲା | ,, |
| ୧୨୮ | ବୃନ୍ଦାବନ ଷଣ୍ଢୁଆ | କେଉଁଝର | ,, |
| ୧୨୯ | ପୃଥିନାଥ ମିଶ୍ର | ବଉଦ | ,, |
| ୧୩୦ | ରଘୁନାଥ ମହାପାତ୍ର | [illegible] ମିଃ ସ୍କୁଃ | ,, |
| ୧୩୧ | ଶ୍ରୀରାମ ଦେଇ | [illegible] ବାଃ ସ୍କୁଃ | ,, |
| ୧୩୨ | ରବିପ୍ରସାଦ ମହାନ୍ତି | ଖଣ୍ଡ | ,, |
| ୧୩୩ | ଅନନ୍ତ ରଥ | କୃଷ୍ଣଚନ୍ଦ୍ରପୁର | ,, |
| ୧୩୪ | ଚନ୍ଦ୍ରଶେଖର ଶତପଥୀ | ଧଳପୁର | ,, |
| ୧୩୫ | ଅନନ୍ତଚରଣ ନନ୍ଦ (୧) | ,, | ,, |
| ୧୩୬ | ମଦନମୋହନ ମିଶ୍ର | ଅତ୍ରିପୁର | ,, |
| ୧୩୭ | କୁଞ୍ଜବିହାରୀ ଦାସ | ,, | ,, |
| ୧୩୮ | କୃପାସିନ୍ଧୁ ମିଶ୍ର | ସଦାନନ୍ଦପୁର | ,, |
| ୧୩୯ | ଲିଙ୍ଗରାଜ ଶତପଥୀ | ,, | ,, |
| ୧୪୦ | ଗୋପୀନାଥ ରଥ | ଅଠ[illegible] ମିଃ ସ୍କୁଃ | ,, |
| ୧୪୧ | ଶଙ୍କର ପଟ୍ଟନାୟକ | ,, | ,, |
| ୧୪୨ | ଲୋକେଶ୍ୱର ପଣ୍ଡା | ,, | ,, |
| ୧୪୩ | ରଘୁନାଥ ମହାପାତ୍ର | [illegible] ମିଃ ସ୍କୁଃ | ,, |
| ୧୪୪ | ଲୋକନାଥ ହୁଦୁଲ | ବାଲିଗୁଡ଼ା | ,, |
| ୧୪୫ | ମୃତ୍ୟୁଞ୍ଜୟ ପଲେଇ | ,, | ,, |
| ୧୪୬ | ଲମ୍ବୋଦର ଦାସ | ଭିତର | ,, |
| ୧୪୭ | ପଦ୍ମନାଭ ଶତପଥୀ | ବାଲି[illegible] ମିଃ ସ୍କୁ | ,, |
| ୧୪୮ | ଲୋକନାଥ ନନ୍ଦ | ,, | ,, |
| ୧୪୯ | ବନ୍ଧୁପାଣିଗ୍ରାହୀ | ନରସିଂହପୁର ମିଃ ସ୍କୁଃ | ,, |
| ୧୫୦ | ଅନନ୍ତଚରଣ ପଟ୍ଟନାୟକ | ,, | ,, |
| ୧୫୧ | ସନାତନ ମିଶ୍ର | ଖଣ୍ଡପଡ଼ା ମିଃ ସ୍କୁଃ | ,, |
| ୧୫୨ | ଗୋବିନ୍ଦ ଉପାଧ୍ୟାୟ | ,, | ,, |

Split by PDF Splitter

Digitized by srujanika@gmail.com

Split by PDF Splitter



| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା କଲ୍ଲା |
|---|---|---|---|
| ୧୫୩ | ବଳରାମ ଦାସ | ଖଣ୍ଡପଡ଼ା ମିଃ ସ୍କୁଃ | ଗଡ଼ଜାତ |
| ୧୫୪ | ଅନନ୍ତ ରାଉତ | ” | ” |
| ୧୫୫ | ଉଦୟଚରଣ ଦାସ | ଛଟିଆ | ” |
| ୧୫୬ | ଗଣନାଥ ଦାସ | ରଣପୁର ମିଃ ସ୍କୁଃ | ଗଡ଼ଜାତ |
| ୧୫୭ | ରଘୁନାଥ ମହାପାତ୍ର | ଗୁଜପୁର | ” |
| ୧୫୮ | ଗଙ୍ଗାଧର ମହାପାତ୍ର | ଗୋପାଳପୁର | ” |
| ୧୫୯ | ନରସିଂହ ସାନ୍ତରା | ” | ” |
| ୧୬୦ | ଚକ୍ରଧର ବେହେରା | ହିଣ୍ଡୋଳ ମିଃ ସ୍କୁଃ | ” |
| ୧୬୧ | ବାଳକୃଷ୍ଣ ପଟ୍ଟନାୟକ | ” | ” |
| ୧୬୨ | ଗୁରୁଚରଣ ଚୌଧୁରୀ | ସୁଷୋଲ | ” |
| ୧୬୩ | ଚନ୍ଦ୍ରମୁଖ ମହାପାତ୍ର | ” | ” |
| ୧୬୪ | ଜନାର୍ଦ୍ଦନ ପ୍ରଧାନ | ପୋଡ଼ାଭୁଙ୍ଗା | ଅନୁଗୁଳ |
| ୧୬୫ | ଅପର୍ତ୍ତି ଦ୍ୱିବେଦୀ | ” | ” |
| ୧୬୬ | କାର୍ତ୍ତିକ ସାହୁ | ” | ” |
| ୧୬୭ | ଗଦାଧର ସାମଲ | ଗୋଚିମରା | ” |
| ୧୬୮ | ରାଘବ ବେହେରା | ” | ” |
| ୧୬୯ | କହ୍ନୁ ପ୍ରଧାନ | ବମଳବେଢ଼ା | ” |
| ୧୭୦ | ଉପେନ୍ଦ୍ର ପ୍ରଧାନ | ” | ” |
| ୧୭୧ | ଇନ୍ଦ୍ରଚନ୍ଦ୍ର ସିଂହ | ବରକେରା | ” |
| ୧୭୨ | ଗୋବିନ୍ଦ ସାହୁ | ଫୁଲବେଣୀ | ” |
| ୧୭୩ | ଦଳମଣି ପ୍ରଧାନ | ଖଜୁରିପଡ଼ା | ” |
| ୧୭୪ | ଯୁଧିଷ୍ଠିର ବେହେରା | ” | ” |

ତୃତୀୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ ।

| ନମ୍ବର | ଛାତ୍ରମାନଙ୍କ ନାମ | ସ୍କୁଲର ନାମ | ଜିଲ୍ଲା ବା କଲ୍ଲା |
|---|---|---|---|
| ୧ | ଜଗବନ୍ଧୁ ଭୂୟାଁ | ଶାଳେପୁର | କଟକ |
| ୨ | ବୈକୁଣ୍ଠ ମହାନ୍ତି | ଖାଉକଟା | ” |
| ୩ | ମଦନ ମୋହନ ରଥ | ଅରଲେ | ” |
| ୪ | ନାରାୟଣ ମହାପାତ୍ର | ଝିଙ୍କଲେ | ” |
| ୫ | ବ୍ରଜବନ୍ଧୁ ରଥ | ଜାଜପୁର | ” |
| ୬ | ସୋମନାଥ କର | ଚରବଟା | ” |
| ୭ | ଜୟକୃଷ୍ଣ ବଡ଼ୁ | ” | ” |
| ୮ | ପଦ୍ମନାଭ ପଣ୍ଡା | ପଦ୍ମପୁର | ” |
| ୯ | ଅଦ୍ୱୈତ ଚରଣ ଗୁପ୍ତ | କଗୋଲ | ” |
| ୧୦ | ଶ୍ରୀବାସ ବେହେରା | କୃଷ୍ଣପୁର | ” |
| ୧୧ | ମାନଗୋବିନ୍ଦ ବଳ | ” | ” |
| ୧୨ | ଚନ୍ଦ୍ରମଣି ଶରଣ | ଖାଣ୍ଡୋଲ | ” |
| ୧୩ | ଶତ୍ରୁଚରଣ ସେନ | ରଘୁନାଥ ନଗର | ” |
| ୧୪ | ବୃନ୍ଦାବନ ମହାନ୍ତି | ” | ” |
| ୧୫ | ଗୋବିନ୍ଦ ବରାଳ | ବାରଦା | ” |
| ୧୬ | ହେମନ୍ତ କୁମାର ଗୁପ୍ତ | ଅଲଣ୍ଡୋ | ” |
| ୧୭ | ଭୋଳାନାଥ ଭୂୟାଁ | କାଶୀପୁର | ” |
| ୧୮ | ଧନେଶ୍ୱର ମହାନ୍ତି | ନୂଆଗାଁ | ” |
| ୧୯ | ନନ୍ଦକିଶୋର ମହାନ୍ତି | ” | ” |
| ୨୦ | ଦାମୋଦର କାନୁନଗୋଇ | ହରିରାମ | ” |
| ୨୧ | ରମେଶଚନ୍ଦ୍ର ସିଂହ | ଜଗଇପୁର | ” |
| ୨୨ | ବୈରାଗୀ ସାମଲ | କଲ୍ୟାଣପୁର ମିଃ ସ୍କୁଃ | ” |
| ୨୩ | ପ୍ରଭାକର ଶତପଥୀ | ସିଙ୍ଗାପୁର | ” |
| ୨୪ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହୁରା | ସୁଲିଆ | ” |
| ୨୫ | ଏକାଦଶୀ ରାଉତ | ଗଣ୍ଡା ମିଃ ସ୍କୁଃ | ” |
| ୨୬ | ଦୀନବନ୍ଧୁ ଦାସ | ବାଲିସାହି | କଟକ |
| ୨୭ | ଜଳଧର ଧଳ | ଅଲପଦା | ” |
| ୨୮ | ସାନନ୍ଦ ପଣ୍ଡା | ସଜ ନଗର | ” |
| ୨୯ | ପ୍ରାଣ ସାହୁ | ” | ” |
| ୩୦ | ଚନ୍ଦ୍ରମଣି କର | ବଶୋଳ | ” |
| ୩୧ | ଦୁଃଶୀଳନ ସୁରାଇ | ଯାଜପୁର | ” |
| ୩୨ | ଦିଗମ୍ବର କର | ଡୋମପଡ଼ା | ” |
| ୩୩ | ମଧୁସୂଦନ ରଥ | ଶ୍ରୀପୁରୁଷୋତ୍ତମପୁର | ପୁରୀ |
| ୩୪ | ଜଗନ୍ନାଥ ତ୍ରିପାଠୀ | ବାଲିସାହି | ” |
| ୩୫ | ବନ୍ଧୁଚରଣ ଦାସ | ” | ” |
| ୩୬ | ଗୋବିନ୍ଦ ରଥ | ସତ୍ୟବାଦୀ | ” |
| ୩୭ | [illegible] ଶତପଥୀ | ” | ” |
| ୩୮ | ନୀଳକଣ୍ଠ ଦାସ | ପୁରୀ ଟାଉନ | ” |
| ୩୯ | ଗୋବିନ୍ଦ ତ୍ରିପାଠୀ | ଦାମୋଦରପୁର | ” |
| ୪୦ | ଦାମୋଦର ଦତ୍ତ | ମାର୍କଣ୍ଡ ସାହି | ” |
| ୪୧ | ଗୋପବନ୍ଧୁ ମହାପାତ୍ର | ବୀର ବଳଭଦ୍ରପୁର | ” |
| ୪୨ | ଅନାଦି ଦାଶ | ବୀରହରେକୃଷ୍ଣପୁର | ” |
| ୪୩ | ନନ୍ଦକିଶୋର ମହାନ୍ତି | ଗୋବିନ୍ଦପୁର | ” |
| ୪୪ | ବା[illegible]ର ନାୟକ | ” | ” |
| ୪୫ | ବୃନ୍ଦାବନ ଦାସ | ମୁକୁନ୍ଦଦାସପୁର | ” |
| ୪୬ | ମୃତ୍ୟୁଞ୍ଜୟ ପଟ୍ଟନାୟକ | [illegible] | ” |
| ୪୭ | ଜଗବନ୍ଧୁ ମହାନ୍ତି | ” | ” |
| ୪୮ | ଉଦ୍ଧବ ବେହେରା | ବାଢ଼ିଆ ପାଟଣା | ” |
| ୪୯ | ଆର୍ତ୍ତତ୍ରାଣ ମିଶ୍ର | ବାଣପୁର ମିଃ ସ୍କୁଃ | ” |
| ୫୦ | ଲକ୍ଷ୍ମୀନାଥ ସାମନ୍ତରାୟ | ପଦ୍ମପୁର | ” |
| ୫୧ | କୁଳମଣି ମିଶ୍ର | ବାଗଲପୁର | ” |
| ୫୨ | ନଟବର ସାମନ୍ତରାୟ | ଗୁରୁଜାଙ୍ଗ | ” |
| ୫୩ | ଭଗବାନ ସାହୁ | ସିଙ୍ଗପାନ୍ଥିଆ | ” |
| ୫୪ | ଭୁବନେଶ୍ୱର ଜେନା | ଜାନକ୍ଷୋ | ବାଲେଶ୍ୱର |
| ୫୫ | ବନମାଳୀ ଜେନା | ଶେରଗଡ଼ (ଅସାଧାରଣ ବୃତ୍ତି) | ” |
| ୫୬ | ଗୋବିନ୍ଦପ୍ରସାଦ ମହାନ୍ତି | ଧାଁଟପୁର | ” |
| ୫୭ | ଅନନ୍ତପ୍ରସାଦ ରଣା | ରେମୁଣା ମିଃ ସ୍କୁଃ | ” |
| ୫୮ | ସୀତାରାମ ଦାସ | ଗୋପାଳପୁର | ” |
| ୫୯ | ହୃଷୀକେଶ ମହାପାତ୍ର | ଶେରଗଡ଼ (ସାଧାରଣ ବୃତ୍ତି) | ” |
| ୬୦ | ଶିବନାରାୟଣ ଖୋଲି | ଅନଲସ୍ୱା | ” |
| ୬୧ | ରୁଦ୍ରନାରାୟଣ ଜେନା | ସାହାପୁର | ” |
| ୬୨ | ଜ୍ଞାନେନ୍ଦ୍ରନାରାୟଣ ଘୋଷ | ଦୁଆରପାଳର | ” |
| ୬୩ | ପୀତାମ୍ବର ପଣ୍ଡା | ବାଗୁସାଇ ମିଃ ସ୍କୁଃ | ” |
| ୬୪ | ନୀଳାଦ୍ରି ଦାଶ | ” | ” |
| ୬୫ | ମାଧବାନନ୍ଦ ମହାପାତ୍ର | ବାଗୁସାଇ ମିଃ ସ୍କୁଃ | ” |
| ୬୬ | କପିଳଚରଣ ମହାରଣା | ଉରମ ମିଃ ସ୍କୁଃ | ” |
| ୬୭ | ରାଧାନାଥ ଚକ୍ରବର୍ତ୍ତୀ | ଅଦଳପଦା | ” |
| ୬୮ | ରୁଦ୍ରଚରଣ ପଣ୍ଡା | ଗେଲପୁର | ” |
| ୬୯ | ଜଗବନ୍ଧୁ ଦାସ | ସୋମେଶ୍ୱରପୁର | ” |
| ୭୦ | ବାମନ ଜେନା | ଜଗନ୍ନାଥପ୍ରସାଦ | ” |
| ୭୧ | ସୋମନାଥ ପାଣିଗ୍ରାହୀ | ବାମନଗାଁ | ” |
| ୭୨ | ମାର୍କଣ୍ଡ ପଶୁପାଳକ | ରଜପୁର | ” |
| ୭୩ | [illegible] ମହାନ୍ତି | ଭୂୟାଁମନ୍ଦଳ | ବାଲେଶ୍ୱର |
| ୭୪ | ମଧୁସୂଦନ ଦାସ | ମୁଗଳପୁରୀ | ” |
| ୭୫ | କୃଷ୍ଣଚନ୍ଦ୍ର ପଣ୍ଡା | ଅଲତ | ” |
| ୭୬ | ଗଙ୍ଗାଧର ମହାପାତ୍ର | ” | ” |
| ୭୭ | ଗୋବିନ୍ଦ ବେହେରା | ଜଗଗା | ” |
| ୭୮ | ଅଭିରାମ ମହାପାତ୍ର | ” | ” |
| ୭୯ | ଗଙ୍ଗାଧର ଦାସ | ଶୁଭଦରଡ଼ା ମିଃ ସ୍କୁଃ | ” |
| ୮୦ | [illegible] ନାୟକ | ଛତ୍ରିଗଡ଼ | ” |
| ୮୧ | ବୈଦ୍ୟନାଥ ମିଶ୍ର | ବାଲି[illegible] ମିଃ ସ୍କୁଃ | ” |
| ୮୨ | ରାଜବନ୍ଧୁ ପାଣିଗ୍ରାହୀ | ବାସୁଦେବପୁର | ” |
| ୮୩ | ଧନଞ୍ଜୟ ମହାନ୍ତି | ଅନ୍ତଗଳ | ” |
| ୮୪ | ବିଷ୍ଣୁ ପଣ୍ଡିତ | ବୈଠିଲୋ | ଗଡ଼ଜାତ |
| ୮୫ | ଗୋବିନ୍ଦଚନ୍ଦ୍ର ଦାସ | ମଦପୁର | ” |
| ୮୬ | ଦୁର୍ଗାଚରଣ [illegible] | ବୈଦ୍ୟପୁର | ” |
| ୮୭ | ମହାନନ୍ଦ ସାମ ସୁଲାମା | ବାଉପଦା | ” |
| ୮୮ | ଅଷ୍ଟବଦନ ଆଚାର୍ଯ୍ୟ | ନୀଲଗିରି ମିଃ ସ୍କୁଃ | ” |
| ୮୯ | ଶ୍ରୀଚରଣ ସାହୁ | ଫତେପୁର | ” |
| ୯୦ | ଶ୍ରୀନାଥ ପଟ୍ଟନାୟକ | ପାଟପୁର | ” |
| ୯୧ | କୃଷ୍ଣଚରଣ ପଟ୍ଟନାୟକ | ” | ” |
| ୯୨ | ରାଧାମୋହନ ଦାସ | ବ୍ରହ୍ମପୁର | ” |
| ୯୩ | ଗାଲଚରଣ ନାୟକ | ଅଯୋଧ୍ୟା | ” |
| ୯୪ | ଚକ୍ରଧର ପଟ୍ଟନାୟକ (ଶିକ୍ଷକ) | ବ୍ରହ୍ମପୁର | ” |
| ୯୫ | ମଦନ ମୋହନ ବେହେରା | ସରସରା | ” |
| ୯୬ | ଗୋବିନ୍ଦଚରଣ ପଣ୍ଡା | ଭଞ୍ଜପୁର | ” |
| ୯୭ | ଅନନ୍ତ ଚରଣ କର (କ) | ଧଲପୁର | ” |
| ୯୮ | ରାଜବନ୍ଧୁ ରଥ | ଅଠଗଡ଼ ମିଃ ସ୍କୁଃ | ” |
| ୯୯ | ବାଳକୃଷ୍ଣ ମିଶ୍ର | ଅନନ୍ତପୁର ମିଃ ସ୍କୁଃ | ” |
| ୧୦୦ | କୁଳମଣି ମହାନ୍ତି | ” | ” |
| ୧୦୧ | ହୃଷୀକେଶ ପାଣି | ” | ” |
| ୧୦୨ | ଜଗବନ୍ଧୁ ମହାନ୍ତି | ଅଠଜପୁର ବାହାର ଗଡ଼ | ” |
| ୧୦୩ | ଜଗନ୍ନାଥ ମହାନ୍ତି | [illegible] | ” |
| ୧୦୪ | ନଟବର ମିଶ୍ର | ତାଳଚେର ମିଃ ସ୍କୁଃ | ” |
| ୧୦୫ | ଲକ୍ଷ୍ମଣ ତ୍ରିପାଠୀ | ଅଠମଲ୍ଲିକ ” | ” |
| ୧୦୬ | ଚନ୍ଦ୍ରଶେଖର ମିଶ୍ର | ରଣପୁର ମିଃ ସ୍କୁଃ | ” |
| ୧୦୭ | ଅନନ୍ତ ନାୟକ | ସୁନ୍ଦର | ” |
| ୧୦୮ | ରଘୁନାଥ ସାମନ୍ତ | ସୁନାଖଳା | ” |
| ୧୦୯ | ତ୍ରିଲୋଚନ ମିଶ୍ର | ଦଶପଲ୍ଲା | ” |
| ୧୧୦ | ଲିଙ୍ଗରାଜ ପଣ୍ଡା | ” | ” |
| ୧୧୧ | ସତ୍ୟବାଦୀ ସାହୁ | ପୋଡ଼ାଭୁଙ୍ଗା | ଅନୁଗୁଳ |
| ୧୧୨ | ଚକ୍ରଧର ପ୍ରଧାନ | ବମଳଟେଢ଼ା | ” |
| ୧୧୩ | ସଦାନନ୍ଦ ସିଂହ | କଉଁରେଡ଼ | ” |
| ୧୧୪ | ବୈଷ୍ଣବ ଚରଣ ପଟ୍ଟନାୟକ | ତାଳମୂଳ | ” |
| ୧୧୫ | ଈଶ୍ୱର ନାୟକ | ଫୁଲବେଣୀ | ” |
| ୧୧୬ | ବିଶ୍ୱନାଥ ବେହୁରା | ଦୁଧପଡ଼ା | ” |
| ୧୧୭ | ବଇଧର ନାୟକ | ଖଜୁରିପଡ଼ା | ” |
| ୧୧୮ | ଅନନ୍ତ ବଶୋଇ | ବଣିପଡ଼ା | ” |

R. N. RAI,
*Inspector of schools,*
*Orissa Circle.*

[illegible] ମୁଦ୍ରଣ [illegible] ।

Digitized by srujanika@gmail.com

Split by PDF Splitter

GISTERED No. C. 81.

423

# ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ଅଗ୍ରୀମ ଟ ୩୧

ଭାଗ ୪୦ ସଂଖ୍ୟା | ଭା ୩୦ ତଗ ମାହେ ଡସମ୍ବର ସନ ୧୮୧୯ ମସିହା । ମୃ । ତ ୧୭ ର ପୌଷ ସନ ୧୩୦୭ ସାଲ ଶନିବାର | ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦। |
| ଛୋଟ | ଟ ୦୧୬ |

ମୋଫସଲ ନିମନ୍ତେ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଶ୍ରୀରାମପୁରର ଏକ ହିନ୍ଦୁ ଋଣଗ୍ରସ୍ତ ହୋଇ ତାହାର ଜାମାତା ନାମରେ ନିଜ ଭୂସମ୍ପତ୍ତି ବେନାମୀ କରି ସେଥିମଧ୍ୟରେ ବାଜେଲେଖାଲେଖି କରି ଦେଇଥିଲା । କିଛିକାଳ ପରେ ଋଣ ପରିଶୋଧ କରି ସମ୍ପତ୍ତି ଫେରି ପାଇବାର ନାଲିସ କଲାନ୍ତେ ଜାମାତା ବେନାମୀ ବିଷୟ ଅସ୍ୱୀକାର କଲା । ମାଜିଷ୍ଟ୍ରେଟଙ୍କ ବିଚାରରେ ମିଥ୍ୟା କଥା କହିବାରୁ ସେ ଜାଲିଆତି ଅପରାଧରେ ଛମାସ କାରାବାସ ଦଣ୍ଡପ୍ରାପ୍ତ ହୋଇଅଛି ।

---

କଲିକତାର ଦକ୍ଷିଣ ସହରତଳି ମିଉନିସି-ପାଲିଟି ନାମରେ ବରସାଉ ଜମିଦାରୁ ଅଲିପୁ-ରର ୨ୟ ମୁନସଫଙ୍କ କଚେରିରେ ଏହି ମର୍ମରେ ଏକ କ୍ଷତିପୂରଣ ମୋକଦ୍ଦମା ଦାଏର କରିଥିଲେ ଯେ ମିଉନିସିପାଲିଟିଙ୍କ ରାସ୍ତା ବେମରାମତି ହେତୁ ତାଙ୍କର ବଗିର ବିସ୍ତର ଅନିଷ୍ଟ ଘଟିଅଛି । ମିଉନିସିପାଲିଟି ରାସ୍ତା ଯଥାସମ୍ଭବ ମରାମତ ହୋଇ ଥିବାର ଜବାବ ଦେଲେ । ମୁନସଫଙ୍କ ବିଚାରରେ ସ୍ଥିର ହେଲା ଯେ ସଡ଼କର ଅବସ୍ଥା ଅତ୍ୟନ୍ତ ମନ୍ଦ ଅତଏବ ସେ ବାଦୀକୁ ଖର୍ଚ୍ଚା ସହିତ ସମ୍ପୂର୍ଣ୍ଣ ଦାବିର ଡିକ୍ରି ଦେଲେ । ଅନ୍ୟ ସବୁ ମିଉନିସି-ପାଲିଟୀ ସତର୍କ ହେବେଟି ?

---

ଶିଲଙ୍ଗର ନିକଟରୁ ସମ୍ବାଦ ପାଇଅଛୁଁ ଯେ ଦଲୋର ଗ୍ରାମରେ ପ୍ରାୟ ବ ୪ ବର୍ଷ ହେଲା ମହାବଳ ବାଘ ମାଉ ଅନେକ ମନୁଷ୍ୟ ଓ ଗୋ ମହିଷାଦି ନଷ୍ଟ କରୁଅଛି ମାଲଗିରର ରାଜା ମହୋଦୟ ଥରେ ମାତ୍ର ବାଘ ମାରିବାର ଚେଷ୍ଟା କରି ଯନ୍ତ୍ର ହୋଇଅଛନ୍ତି ଦୁଃଖର ବିଷୟ ଅଟେ । ବ୍ୟାଘ୍ରାଦି ହିଂସ୍ର ଜନ୍ତୁ ସଙ୍ଗେ ଯୁଦ୍ଧ କରି ସେ-ମାନଙ୍କ ହାତରୁ ପ୍ରଜାପୁଞ୍ଜଙ୍କୁ ରକ୍ଷା କରିବା ଗଡ଼ଜାତ ରାଜାମାନଙ୍କର ଗୋଟିଏ ପ୍ରଧାନ କର୍ତ୍ତବ୍ୟ କର୍ମ । ନବୀନ ଶିକ୍ଷିତ ରାଜାମାନଙ୍କୁ ଏ ବିଷୟରେ ଯଥୋଚିତ ମନୋଯୋଗୀ ଦେଖିବାର ଆମ୍ଭେ-ମାନେ ଆଶା କରୁଁ । ଏଥିରେ ଯଶ ଓ ଧର୍ମ ଲାଭ ହେବ ।

---

ବ୍ରହ୍ମରାଜ୍ୟର ଶିକ୍ଷା ବିଭାଗୀୟ ଗତ ରିପୋର୍ଟରୁ ପ୍ରକାଶ ଯେ ବିଦ୍ୟାଳୟରେ ଇଣ୍ଡିଆ ସାରଟନ ପ୍ରଣାଳୀ ଶିକ୍ଷା ଦେବାର ଦେଖି ଲୋକେ ଅପଣା ଅପଣା ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଭୟ କଲେ । ସେମାନଙ୍କ ମନରେ ଏହି ସନ୍ଦେହ ହେଲା ଯେ ସରକାର ପରକ୍ଷେପରେ ପିଲାମାନଙ୍କୁ ଧରି ପଲଟନରେ ଭରତି କରିବେ । ନିଜର ଛଇର ଲୋକଙ୍କର ବିଶ୍ୱାସ ଯେ ପିଲାମାନଙ୍କୁ ପୁଲିସରେ ଭରତି କରିବା ଅଭିପ୍ରାୟରେ ସର-କାର ବିଦ୍ୟାଳୟରେ ଡ୍ରିଲ ଶିକ୍ଷା ଦେଉଅଛନ୍ତି । ଏଥିପାଇଁ ସେମାନେ ବିଦ୍ୟାଳୟରେ ପଢ଼ିବା କାରଣ ପିଲାଙ୍କୁ ଛାଡ଼ନ୍ତି ନାହିଁ । କୁସଂସ୍କାର ସକଳ ରାଜ୍ୟରେ ଯେତିକି ରହିଅଛି ।

---

କଲିକତାର ମାରବାଡ଼ିମାନେ ବାବୁ ଗୋଲପ ରାୟ ପୋଦ୍ଦାରଙ୍କୁ ପ୍ରଧାନ କରି ଅପଣା ମଧ୍ୟରେ ଚେନ୍ଦାଦ୍ୱାରା ଟ ୭୦,୦୦୦ ୧ ଙ୍କା ଉଠାଇ ସେହି ଟଙ୍କାକୁ ଫତେପୁର ଏବଂ ରାମଜଗରର ତହସିଲଦାରମାନଙ୍କ ନିକଟକୁ ପଠାଇଅଛନ୍ତି । ପ୍ରତ୍ୟେକ ସ୍ଥାନର ପଞ୍ଚାଏତଙ୍କୁ ଆଦେଶ ଦିଆ-ଯାଇଅଛି କି ସେମାନେ ପ୍ରତିଦିନ ଟ ୧୦୦ ଙ୍କା ଲେଖାଏଁ ଖାଇବା ତିନି ମାସ ୧୦ ସ ପର୍ଯ୍ୟନ୍ତ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନଙ୍କୁ ଅନ୍ନଦାନ କରି-ବେ । ଏହି କାର୍ଯ୍ୟ ନିମନ୍ତେ ଅନ୍ନର ଚେନ୍ଦା-ସଂଗ୍ରହ ହେଉଅଛି । ମାରବାଡ଼ି ସମାଜର ଐକ୍ୟତା ଏବଂ ସ୍ୱଦେଶ ହିତୈଷିତା ବଡ଼ ପ୍ରଶଂସ-

Digitized by srujanika@gmail.com

Split by PDF Splitter



ମୀୟ ଏବଂ ଅନ୍ୟାନ୍ୟ ସମାଜର ଅନୁକରଣୀୟ ଅଟେ ।

— — —

ଚଟ୍ଟଗ୍ରାମ ଜଣ୍ଡ ସୁରଙ୍ଗୀ ଗଡ଼ଠାରୁ ସମ୍ବାଦ ପାଇଅଛୁଁ ଯେ ଗତ ମାସ ତା ୨୨ ଋଣରେ ସେଠା ରାଜାଙ୍କର ପ୍ରଥମ ରାଜକୁମାର ଜାତ ହେବାରୁ ସେ ଉପଲକ୍ଷରେ ସେଠାରେ ମହା ଉତ୍ସବ ଲାଗିଥିଲା ରାଜାଙ୍କ ହିତବାଦୀଙ୍କଠାରେ ଗଡ଼ସ୍ଥ ସମସ୍ତ ଶ୍ରେଣୀର ଭଦ୍ରଲୋକଙ୍କର ଏବଂ ବୃହତ ସଭା ହୋଇଥିଲା ଗରିବମାନଙ୍କୁ ଅନେକ ଧନ ଓ ବସ୍ତ୍ରାଦି ବାଣ୍ଟି ଦିଆଯାଇଥିଲା ଅନେକ ଅପରାଧ ଦାସମାନଙ୍କର ଅପରାଧ ମାର୍ଜନା ପୂର୍ବକ ସେମାନଙ୍କୁ ନିଜ ନିଜ କାର୍ଯ୍ୟରେ ନିଯୁକ୍ତ କରାଗଲା ଏବଂ ରାଜକୁମାରଙ୍କର ମଙ୍ଗଳ କାମନାରେ ଉତ୍ତମ ବ୍ରାହ୍ମଣମାନଙ୍କୁ ଦେବାଳୟମାନଙ୍କରେ ସ୍ତବ ପାଠାର୍ଥ ନିମନ୍ତେ ବରଣ କରାଗଲା । ପ୍ରଜା ବର୍ଗଙ୍କର ଆନନ୍ଦର ସୀମା ନାହିଁ । ପରମେଶ୍ୱର ରାଜକୁମାରଙ୍କୁ ଦୀର୍ଘାୟୁ ଓ ସୁଗୁଣବନ୍ତ କରନ୍ତୁ ।

— — —

ଅମୃତ ବଜାର ପତ୍ରିକାର ସମ୍ପାଦକ ହିତବାଦୀର ସମ୍ପାଦକ ବାବୁ କାଳୀପ୍ରସାଦ କାବ୍ୟବିଶାରଦ ଏବଂ ପ୍ରକାଶକଙ୍କ ନାମରେ ଯେଉଁ ଦୁର୍ନାମ ରଟାଇବାର ଅଭିଯୋଗ ଆଣିଥିଲେ ଗତ ମାସ ତା ୨୨ ଋଣରେ ତହିଁର ପ୍ରମାଣାଦି ପାଠ ପରେ ପ୍ରଧାନ ପ୍ରେସିଡେନ୍‌ସୀ ମାଜିଷ୍ଟ୍ରେଟ କହିଲେ କି ଏ ମୋକଦ୍ଦମାର ବିଚାର ଦଉରା ଅଦାଲତରେ ଜୁରିମାନଙ୍କ ସାକ୍ଷାତରେ ହେବା ଉଚିତ । ଅତଏବ ସେ ମୋକଦ୍ଦମାକୁ ଦଉରା ପଠାଇବା ଏବଂ ପ୍ରଥମ ଦୁହାଇ କାବ୍ୟବିଶାରଦଙ୍କୁ ଟ ୨୦୦୦ ଙ୍କା ଏବଂ ୨ୟ ଦୁହାଇ ପ୍ରକାଶକଙ୍କୁ ଟ ୧୦୦୦ ଙ୍କା ଜାମିନରେ ଛାଡ଼ିଦେବାର ଆଦେଶ ଦେଲେ । ହାଇକୋର୍ଟର ଦଉରା ମିସନରେ ମୋକଦ୍ଦମାର ବିଚାର ହେବ ଏବଂ ତହିଁରେ ଯେ ଅନେକ ଅର୍ଥ ବ୍ୟୟ ହେବ ବୋଲିବା ବାହୁଲ୍ୟ ।

— — —

ତାଳଦଣ୍ଡା କେନାଲର ପ୍ରଥମଖଣ୍ଡ ଅର୍ଥାତ ଜୋବ୍ରା ଲକଠାରୁ ହରବାଟୀ ଲକ ପର୍ଯ୍ୟନ୍ତ ଯେ କୌଣସି ସ୍ଥାନକୁ ନୌକା ଭାଡ଼ା ଓ ବାର୍ଷିକ ଦର ବେଳେ ନିର୍ଦ୍ଧାରିତ ହେଲେ ଏକ ଦରରେ ଭଲ ମାହାସୁଲ ଦେବାକୁ ହେଉଥିଲା । ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ଯେ ଜୋବ୍ରା ଲକଠାରୁ ବଙ୍ଗାଳ ନାଗପୁର ରେଲୱେ ଘାଟ ପର୍ଯ୍ୟନ୍ତ ଏକ ଦରରେ ଏବଂ ସେହି ଘାଟ ଓ ହରବାଟୀ ଲକ ପର୍ଯ୍ୟନ୍ତ ଅନ୍ୟ ଏକ ଦରରେ ନୌକାଦିର ଯାତାୟାତର ଭାଲ ମାହାସୁଲ ନିର୍ଦ୍ଧାରିତ ହେବ । ବୋଝାଇ ନୌକାର ମାପ ଅନୁସାରେ ପ୍ରତ୍ୟେକ ମଣ୍ଡ ୧୦୦ଙ୍କୁ ଜୋବ୍ରାଠାରୁ ରେଲୱେ ଘାଟ ପର୍ଯ୍ୟନ୍ତ ଦର ଟ ୦ / ଏବଂ ସେଠାରୁ ହରବାଟୀ ପର୍ଯ୍ୟନ୍ତ ଦର ଟ ୦ ।୵ ଏବଂ ଖାଲି ନୌକାର ଦର ତହିଁର ଅର୍ଦ୍ଧେ ଧାର୍ଯ୍ୟ ହୋଇଅଛି । ପ୍ରଥମ ଅଂଶରେ ରେଲୱେ କୋମ୍ପାନୀଙ୍କର ଅନେକ ମାଲ ଯାତାୟାତ କରୁଥିବାରୁ ସରକାର ଏ ସୁବିଧା କରିଦେଇଅଛନ୍ତି ଏବଂ ଏଦ୍ୱାରା ସାମାନ୍ୟରେ ସାଧାରଣ ଉପକାର ମଧ୍ୟ ହେବ ।

— ※ —

ଆମ୍ଭମାନଙ୍କର ବଡ଼ଲାଟ ଲର୍ଡ ଏଲ୍‌ଗିନ କାଶୀଧାମର ମିଉନିସିପାଲିଟିର ଅଭିନନ୍ଦନ ପତ୍ରର ଉତ୍ତରରେ କହିଥିଲେ କି "ଏଥର ଆମ୍ଭେ ରାଜ୍ୟ ଭ୍ରମଣ ଆରମ୍ଭ କଲୁଁ ଉତ୍ତରରେ ଏବଂ ଶେଷ କଲୁଁ କାଶୀରେ । ଉତ୍ତର ଭୂଭାଗ ମୁସଲମାନ ନରପତିମାନଙ୍କର ରାଜଧାନୀ ଥିଲା । କାଶୀ ହିନ୍ଦୁମାନଙ୍କର ପ୍ରାଚୀନତମ ତୀର୍ଥ । ସାମ୍ରାଜ୍ୟର ଉତ୍ଥାନ ଓ ପତନ କି ପଦାର୍ଥ ତାହା ଉତ୍ତରରେ ଦେଖିଲେ ବୁଝା ଯାଏ ଏବଂ ଲୋକଙ୍କ ମନରେ ଧର୍ମଭାବ ଓ ପୁଣ୍ୟବୃତ୍ତି କେତେ ଦୂର ପ୍ରବଳ ହୋଇପାରେ କାଶୀଧାମକୁ ଆସିଲେ ପ୍ରତ୍ୟକ୍ଷ ହୁଏ । ଯେ କାଶୀଧାମରେ ହିନ୍ଦୁର ଯେତେ ପ୍ରାଚୀନ ଓ ପବିତ୍ର ଶାସ୍ତ୍ରବାକ୍ୟ ପୁସ୍ତକରୂପ ହୋଇପଡ଼ି ରହିଅଛି, ଯେ କାଶୀଧାମରେ ହିନ୍ଦୁର ଅତୀତ ଗୌରବର ପଦାବଳୀ ଅଦ୍ୟ ପ୍ରତିଧ୍ୱନିତ ହେଉଅଛି, ଯେ କାଶୀଧାମର ଦର୍ଶନମାନସେ କୋଟି କୋଟି ହିନ୍ଦୁର ହୃଦୟରେ ଦେବଭକ୍ତି ସ୍ରୋତସ୍ୱରୂପେ ଅନନ୍ତକାଳ ପ୍ରବାହିତ ହେଉଅଛି, ସେହି କାଶୀଧାମ ନ ଦେଖି କେହି ଅଗ୍ରସର ହୋଇ ପାରିବ ନାହିଁ ଏବଂ ନ ଦେଖି ସ୍ଥିର ହୋଇ ପାରିବା ଅସାଧ୍ୟ । ଭାରତର ବଡ଼ଲାଟଙ୍କ ପକ୍ଷରେ ମଧ୍ୟ ଅସାଧ୍ୟ" । କେମନ୍ତ ସୁନ୍ଦର ଏବଂ ସୁହୃଦୟପୂର୍ଣ୍ଣ କଥା । ବଡ଼ଲାଟ ଭ୍ରମଣ ଉପଲକ୍ଷେ ନାନାସ୍ଥାନରେ ବକ୍ତୃତା ଦେଇ ଏହିପରି ସହାନୁଭୂତି ଦ୍ୱାରା ସମସ୍ତଙ୍କର ଭକ୍ତି ଓ ପ୍ରୀତି ଆକର୍ଷଣ କରିଅଛନ୍ତି ।

— — —

ଯାଜପୁର ସବଡିଭିଜନର ସ୍ଥାୟୀ ... ଗ୍ରାମର ପ୍ରଜାମାନେ ସ୍ୱ ୨ ଗ୍ରାମର ପଞ୍ଚାୟତ ଓ ତହସିଲଦାର ଏବଂ ସେମାନଙ୍କ ଦ୍ୱାରା ବନ୍ଦୋବସ୍ତ ହୋଇଥିବା ରୈୟତ ... ଅନୁପଯୁକ୍ତ ହୋଇ ... ପଞ୍ଚାୟତ ... ଏବଂ ... ବନ୍ଦୋବସ୍ତ ପ୍ରାର୍ଥନାରେ ସବଡିଭିଜନ ଅଫିସରଙ୍କ ନିକଟରେ ଦରଖାସ୍ତମାନ ଦେଇଅଛନ୍ତି । ମାତ୍ର ଏ ପ୍ରକାର ଅପରିଚିତ ସମସ୍ତ ଅଜ୍ଞାତ ହୋଇଥିବାରୁ ତାହା ଶୁଣିବାକୁ ସବଡିଭିଜନ ଅଫିସର ମହାଶୟ ଇଚ୍ଛୁକ ନ ହେଉଅଛନ୍ତି । ସେଟଲମେଣ୍ଟରେ କୌଣସି ଗୋଟିଏ ନୂତନ ନିୟମ ପ୍ରଚଳିତ ହେଲେ ତାହା ବୁଝିବାକୁ ଏ ଦେଶରେ ବିଲମ୍ବ ହୁଏ ବିଶେଷତଃ ଓଡ଼ିଶାର ଲୋକମାନେ ଅଧିକାଂଶ ଅଜ୍ଞ ଏବଂ ଅଜ୍ଞାନ ... ସେଟଲମେଣ୍ଟର ଅନେକ ... ଗ୍ରାମରେ ଅଦ୍ୟାପି ଜାଣନ୍ତି । ଏମନ୍ତ ଅବସ୍ଥାରେ ଯଦ୍ୟପି ଅଧିକାଂଶ ଗ୍ରାମର ପ୍ରଜା ଆପତ୍ତି କରନ୍ତି ତେବେ ଆମ୍ଭମାନଙ୍କ ବିବେଚନାରେ ... ଗ୍ରାମର ପଞ୍ଚାୟତ ଏବଂ ... ବନ୍ଦୋବସ୍ତ ସବଡିଭିଜନ ଅଫିସର ... ଦେଖିଲେ ଭଲ ହେବ । ... ଯେବେ ଗ୍ରାମବାସୀଙ୍କର ଆପତ୍ତିର ... ପ୍ରମାଣ ପାଇବ ତେବେ ସମସ୍ତ ଅଜ୍ଞାତ ହେଉଥିବା ସେମାନଙ୍କୁ ଉଚିତ ପ୍ରତିକାର ଦେବା ନିମନ୍ତେ ଯତ୍ନବାନ ହେବେ । ସେଥିର ଗୁରୁତର ହେତୁ ଦେଖା ନ ଗଲେ ଦରଖାସ୍ତମାନ ଗ୍ରହଣୀୟ ଅଗ୍ରାହ୍ୟ ହେବ ।

— — —

କେନ୍ଦ୍ରାପଡ଼ାରେ ବଡ଼ଦିନ ।

ଏ ବର୍ଷ ଏଠାରେ ଦୁଇ ବର୍ଷମାନଙ୍କ ପ୍ରାୟ ବଡ଼ଦିନ ପାଳନ ଅତି ସମାରୋହ ସହିତ ହୋଇଥିଲା ତା ୨୪ ଋଣ ସକାଳେ ସ୍କୁଲ ଛାତ୍ରମାନଙ୍କର ଦୌଡ଼ ଓ ଦ୍ୱିପ୍ରହର ଘ ୧ ଟାଠାରୁ ସ୍କୁଲ ଛାତ୍ର ଓ ଭଦ୍ରଲୋକଙ୍କ ମଧ୍ୟରେ କ୍ରିକେଟ ଖେଳ ହୋଇଥିଲା । ତା ୨୫ ଋଣ ସକାଳବେଳେ ଟ୍ରିଁଥ ଖେଳ ଓ ଦ୍ୱିପ୍ରହରବେଳେ ପୁନର୍ବାର କ୍ରିକେଟଖେଳ ହୋଇଥିଲା । ଭଦ୍ରଲୋକମାନଙ୍କୁ ଛାତ୍ରମାନେ ପରାସ୍ତ କଲେ । ଏ ଦିନ ଅପରାହ୍ଣରେ ଏଠା ଷ୍ଟାରକ୍ଲବର ମେମ୍ବରମାନଙ୍କ ସହିତ କେତେକ ଛାତ୍ର ଓ ଭଦ୍ରଲୋକମାନଙ୍କର କ୍ରିକେଟ ଖେଳ ସନ୍ଧ୍ୟାପର୍ଯ୍ୟନ୍ତ ହୋଇ ତହିଁ ପର ଦିବସ ପୁନର୍ବାର ଖେଳ ଆରମ୍ଭ ହେଲା ଓ ମେମ୍ବରମାନଙ୍କର ଜୟ ହେଲା । ମେମ୍ବରମାନଙ୍କ ମଧ୍ୟରେ ଅଧିକାଂଶ ଉତ୍କୃଷ୍ଟ ଖେଳକ ସ୍କୁଲଛାତ୍ର ଥିଲେ ପରେ ବାଡ଼ି ଖେଳ ଦୌଡ଼ ହୋଇ ଖେଳ ଶେଷ ହେଲା । ତା ୨୭ ଋଣରେ ସ୍କୁଲର ସମସ୍ତ ଛାତ୍ର ଓ ଟାଉନର ସମସ୍ତ ହିନ୍ଦୁ ଓ ମୁସଲମାନ ଭଦ୍ରଲୋକମାନେ ଆମନ୍ତ୍ରିତ ହୋଇ ସ୍କୁଲ ଗୃହରେ ଏକ ବୃହତ୍ ଭୋଜନରେ ଯୋଗ ଦେଇ ବଡ଼ଦିନର ଆମୋଦ ପ୍ରମୋଦ ଶେଷ କଲେ । ଏହି କାର୍ଯ୍ୟମାନ

Digitized by srujanika@gmail.com

Split by PDF Splitter



ସୁଶୃଙ୍ଖଳରୂପେ ନିର୍ବାହ କରିବାରୁ କମିଟିର ସଭ୍ୟ- ପତି ଓ ସଭ୍ୟମାନେ ଧନ୍ୟବାଦ ଲାଭ କରିଅଛନ୍ତି ।

---

### ମଇନର ପ୍ରଭୃତି ପରୀକ୍ଷାର ଫଳ

ଓଡ଼ିଶାର ମଧ୍ୟ ଇଂରାଜୀବୃତ୍ତି, ମଧ୍ୟଛାତ୍ରବୃତ୍ତି ଏବଂ ଉଚ୍ଚ ପ୍ରାଇମେରି ବୃତ୍ତିର ପରୀକ୍ଷାମାନଙ୍କର ଫଳ ବାହାରିଅଛି ଏବଂ ତାହା ଗତ ସପ୍ତାହର ଅଧିକନ୍ତୁ ପତ୍ରରେ ଅସ୍ମେମାନେ ପ୍ରକାଶ କରିଅଛୁଁ । ଗତବର୍ଷ ତୁଳନାରେ ଏ ବର୍ଷର ଫଳ କପରି ହୋଇଅଛି ତଳଲିଖିତ ତାଲିକାରୁ ପାଠକମାନେ ବୁଝି ପାରିବେ ଯଥା;—

| ପରୀକ୍ଷାର ନାମ | ଶ୍ରେଣୀ | ସନ ୧୮୯୮ ସାଲରେ ପାସ । | ସନ ୧୮୯୯ ସାଲରେ ପାସ । |
|---|---|---|---|
| ମଧ୍ୟଇଂରାଜୀ ବୃତ୍ତି । | ୧ ମ | ୨ | ୩ |
| | ୨ ୟ | ୨୩ | ୩୦ |
| | ୩ ୟ | ୨୨ | ୩୯ |
| କେବଳ ଇଂରାଜୀ | | ୧୩ | ୧୩ |
| | ମୋଟ | ୬୦ | ୮୫ |
| ମଧ୍ୟ ଛାତ୍ରବୃତ୍ତି | ୧ ମ | ୧୭ | ୬ |
| | ୨ ୟ | ୫୨ | ୩୮ |
| | ୩ ୟ | ୭୯ | ୭୪ |
| | ମୋଟ | ୧୪୮ | ୧୧୮ |
| ଉଚ୍ଚପ୍ରାଇମେରି | ୧ ମ | ୯୨ | ୪୯ |
| | ୨ ୟ | ୧୮୨ | ୧୭୪ |
| | ୩ ୟ | ୨୨୧ | ୧୧୮ |
| | ମୋଟ | ୪୯୫ | ୩୪୧ |

ଉପର ଲିଖିତ ୩ ପରୀକ୍ଷାରେ ଗତ ସନ ୧୮୯୯ ଏବଂ ତହିଁ ପୂର୍ବ ସନ ୧୮୯୮ ସାଲରେ କେଉଁ ଜିଲ୍ଲା କି ପରିମାଣରେ କୃତ- କାର୍ଯ୍ୟତା ଲାଭ କରିଅଛି ତାହା ନିମ୍ନେ ପ୍ରଦତ୍ତ ହେଲା ଯଥା;—

| ଜିଲ୍ଲା | ସନ | ମଧ୍ୟମ ଇଂରାଜୀ | ମଧ୍ୟମ ଓଡ଼ିଆ | ଉଚ୍ଚ ପ୍ରାଃ |
|---|---|---|---|---|
| କଟକ | ୧୮୯୮ | ୩୮ | ୫୬ | ୯୧ |
| | ୧୮୯୯ | ୩୮ | ୪୫ | ୯୨ |
| ପୁରୀ | ୧୮୯୮ | ୭ | ୩୮ | ୫୭ |
| | ୧୮୯୯ | ୮ | ୨୨ | ୬୨ |
| ବାଲେଶ୍ୱର | ୧୮୯୮ | ୧୦ | ୩୩ | ୧୧୨ |
| | ୧୮୯୯ | ୨୨ | ୨୫ | ୭୨ |
| ଗଡ଼ଜାତ | ୧୮୯୮ | ୬ | ୨୩ | ୫୫ |
| | ୧୮୯୯ | ୧୨ | ୨୧ | ୧୦୨ |

ଗଡ଼ଜାତ ମଧ୍ୟରେ ଅନୁଗୁଳର ଅଙ୍କ ମିଶି- ଅଛି । ଏଥିରୁ ଦେଖାଯାଏ କଟକର ଫଳ ଉଭୟ ବର୍ଷରେ ସଂଖ୍ୟାରେ ପ୍ରାୟ ସମାନ ଏବଂ ଗୁଣରେ ଶ୍ରେଷ୍ଠ ରହିଅଛି ଅର୍ଥାତ୍ ଉଭୟ ବର୍ଷର ମଧ୍ୟମ ଇଂରାଜୀ ବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ପାଇଅଛି । ବାଲେଶ୍ୱର ଓ ପୁରୀରେ ମଧ୍ୟ ଇଂରାଜୀର ଉନ୍ନତି ମାତ୍ର ଅନ୍ୟ ଦୁଇଥିରେ ଅବନତି ଘଟିଅଛି ଏବଂ ଗଡ଼ଜାତରେ ଇଂରାଜୀ ଏବଂ ଉଚ୍ଚ ପ୍ରାଇମେରି ଉଭୟରେ ବିଶେଷ ଉନ୍ନତି ହୋଇଅଛି ଏବଂ ଅନ୍ୟ ପରୀକ୍ଷାର ଫଳ ପ୍ରାୟ ସମାନ ରହିଅଛି । ଏଣିକି ଇଂରାଜୀ ଶିକ୍ଷା ପ୍ରତି ଲୋକଙ୍କର ବିଶେଷ ଆଗ୍ରହ ହେବା ଅଚିନ୍ତ୍ୟ ନୁହେ କାରଣ କେବଳ ଭାଷା ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗୁରୁ ମୁନ୍ସି ପ୍ରଭୃତି କୌଣସି ବ୍ୟବସାୟର ସୁବିଧା ନାହିଁ । ବିଶେଷ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ମୋଗଲ- ବନ୍ଦିର ଏହି ଭାବ ଗଡ଼ଜାତରେ ଏତେ ଶୀଘ୍ର ପ୍ରବେଶ କରିଅଛି ଏବଂ ସେଠା ଲୋକେ ମଧ୍ୟ ଇଂରାଜୀ ଶିକ୍ଷାର ଲକ୍ଷଣ ପକ୍ଷପାତୀ ହୋଇ ଅଛନ୍ତି । ଗଡ଼ଜାତ ରାଜାମାନେ ଇଂରାଜୀ ଶିକ୍ଷାର ସୁବିଧା କରିଦେବା ପ୍ରତି ଯତ୍ନବାନ୍ ଥିବା ହେତୁ ଏହା ହୋଇଅଛି ସନ୍ଦେହ ନାହିଁ ।

---

### ଟ୍ରାନ୍ସଭାଲ ଯୁଦ୍ଧ ।

ତା ୧୮ ରିଖ ତାର ସମ୍ବାଦ । ବୁଅରମାନେ ମେଫକିଂ ଦୁର୍ଗକୁ ତୋପଦ୍ୱାରା ଉଡ଼ାଇବା କଳ୍ପନା ଛାଡ଼ି ବର୍ତ୍ତମାନ ଦୁର୍ଗସ୍ଥ ଲୋକଙ୍କୁ ଅନା- ହାରରେ ମାରିବାର ବନ୍ଦୋବସ୍ତ କରିଅଛନ୍ତି ।

ଇଂରାଜ ସେନା ପ୍ରାୟ ଏକଲକ୍ଷ ଯୁଦ୍ଧସ୍ଥଳକୁ ପଠା ଯାଇଅଛନ୍ତି । ଆବଶ୍ୟକ ହେଲେ ଆହୁରି ଏକ ଲକ୍ଷ ସେନା ବିଲାତରୁ ପ୍ରେରିତ ହେବେ ।

ଦକ୍ଷିଣ ଆଫ୍ରିକାର ଅବସ୍ଥା ଦୃଷ୍ଟିରେ ମହା- ରାଣୀ ଉଇଣ୍ଡସରଠାରୁ ଅସବର୍ଣ୍ଣ ଯିବାର ବନ୍ଦ କରିଅଛନ୍ତି । ଲର୍ଡ ରବର୍ଟ ଓ କଣ୍ଡେଲ ଜେନେ- ରେଲ ଶନିବାର ବିଲାତରୁ ବାହାରିବେ । ଲର୍ଡ କିଚନର ଏଥି ମଧ୍ୟରେ ଓମଡରମାନରୁ ଯୁଦ୍ଧ ସ୍ଥାନକୁ ଯାତ୍ରା କରିଥିବେ ।

ତା ୧୯ ରିଖ ତାର ସମ୍ବାଦ । ବୁଅରମାନେ ସେମାନଙ୍କ ଅଧିକୃତ ସ୍ଥାନମାନ ରକ୍ଷା କରିବାରେ ସମର୍ଥ ଓ ସେଥିପାଇଁ ଅନେକ ଏକତ୍ରିତ ହୋଇ- ଅଛନ୍ତି ମାତ୍ର ଆକ୍ରମଣ କରିବାକୁ ସାହସ କରୁ ନାହାନ୍ତି ।

ତା ୨୦ ରିଖ ତାର ସମ୍ବାଦ । ଜେନେରଲ ଗେଟେକରଙ୍କ ନିକଟରୁ କୌଣସି ନୂତନ ସମ୍ବାଦ ଆସି ନାହିଁ । ଜେନେରଲ ଫ୍ରେଞ୍ଚ ରେସ୍‌ଫଣ୍ଟେନ ଫାର୍ମ ପ୍ରତି ଗୋଳାବର୍ଷଣ କରିଥିଲେ । ଶତ୍ରୁ- ମାନେ ମାତ୍ର ୩ ମାଇଲ ଅନ୍ତରରେ ଥିଲେ । ବୁଅର- ମାନେ ତିନି ମାଇଲ ଦୂରରୁ ଅଗ୍ନିବର୍ଷଣ କରୁ ଅଛନ୍ତି । ଆକ୍ରମଣ ସମୟରେ ଅଗ୍ରସର ହୋଇ- ଥିଲେ । ଜେନେରଲ ଫ୍ରେଞ୍ଚ ଉଭୟ ଦିଗରୁ ଦେଖି ତାଙ୍କ ସୈନ୍ୟମାନଙ୍କୁ ପ୍ରତ୍ୟାବର୍ତ୍ତନ ସମୟରେ ଆଦେଶ ଦେଇଥିଲେ ।

ବୁଅରମାନେ କହନ୍ତି ଗୋ ୨ ଟି ତୋପ ଓ ଯୁଦ୍ଧ ସାମଗ୍ରୀପୂର୍ଣ୍ଣ ଗୋ ୧୩ ଟି ଗାଡ଼ି ଅଧିକାର କରିଅଛନ୍ତି ।

ଲଣ୍ଡନ ନଗରସ୍ଥ କରପୋରେସନ ଓ ବାସିନ୍ଦାମାନେ ଦକ୍ଷିଣ ଆଫ୍ରିକାର କାର୍ଯ୍ୟ ନିମନ୍ତେ ଭଲଣ୍ଟିୟରଙ୍କ ପୋଷାକ ନିମନ୍ତେ ୨୦୦୦୦ ପାଉଣ୍ଡ ମୂଲ୍ୟ ଚାନ୍ଦା ପ୍ରଦାନ କରି- ଅଛନ୍ତି । ଜ ୨ ଣ ଲର୍ଡ ୧୦୦୦୦ ପାଉଣ୍ଡ ଚାନ୍ଦା ଦେଇଅଛନ୍ତି ।

ତା ୨୧ ରିଖ ତାରସମ୍ବାଦ । ଜେନେରଲ ବୁଲରଙ୍କ ନିକଟରୁ କୌଣସି ସମ୍ବାଦ ଆସି ନାହିଁ । ପିଟର ମେରିଜବର୍ଗଠାରୁ ସରକାରୀ ସମ୍ବାଦ ଆସିଅଛି ଯେ ଲେଡ଼ିସ୍ମିଥରେ ତା ୧୮ ରିଖ ଦିବସ ଜ ୭ ଣ ହତ ଓ ଜ ୧୨ ଣ ଆହତ ହୋଇଅଛନ୍ତି କିନ୍ତୁ କିପରି ଏହା ଘଟିଲା ତାହାର କୌଣସି କାରଣ ଲେଖା ନାହିଁ । ଟେକର ଯୁବପୁତ୍ର ପ୍ରିନ୍ସ ହ୍ ତାଙ୍କର ରେଜିମେଣ୍ଟ ସହିତ ଦକ୍ଷିଣ ଆଫ୍ରିକା ଯାତ୍ରା କରିଅଛନ୍ତି ।

ସାର ଉଇଲିୟମ ନିକଲସନ ଲର୍ଡ ରବର୍ଟଙ୍କ ସୈନିକ ସମ୍ପାଦକ ପଦରେ ନିଯୁକ୍ତ ହୋଇ- ଅଛନ୍ତି । ତାଙ୍କର ଅନୁପସ୍ଥିତିରେ ପେଶବାରର ସାର ଉଇଲିୟମ ଏଲିସ ଭାରତବର୍ଷର ଆଡ଼- ଜୁଟାଣ୍ଟ ଜେନରଲ କାର୍ଯ୍ୟ କରିବେ ।

ଦୁଇ ସହସ୍ର ଅଶ୍ୱ ଏବଂ ଏକଦଳ ଅଶ୍ୱାରୋହୀ ସେନା ସହିତ ଭାରତବର୍ଷରୁ ଦକ୍ଷିଣ ଆଫ୍ରିକାକୁ ପ୍ରେରିତ ହେବାର ଆଦେଶ ହୋଇ ସଙ୍ଗେ୨ ଜାହାଜ ଭଡ଼ା ଇତ୍ୟାଦି ବନ୍ଦୋବସ୍ତ ହେଉଅଛି ।

ତା ୨୩ ରିଖ ତାର ସମ୍ବାଦ । ଲର୍ଡ ରବର୍ଟସ୍ ଅଦ୍ୟ ବିଲାତରୁ ଜାହାଜରେ ଦକ୍ଷିଣ ଆଫ୍ରିକାକୁ ଯାତ୍ରା କଲେ । ତାହାଙ୍କୁ ବିଦାୟ ଦେବା କାରଣ ପ୍ରିନ୍ସ ଅଫ୍ ୱେଲ୍ସ ଡିଉକ୍ ଅଫ୍ କନ୍ନଟ ପ୍ରଭୃତି ଉପସ୍ଥିତ ଥିଲେ ।

ଏ କେତେକ ଦିବସ ମଧ୍ୟରେ ଅନେକ- ଗୁଡ଼ିଏ ଫୌଜ ବମ୍ବାଇ ବନ୍ଦରରେ ପହଞ୍ଚି ଅଛନ୍ତି । ଡିଉକ୍ ଅଫ୍ କନ୍ନଟ ଯୁଦ୍ଧସ୍ଥାନକୁ ଯିବା ।

Digitized by srujanika@gmail.com

Split by PDF Splitter



ନିମନ୍ତେ ଆବେଦନ କରିଥିଲେ ଓ ଲର୍ଡ ରବର୍ଟ୍‌ଙ୍କ ଦଳରେ ମିଶିବା ନିମନ୍ତେ ତାଙ୍କର ଅନୁମତି ପାଇଥିଲେ ମାତ୍ର ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହେଲେ ନାହିଁ ।

କୁରୁମାନ ଦୁର୍ଗ ଅତି ଅଳ୍ପ ସୋଲଜର ସୈନ୍ୟ ଦ୍ୱାରା ସଂରକ୍ଷିତ ହେଉଅଛୁ । ବୁଅରମାନେ ଆକ୍ରମଣ କରି ସୁଦ୍ଧା ଉକ୍ତ ଦୁର୍ଗ ଅଧିକାର କରି ପାରୁ ନାହାନ୍ତି ।

---

ସାଧାରଣ ହିତକାର୍ଯ୍ୟ ନିମନ୍ତେ ଦାନ ।

ବଙ୍ଗପ୍ରଦେଶର ୧୮୯୮ ମସିହାର ସାଧାରଣ ହିତକାର୍ଯ୍ୟ ଦାନ ସମ୍ବନ୍ଧୀୟ ତାଲିକା ମାନ୍ୟବର ଲେଫ୍ଟେଣ୍ଟଙ୍କ ମନ୍ତବ୍ୟ ସହିତ ପ୍ରକାଶ ହୋଇଅଛି । ସମସ୍ତ ଦାତାଙ୍କୁ ଲେଫ୍ଟେଣ୍ଟ ବାହାଦୁର ଧନ୍ୟବାଦ ପ୍ରଦାନ କରି ଯେଉଁମାନେ ଅତ୍ୟଧିକ ଦାନ କରିଅଛନ୍ତି ସେମାନଙ୍କର ନାମ ଓ ଦାନର ଅଙ୍କ ପ୍ରାପ୍ତ ବିଶେଷରୂପେ ଉଲ୍ଲେଖ କରିଅଛନ୍ତି । ଯଥା —

ଢାକାର ନବାବ ସାର ଖାଜେଅସାନୁଲ୍ଲା ବାହାଦୁର ପ୍ଲେଗ ରୋଗ ଢାକାରେ ପ୍ରବେଶ ନ ହେବା ଓ ପ୍ରବେଶ ହେଲେ ତାହା ଦମନର ଉପାୟ କରିବା କାରଣ ଏକଲକ୍ଷ ଟଙ୍କା ଏବଂ ଏହାଉତ୍ତା ବାଡ ଖାଲ ଖୋଳିବା ନିମନ୍ତେ ଟ ୮୮୪୬ ଓ ଇଂଲଣ୍ଡରେ ସ୍ଥାପିତ ଖ୍ରୀଷ୍ଟିୟାନ ସୋସାଇଟି ନିମନ୍ତେ ଟ ୫୦୦୦ ଟଙ୍କା, କାଶିମବଜାରର ରାଜା ଆଶୁତୋଷ ରାୟ ଭିକ୍ଟୋରିଆ ହସ୍ପିଟାଲ ଡାକ୍ତରଖାନା ଗୃହ ନିର୍ମାଣାର୍ଥେ ଏକଲକ୍ଷ ଟଙ୍କା । ବାବୁ ମୋହିନୀମୋହନ ରାୟ ଜ୍ୱର ଓ ଚର୍ମପୀଡ଼ାଗ୍ରସ୍ତ ଅସମର୍ଥ ହିନ୍ଦୁ, ମୁସଲମାନମାନଙ୍କ ସାହାଯ୍ୟାର୍ଥେ ଏକଲକ୍ଷ ଟଙ୍କା । ରାଜା ସୌରେନ୍ଦ୍ରମୋହନ ଠାକୁର ପ୍ଲେଗ ଡାକ୍ତରଖାନା ପାଇଁ କଲିକତାରେ ଗୋଟିଏ କୋଠି ଓ ସିନ୍ଥିରେ ଗୋଟିଏ କୋଠି ଓ କଟିଗ୍ରା ବନ୍ଦରରେ ଛଡ଼ି ଓ ନଗଦ ଟ ୧୦୦୦ ଟଙ୍କା । ବାବୁ ଆଶୁତୋଷ ବୋଷ ହୁଗୁଳି ଜିଲ୍ଲାରେ ପୁଷ୍କରିଣୀ ଖନନ ନିମନ୍ତେ ଟ ୬୦୦୦ ଟଙ୍କା । ତାସ ସହ୍ର ଶ୍ରୀମତୀ କୃଷ୍ଣକୁମାରୀ ଚୌଧୁରାଣୀ ପାବନା ଜିଲ୍ଲାର ସ୍କୁଲ ସମୂହରୁ ଯେଉଁ ଦୁଇଜଣ ଛାତ୍ର ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ପାଇବେ ସେମାନଙ୍କୁ ବୃତ୍ତି ଓ ମେଡାଲ୍ ଦେବା ନିମନ୍ତେ ଟ ୬୦୦୦ ଟଙ୍କା । ପାବନାର ଜିଲ୍ଲା ବିଦ୍ୟାଳୟର ଛାତ୍ରମାନଙ୍କର ଛାତ୍ରାବାସ ନିମନ୍ତେ ରାୟ ବନମାଳୀ ରାୟ ବାହାଦୁର ଟ ୭୦୦୦ ଟଙ୍କା ।

ବାବୁ ମହେନ୍ଦ୍ରନାରାୟଣ ପାଣ୍ଡି ଓ କୁମାର ଉପେନ୍ଦ୍ରଚନ୍ଦ୍ର ଚୌଧୁରୀ ଯଶୋହରରେ ଜାମତ୍ତା ହାଇସ୍କୁଲର ଇଂରାଜୀ ସ୍କୁଲ ଓ ମସ୍ମନସିଂହର ଆଲେକଜାଣ୍ଡ୍ରାର ବାଳିକା ବିଦ୍ୟାଳୟ ନିମନ୍ତେ ଟ ୫୦୦୦ ଟଙ୍କା ହିସାବରେ ଦେଇଥିଲେ ।

ଓଡ଼ିଶାର କାହାର ନାମ ବିଶେଷରୂପେ ଲେଖା ହୋଇ ନାହିଁ । ଏ ଜିଲ୍ଲାର ସାଧାରଣ ତାଲିକା ନିମ୍ନେ ପ୍ରଦତ୍ତ ହେଲା ଯଥା—

କଟକ ।

କଟକ ଡିଷ୍ଟ୍ରିକ୍ଟବୋର୍ଡ଼

କଟକ ସହରରେ ଗୋଟିଏ ପ୍ଲେଗ ଘର ଓ କୂପ ଟ ୧୮୦୦

ଜଙ୍ଗଲା କାର୍ଡ଼ିଷ ଫ୍ଲେଟ

ସହରସଙ୍ଗ ସାଲୁଆସ୍କ୍ରାସ୍ତା ଟ ୧୬୯୦

ବାବୁ ମନ୍ମଥନାଥ ମିତ୍ର

ପଞ୍ଚାମୂଣ୍ଡେଇର ସ୍କୁଲ ଗୃହ ଟ ୮୦୦

ଗୋପୀନାଥ ପଣ୍ଡା

ହରିଶ୍ଚନ୍ଦ୍ରପୁରଠାରେ ଏକ ମନ୍ଦିର ଓ କୂପ ଟ ୬୫୦

ରାଜା କଣ୍ଟେ ଅନନ୍ତ

ଦେଓଗଡ଼ରେ ପୁଷ୍କରିଣୀ ଟ ୫୧୫

ଲକ୍ଷ୍ମୀନାରାୟଣ ଜଗଦେବ

ଶ୍ୟାମପାଉଞ୍ଜରେ ପୁଷ୍କରିଣୀ ଟ ୫୦୦

ଟ ୫୦୦ ଙ୍କାରୁ ଊଣା କାର୍ଯ୍ୟର ମୋଟ ଟ ୪୭୯୯

ଏକ ଟ ୧୦୭୫୪

ବାଲେଶ୍ୱର ।

ସୁରେନ୍ଦ୍ରମହାପାତ୍ର

ଏର୍ଣ୍ଣାରେ ପୁଷ୍କରିଣୀ ଟ ୭୫୦

ବୈକୁଣ୍ଠଉପାଧ୍ୟାୟ

କୃଷ୍ଣପୁରରେ ପୁଷ୍କରିଣୀ ଟ ୭୦୦

ଗଣେଶ ସତ୍ପଥୀ

ଧନଗାଡ଼ିପୁରରେ ପୁଷ୍କରିଣୀ ଟ ୬୦୦

କୃଷ୍ଣପ୍ରସାଦ ଦାସ

ବାମ୍ପାରେ ପୁଷ୍କରିଣୀ ଟ ୫୦୦

ବଳଭଦ୍ର ପ୍ରସାଦ ଭଜନ

ବାଗାନରେ ପୁଷ୍କରିଣୀ ଟ ୫୦୦

ଟ ୫୦୦ ଙ୍କାରୁ ଊଣା କାର୍ଯ୍ୟର ମୋଟ ଟ ୧୫୨୫

ଏକ ଟ ୧୨୫୨୫

ପୁରୀ ।

ଭଗୀପଣ୍ଡା

ନନ୍ଦପୁରରେ ପୁଷ୍କରିଣୀ ଟ ୧୫୦୦

ଟ ୫୦୦ ଙ୍କାରୁ ଊଣା କାର୍ଯ୍ୟର ମୋଟ ଟ ୧୬୨୪

ଏକ ଟ ୩୧୨୪

ସର୍ବମୋଟ ଟ ୨୬୪୦୩

ଉପରୋକ୍ତ ତାଲିକାରୁ ଦେଖା ଯାଉଅଛି କଟକରେ ଟ ୫୦୦ ଙ୍କା ବା ତହିଁର ଊର୍ଦ୍ଧ୍ୱର ସାଧାରଣ ହିତକର କାର୍ଯ୍ୟ ଅଧିକ ତାହା ପଛକୁ ବାଲେଶ୍ୱର । କିନ୍ତୁ ବାଲେଶ୍ୱରରେ ମୋଟ ଦାନ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ବେଶୀ ଓ କଟକର ଡିଷ୍ଟ୍ରିକ୍ଟବୋର୍ଡ ଓ ନାବାଳଗି ଷ୍ଟେଟର କାର୍ଯ୍ୟକୁ ବାଦ ଦେଲେ ବାଲେଶ୍ୱର ଉଚ୍ଚ ସ୍ଥାନ ପାଉଅଛି । ପ୍ରକୃତରେ ଓଡ଼ିଶା ମଧ୍ୟରେ ବାଲେଶ୍ୱର ହିତକର କାର୍ଯ୍ୟରେ ସର୍ବଦା ଅଗ୍ରଗଣ୍ୟ ।

---

## ସାପ୍ତାହିକ ସମାଚାର ।

କଲିକତା ଗେଜେଟ୍ !

ଅସିଷ୍ଟାଣ୍ଟ କଞ୍ଜରଭେଟର ଫରେଷ୍ଟ ମି: ଏ, ଜ ଇଣ୍ଟରଲ ଓଡ଼ିଶା ବିଭାଗର ଡେପୁଟି କନ୍‌ଜରଭେଟର ପଦରେ ନିଯୁକ୍ତ ହୋଇଅଛନ୍ତି ଓ କଟକରେ ଅଛନ୍ତି ଓ ଉକ୍ତ ବିଭାଗର ଡେପୁଟି କନ୍‌ଜରଭେଟର ଅସ୍ଥାୟୀଭାବରେ କମତା ପ୍ରାପ୍ତ ହୋଇଅଛନ୍ତି ।

ସବ୍ ଡେପୁଟି କଲେକ୍ଟର ବାବୁ ବାଞ୍ଛାନିଧି ରାୟ ଚୌଧୁରୀ ଚଳିତ ମାସ ତା ୫ ରିଖଠାରୁ ମାସେ ଛୁଟି ପାଇଅଛନ୍ତି ।

କଟକର ସବ୍ ଡେପୁଟି କଲେକ୍ଟର ବାବୁ ବାଳମୁକୁନ୍ଦ କାନୁନଗୋ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ଓ ୧୮୭୪ ସାଲର ଆ ୧୦ ଧାରାନୁଯାୟୀ ସମନ ଓ ଅଜିନାମ ମୋକଦ୍ଦମା ବୁଝିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

---

ଗତ ସପ୍ତାହ ପରି ଏ ନଗରରେ ଏ ସପ୍ତାହରେ ମଧ୍ୟ ଶୀତ ପ୍ରବଳ ଥିଲା । ସହରକୁ ଅପେକ୍ଷା ଅନ୍ୟ କୌଣସି ସୀମା ପ୍ରବଳ ନ ଥିଲା ।

ଗତ କାଲି ସକାଳ ୯।୧୦ ପର୍ଯ୍ୟନ୍ତ କୁହୁଡ଼ି ହୋଇଥିଲା ।

ପୁରୀ ପୁଲିସ ଏଠାରୁ ୨ ୬ ୭ ଦେଇ ଗୌଡ଼ାଗୋଲେ ଗୋଲାନ୍ଧକାରୀ ଶାସ୍ତ୍ର ବାହାରିଅଛନ୍ତି । ଗର୍ଭଣ୍ଟ ତାହାଙ୍କର ଅବସ୍ଥା କୋଣ ଜେଣ୍ଡୁ ବର୍ଣ୍ଣନ୍ତି ।

କାଠଯୋଡ଼ି ନଦୀର ସ୍ରୋତ ପେଟରେ ଅନେକ ଜମିର କାଳକ୍ରମାନ୍ତର ବିଭାଗରେ ବନ୍ଦୋବସ୍ତ ଚାଲିଅଛି ।

କାଙ୍ଗ୍ରାଲାଇନରେ ଏକଶ୍ରୀ ଉ ଚାଲୁ ଅଛି ସେ ଯେଉଁ ପାଇପ୍ ପଡ଼େ ସେହି ଯାଗରେ ପିଡ଼େ ।

ଅମ୍ବଲାନନ୍ଦର କମିଶନର ସାହେବ ଗତ ବୁଧବାର କଲିକତା ଗମନ କରିଅଛନ୍ତି ।

ବଡ଼ଦିନ ଉପଲକ୍ଷରେ କିଛି ସପ୍ତାହର ସାହେବମାନଙ୍କର ସାମାନ୍ୟ ଖେଳ ହୋଇଥିଲା ।

କଟକ ହାଇସ୍କୁଲ ମହନାଡ ପ୍ରସିଦ୍ଧ ବୈଷ୍ଣବ ଅର୍ଦ୍ଧମିତ୍ରଙ୍କ ଘର ମଧ୍ୟଭାଗରେ ଉକିଲ୍ଲ ଜଣ ଅନେକ ଧନ ଉପାର୍ଜନ କରି ମୃତ୍ୟୁକାଳରେ ସମୁଦାୟ ସମ୍ପତ୍ତି ଏକ ମଠକୁ ଦାନ କରିଗଲେ ।

Digitized by srujanika@gmail.com

Split by PDF Splitter



ଶ୍ରୀକି ଗାଁପୁରର ଦଣ୍ଡାଳିଆ ପଣ୍ଡା ଦେଉଳ ଶ୍ରୀହନାଥ ଦେବଙ୍କ ମନ୍ଦିର ପ୍ରସ୍ତୁତ କରିବା ନିମନ୍ତେ ଟ ୩୦୦ ଟଙ୍କା ଦାନ କରିଅଛନ୍ତି । ଦଣ୍ଡାଳିଆ ପୂର୍ବ କାଳରେ ଏହି ଦାନ କରିଥିଲେ ଅନ୍ୟମାନେ ହିତ ଆଜର କୋଣାଏ ପୁଣ୍ୟ ଲାଭ ହୋଇ ଅଛି ।

ଖାଁହର ଜେନେଭ କନ୍ଭେନ୍ସ ସ୍ଥଳ ବଦ କରିବା ଠାରୁ ବୁଝିଲ ଦେଇଲରେ ଚୁକ ଦେଇଅଛନ୍ତି ।

କବଦେଶର ମାନେ ସଙ୍ଗେ ଶକ୍ତି ଜାନକ ସ୍ଥୀର ଏବ ମାମଲ ହୋଇଥିଲା, ସଣ୍ଡୀ ସେହି ମାମଲରେ ଦାବ କଲ ।

ଅଠଗଡ଼ରେ କୋଷ୍ଟିଏ ପାଣପିଇକୁ ଅଚ୍ଛ ଏକ ପାଣ ପିଅ ହଡ଼ଖା କରିଥିବା ଅଭିଯୋଗରେ ହଜତରେ ରହିଅଛି । ଦେଙ୍କାନାଳ ତହସିଲେ ଏହାର ବିଗ୍ରହ ହେବ ।

ଜଗତପୁର ଅଞ୍ଚଳରେ କୋଷ୍ଟାଏ ଶରଭ ଅଙ୍କ ବାଘ ନେଇ ଯିବାର ଶୁଣା ଯାଉଅଛି ।

ଜାଂପଡ଼ାରେ କୋଷ୍ଟାଏ ସରଲ କଡ଼ବା ଖୋଲୁଥିବା ସମୟରେ ତାକୁ ବାଘ ଟାଣିଅ କରିଅଛି ।

କଷମାଳର କଷମାନେ ଡାକଲ, କସ୍ତୁରୀମ ଅଁଜାଉଳ ଏହୁ କରପଦାର୍ଥ ନୁଆଁରେ ସ୍ଥଚକଥା କରୁଛି । ଜୋଷ୍ଟାଏ ମକଦ୍ଦମାରେ ଏହା ପରୀକ୍ଷା ହୋଇଥିଲା ।

ଢେଙ୍କାନାଳ କମଙ୍ଗ ଗ୍ରାମରେ ଜଣେ ବ୍ରାହ୍ମଣକୁ ବାଘ ନେଇଅଛି ।

କଟକଠାରୁ ସ୍ୱଲ୍ପ ଦୂର ରେଳ ରାସ୍ତାକାର୍ଯ୍ୟ ଶୀଘ୍ର ଅଦ୍ୟ ହେବାର ଶୁଣାଯାଉଅଛି ।

ଉତ୍କଳର ଏକ ସ୍ଥଳ ଓ ସ୍ୱଣୀ ବୃନ୍ଦାବନ ଦ୍ୱରେ ଜୋଗ୍ରଣ ପଣ୍ଡୁଅରେ ଗୋଲୁ ଦସ୍ଥଥିଲେ । ବୃଷ୍ଟି ଅତି ସ୍ୱଳ୍ପ ହୋଇଥିଲା ।

ପ୍ରଧାନ ମନ୍ତ୍ରୀ ଲର୍ଡ ସାଲିସବରୀ ଖଡ ତ ୨୨ ଘଣ୍ଟରେ ମହାରାଣୀଙ୍କ ସହିତରେ ଅନେକ ଶିକ୍ଷା କଥାବାର୍ତ୍ତା କହିଥିଲେ ।

ଗତ ତା ୧୫ଦଶରେ ଜ ୨° ଏକେକ ସୀମା ଅପରଗାର୍ଡ଼ିକ୍ ଅଁସି ପେରିବାର ଜଷ୍ଟାଲ୍ରଙ୍କର ଲେଡ଼ିଙ୍କ ଗ୍ରାମକୁ ଚଢ଼ାଇ କରିଥିଲେ ଓ ଟଙ୍କାମାନ ଟଙ୍କ ଓ ମାଉଷାଇ ଗିଲାଞ୍ଚ ୨୨୦ କୋଷ୍ଟୀ କେଡ଼ ନେଇ ଯାଇଥିଲେ । ଗ୍ରାମସ୍ଥ ଏକଦଲଦେକ ପଶୁମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେଲେ ।

ତ୍ରାନ୍ସଭାଲ ଯୁଦ୍ଧପାଣ୍ଠି ସ୍ୱଦେଶ ଭାରତରେ ଟ ୧,୦୭୪- ୧୦୬ ପର୍ଯ୍ୟନ୍ତ ସଂଗୃହୀତ ହୋଇଅଛି । ଅଧିକ ଅଧିକ ଦେବା ଉଠିବାର ଆଶା ଅଛି ।

ଦେଙ୍କାନାଳ ଖାଲରେ ପ୍ରସ୍ତାରିତ ଅସାମୀ ମାଘ ମେଲାକୁ ଯାତ୍ରୀ ଆସିଲେ ମେଳାସ୍ଥଳରେ ରେଳ ଚଳିପାରେ ସୁବିଧା ହେତୁ ବନ୍ଦୋବସ୍ତ କରାଯିବା ପାଇଁ ସରକାର ସ୍ୱାମୀ ମାନଙ୍କୁ ଅସାମୀ ଜାନୁଆରୀ ଓ ଫିବ୍ରୁଆରୀ ମାସରେ ଟିକଟ ବନ୍ଦ କରାଯିବ ନାହିଁ ।

ଖାଲ ଚ ଖ ପଲକ ଖଙ୍କରେ ମି, ଯେ, ଟୀ, ଉଲ୍ଟୁଟ୍ ବ, ଏ ବଙ୍ଗଳାରେ ଅନରେ ବେଟ ଟ୍ରେଜେରରଙ୍କ କର୍ମଯୋଗକୁ ଗ୍ରାମଗ ମହାରାଣୀ ମଞ୍ଜୁର କରିଅଛନ୍ତି ।

ପାର୍ଲମେଣ୍ଟ ମେମ୍ବର ସହଯୋଗରେ ଭ୍ରାକମାନଙ୍କ ୦- ଲୟ ପାଇଁ ମି ମେଥୁର ନାମକ ଜଣେ ଉଦାର ଲୋକଙ୍କର ପ୍ରେଷ ଉର୍ଦ୍ଧାରେ ଦେଇଅଛନ୍ତି ।

## ଖାଁଜପୁର-ସମ୍ବାଦ ।

ଗତ କ୍ରିସ୍ମସମାସ ତା ୨୩ ରଖ ସକାଳବେଳା ବଡ଼ଶାଳପୁର ସନ୍ନିକଟ ଖରସ୍ରୁଆ ନଦୀ କଡ଼ ଉପରେ କେତେକ ଜଣ ଗ୍ରାମବାସି ଗଛରେ ବସି ଗଳ୍ପ କରୁଥିଲେ

ଏମନ୍ତ ସମୟରେ ଉକ୍ତ ଗ୍ରାମର ଖଣ୍ଡୁମଳାରଣା ନାମକ ଏକ ପାଗଳ ଢେଇ ଯୁବକ ସେମାନଙ୍କ ପଶ୍ଚାତ ଦଗରୁ ଅସି ତାହା ହାତରେ ଥିବା ଏକ କାଣ୍ଡିଆ ସେଠାରେ ବସିଥିବା ଗଜମଣି ସାହୁ ନାମକ ଏକ ବଣିଆଁର ଗଳାରେ ଏକ ଚୋଟ ହାଣି ଦେଇ ପଳାଇଲା । ସ୍ୱଭାବ ସମ୍ବାଦ ଗ୍ରାମ ମାନେ ଉକ୍ତ ପାଗଳକୁ ଅନେକ ଅନୁସନ୍ଧାନ କରେ ଧରି ଗାଡ଼ି ଜେଲଗଲେ ଓ ଗଜମଣି ସାହୁକୁ ତତ୍କ୍ଷଣାତ୍ ପାଟପୁର ଡାକ୍ତରଖାନାକୁ ପଠାଇଦେଲେ ମାତ୍ର ତାହାର ବଞ୍ଚିବାର ଆଶା ଅତି କମ ଅଛି ।

ଏଥର ଦୁଇଟାର ମକଦ୍ଦମା ବେସନ କଟ୍ଟକଠାରେ ପ୍ରେରିତ ହୋଇଥିଲା । ପ୍ରଥମ ମକଦ୍ଦମାରେ ଉକ୍ତ ପରେଲ ଜାମକ ଏକ ବାଣ୍ଟିର ଘର ପୋଡ଼ି ଦେଇଥିଲା ଓ ମାରପିଟ କରିଥିବା ମାମଲାରେ ଜ ୧୪ ଣ ଅସାମୀ ମଧ୍ୟରୁ ଘଟଣ ସ୍ଥଳ ଘର ପୋଡ଼ି ଦେଇଥିବା ଅପରାଧରେ ସଶ୍ରମ ସହିତ ଦଣ୍ଡ କରଷ ଓ ତାହିଁରେ ସହାୟତା କରିଥିବା ତାହାର ରକ୍ଷିତା ଶୁକଦେଇଁ । ଜନମାସ ଏବଂ ହଙ୍ଗାମାକାରୀମାନଙ୍କ ମଧ୍ୟରୁ କେବଳ ଦୁଇଁ ମଣକ ଦୁଇମାସ କାରାଦଣ୍ଡ ପ୍ରାପ୍ତ ହୋଇ ଅବଶିଷ୍ଟ ଜ ୧୧ ଣ ଖଲାସ ହୋଇଅଛନ୍ତି ।

୨ୟ ମକଦ୍ଦମା, ଏକଜଣ ଅପୁତ୍ରକା ସ୍ତ୍ରୀ ଶିବଦାସପୁର ଗ୍ରାମର ବଂଶୀଧର ମହାନ୍ତି ସଙ୍ଗର ତ ୨।୮ ନ ପଦୁସ୍ମୃତି କର୍ମରେ ରହୁ ଏକ ଲକ୍ଷରେ ତାହାର ଖୋଇବା ଘରର ସିନ୍ଦୂକର ଷଣ ଭାଙ୍ଗି ପ୍ରାୟ ଟ ୪୦ ଟଙ୍କାର ଅଳଙ୍କାର ଓ ଲୁଗା ଆଦି ନେଇ ସ୍ୱାମୀଷ ଦେଶ ପଳାଇଥିଲା । ଏକଥାର ସେ ବୃନ୍ଦାବନରେ କଟକ ଗିବା ଖବର ଅଗ୍ରଥପଦା ଜଳଠାରେ ଜହିଥିଲା । ବଂଶୀଧର ମହାନ୍ତିଙ୍କ ପକ୍ଷର ଲୋକ ତାକୁ ଧରି ଅଦ୍ୟଥପଦା ଅନୁଷ୍ଠପୋଷ୍ଟରେ ଏଥର ଦେବାରୁ ପୂଲିସ ତାକୁ ଗ୍ରେସ୍ତାର କରି ତାହାର ଲୁଗା ମଧ୍ୟରୁ ଝାଡ଼ାକୁ ଦେକେକ ଅଳଙ୍କାର ଓ ସେ ଏଥିପୂର୍ବ ଚୋରାଇବାର ଲେଖିଲୁ ଖଲାସ ହୋଇଥିବାର ଖଲାସୀ ପଣ୍ଡୁଆ ପ୍ରାପ୍ତ ହେବାରୁ ତାହାଣି ଦେଇଥିଲେ । ତାହାର ସ୍ୱଉଦ୍ଧଶ ବାଷବସ୍ତ୍ରାଞ୍ଜ ହୋଇଅଛି ।

ଘାଟ ଟାଙ୍ଗ ମଧ୍ୟରେ ସ୍ୱବଲ ଷଷ୍ଟା ପାଶ୍ଚିର ତୋବାକ ଘରର ସ୍ଥାନ ସ୍ଥାନି ଚୋରମାନେ ଘର ନଧରେ ପ୍ରବେଶ କରି ଜଣସ୍ତୁତ ଘେଶ କରି ନେଇ ଯାଉଅଛନ୍ତି ତଥାଚ ଟାଙ୍ଗନ ଚୌକିଦାର ପହରାଦାରମାନେ ତାହାର ଟେର ପାଇ ନାହାନ୍ତି ଓ ପୁଲିସ ମାଲ ଓ ଅସାମୀର କୌଣସି ଠିକଣା କରି ପାରୁ ନାହାନ୍ତି ଏହାଠାରୁ ଦୁଃଖର ବିଷୟ ଆଉ କ ଅଛି ଯାଜପୁରର ବଡ଼ ବଜାରର ରାସ୍ତାରେ ଅହୋରାତ୍ର ମନୁଷ୍ୟ ଗମନାଗମନ କରୁଅଛନ୍ତି ଏବଂ ମିଉନିସିପାଲିଟୀର ଲଣ୍ଠନ ଲେଉର ପର୍ଯ୍ୟନ୍ତ ଅପେକ୍ଷିତ କରୁଅଛି ଏପରି ଅବସ୍ଥାରେ ବାରମ୍ବାର ଉକ୍ତ ବଡ଼ବଜାରର ଦୋକାନୀମାନଙ୍କର ଦୋକାନର ଘର ଭାଙ୍ଗି ଚୋରମାନେ ଚୋରି କରୁଅଛି ଏହା ଅଶ୍ଚର୍ଯ୍ୟର ବିଷୟ । କେତେ ଥର ଚୋର ମଧ୍ୟରୁ କେବଳ କେହିଁ ଥରେ ତରୁଙ୍କ ଏକ ବଙ୍ଗାଳୀ ଲୁଗା ଦୋକାନର ପାଖ ନଗଦ ଟ ୧୦୦ ଙ୍କା ଓ କେତେକ ଟଙ୍କାର ଲୁଗାଥାନ ଚୋର ମାମଲାରେ ଯାଜପୁର ଥାନାର ହେଡ଼କନଷ୍ଟବଲ ଶେଖ ସରଫାସ ନାମକ ଏକ ଦାଗୀକୁ ଚାଲାଣ ଦେଇଅଛନ୍ତି କେବେ ଓ କଟକୋଣା ଲୁଗା ବ୍ୟତୀତ କୌଣସି ମାଲ ଅବଧି ମିଳି ନାହିଁ ।

ଅଳ୍ପକାଳ ଟଙ୍କାରେ ମୋଟ ଚାଉଳ ସେ ୧୪ ଲ, ସରୁ ସେ ୧୦ ଲ, ମୁଗ ସେ ୧୩ ଲ, ମୁଗ ସେ ୧୦ ଲ ଓ ବିରି ସେ ୧୧ ଲ ହିସାବରେ ଏଠାରେ ଜାରରେ ବିକ୍ରୀ ହେଉଅଛି ।

## ମୁସୁଷସମ୍ବାଦ ।

ଏ ନଗର କାଟେଜିସାହିରେ ଜଣେ ସ୍ତ୍ରୀ ଅପଣାର ଦାଦଶ-ବର୍ଷୀୟା ପୁତ୍ରବଧୂର ଦେହ କେଳେସିନ ତେଲରେ ଏବ ଚଉଗାଲିହାରେ ପୋଡ଼ିଦେବାରୁ ପୁଲିସ ସମ୍ବାଦ ପାଇ ବଧୂକୁ ତତ୍କ୍ଷଣାତ୍ ଡାକ୍ତରଖାନାକୁ ପଠାଇ ତାହାର ଶାଶୁ ଓ ନଣନ୍ଦ ଉଭୟଙ୍କୁ ଗ୍ରେପ୍ତାର କରିବାରୁ ସେମାନେ କଟକମ୍ୟାଜି ଷ୍ଟ୍ରେଟଙ୍କ ଜାମିନରେ ଛୁଟି ପାଇଅଛନ୍ତି । ବାଳିକାର ଫଳ ପରେ ଜଣାଯିବ । କାଲର ପ୍ରଭାବରୁ ଏପରି ଘୋର ପୈଶାଚିକ ବ୍ୟବହାର ଅବତାର ହୋଇ ଉଠୁଛି କିମ୍ବା !

ଗତ ତା ୨ ଦିନରେ ଜଗତସିଂହପୁର ସାହିରେ କୋଷ୍ଟାଏ କେଶମା ସ୍ୱଦକୁ ଠିକ ମଧ୍ୟାହ୍ନ ସମୟରେ ଅଗ୍ନି ଲାଗି ପ୍ରାୟ ଘ ୧ ଣ୍ଟା ମଧ୍ୟରେ ବ ୩୦ ଖଣ୍ଡ ଘର ଭସ୍ମୀଭୂତ ହୋଇଗଲା । ପୁଲିସ ଓ ପଡ଼ୋଶିଙ୍କ ସାହାଯ୍ୟରେ ତତ୍ପରତା ଅନେକ ରକ୍ଷା ପାଇଅଛି । ଶୁଣାଯାଏ ସେହି ବେଶ୍ୟା ତାଙ୍କୁ କୁଳୀନପରେ ବଢ଼ାଏ ବାଠ ଭଙ୍ଗି ଗୃହସ୍ଥ ଗୃହରେ ଅଗ୍ନି ଲାଗାଇ ଏ ଦୁର୍ଘଟଣା ହୋଇଲା ।

ଶୀତ କ୍ରମଶଃ ଦିନକୁ ଦିନ ବୃଦ୍ଧି ପାଉଅଛି । ସେମାନଙ୍କ ମତରେ ଶୀତ ବେଶି ହେବା ବାଞ୍ଛନୀୟ । କାରଣ ଶୀତ ବୃଷ୍ଟି ହେଲେ ରବି ଫସଲ ସମସ୍ତ ନଷ୍ଟ ହୁଏ ।

ସ୍ୱାସ୍ଥ୍ୟ କ୍ରମଶଃ ଭଲ ହେଉଅଛି । କର୍ତ୍ତୃମାନ ଏଠାରେ ନୂଆଗଡ଼ର ଟଙ୍କାରେ ସେ ୩ ଦିଅ ଲୁଣରେ ଘୀ ୫ ଣ ଲେଖାଏଁ ସର୍ବସାଧାରଣଙ୍କୁ ମିଳୁଅଛି । ସମସ୍ତେ, ଘୀ ୫ ଟ ଲେଖାଏଁ ମିଳୁଥିବାର ଶୁଣାଯାଏ । ମାତ୍ର ତାହା ସମସ୍ତଙ୍କର ସୁଲଭ ନୁହେ । ଉତ୍ତମ କି ହେବ ତାହା ପରମେଶ୍ୱରଙ୍କୁ ଜଣା ।

ରେଲଦେବୁ ସ୍ଥିମାରର ଅସ୍ୱ ସ୍ୱପ୍ନଜବାରୁ ଜଗଦ ସ୍ଥିମାର କେଶାଙ୍କ ଏଠାରେ ଅକ୍ରୁ ୧ ୨ ପ୍ରାକ ହେଲ କୋଷ୍ଟାଏ ଅଫିସ ଖୋଲିଅଛନ୍ତି ।

## ବାମଣ୍ଡାସମ୍ବାଦ ।

ବାମଣ୍ଡାର ସୁବିଜ୍ଞ, "ଅଳଙ୍କାର ସାର" ପ୍ରଣେତା ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ଦେବ ମହୋଦୟ ଏସିଷ୍ଟାଣ୍ଟ କୋଷାଇଁ ଷ୍ଟଲ ମେମ୍ବରପଦରେ ବରୀତ ହୋଇଥିବା ଉତ୍କଳପକ୍ଷରେ ଗୌରବର ବିଷୟ ।

ବାମଣ୍ଡାଧୀଶ୍ୱର ମହୋଦୟ ଦେଉଙ୍କରଙ୍କୁ ମୁଦ୍ରା ବ୍ୟୟରେ ଘଣାଇଥିବା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସ୍ଥିର, ଉପଗ୍ରହାଦି ସ୍ପଷ୍ଟରୂପେ ଦେଖାଯାଉଅଛି ।

ବାମଣ୍ଡାରେ ଏବର୍ଷ କୃଷି ଭଲହୋଇ ନ ଥିବାରୁ ମହାରାଜା ବାହାଦୂର ୨୫ ହଜାର ଟଙ୍କା ଖଜଣା ଛାଡ଼ ଦେବା ଏବ ୧୦।୧୫ ହଜାର ଟଙ୍କା ବ୍ୟୟରେ ବନ୍ଧ, ପୁଷ୍କରିଣୀ ପ୍ରଭୃତି ଖୋଲାଇବା, ଅନ୍ନକଷ୍ଟ ନିବାରଣାର୍ଥ ୨।୩ ହଜାର ପ୍ରଜାଙ୍କୁ ଧାନ ପ୍ରସ୍ତୁତ କରିବାର ସ୍ଥିର କରି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

ବାବୁ ନରସିଂହନାଥ ଦାସ ଟ୍ରେଟ ସୁପରିଣ୍ଟେଣ୍ଡେଣ୍ଟ ଜଣେ ଗୋଡ଼ିଅକୁ ବଳୟରେ ଉପଢ ଦେବା ଅପରାଧରେ ୧୦ ଟଙ୍କା, ଘଟାଙ୍କରେ କର୍ମାଳାଚିଥିବା ଅପରାଧରେ ୧୦ ଟଙ୍କା ଜରିମାନା କରି କେତେ ନୂତନ କାର୍ଯ୍ୟ କରିଥିବା, ତାହିଁର ଏଲଲ ସ୍ଥଳଷରବାରଙ୍କ ଦେଇ ନ ଥିବା, ଏବ ସବର୍ଣ୍ଣନି କାର୍ଯ୍ୟ ଅନେକର ସହିତ କରୁଥିବାରୁ କାରଣରୁ ତାହାଙ୍କୁ ପଦତ୍ୟାଗ କରିବା ସକାଶେ ବାଧ୍ୟ କରାଯାଇଅଛି ।

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ବିଦାଲଗୁଣବରେଷୁ

ମହାଶୟ !

ଗତ ନବେମ୍ବର ମାସ ତା ୧୧ ରଖ ପତ୍ରିକାରେ "ଅର୍ଥନୀତି ସମାଜ ବର୍ତ୍ତିତ ସ୍ତ୍ରୀଜାତିର ବ୍ୟବସ୍ଥା ପାଠ ନାହିଁ ସମ୍ବନ୍ଧରେ କିଛି ଲେଖି ଶାନ୍ତ ହୋଇ ପାରିଲୁ ନାହିଁ । ଅତଏବ ଆପଣ ଏହି ପତ୍ରଖଣ୍ଡି ଅନୁଗ୍ରହ ପୂର୍ବକ ପତ୍ରିକାସ୍ଥ କରି ବାଧିତ କରିବା ହେବେ ।

ଶୂଦ୍ରମାନଙ୍କର ପୁରାଣ ପାଠ କରିବାରେ ଦୁଇଗୋଟି ବାକ୍ୟ ପ୍ରମାଣ ସ୍ୱରୂପ ସମାଜ ବର୍ତ୍ତିତ ଲିଖିତ ହୋଇଅଛି । ଏକଗୋଟି କାଳୀକ ସମାପ୍ତରୁ ଅପରଟି ପଣ୍ଡିତସଙ୍ଘରୁ ଉଦ୍ଧୃତ । କାଳୀକ ସମାପ୍ତ ଅନବାକ୍ୟ ସ୍ୱରୂପ, ସୁତରାଂ ବ୍ୟାସ ମହାଭାରତାଦି ପ୍ରମାଣ ଖଣ୍ଡିତ ହୋଇ ପାରେ କି ? ଆଉ ପଣ୍ଡିତସଙ୍ଘରୁ ଯେଉଁ ପ୍ରମାଣଟି ଦିଆ ଯାଇଅଛି ତାହା କେଉଁ ପୁରାଣ ବା ସ୍ମୃତିର ମୂଳ ବଚନ ଏହା ଲେଖା ନ ଥିବାରୁ କପୋଳକଳ୍ପିତ ବୋଲି ପ୍ରତିପନ୍ନ ହୋଇପାରେ ।

ସେ ଯାହାହେଉ ଶୂଦ୍ରମାନେ ଶ୍ରୀମଦ୍ଭାଗବତ ଓ ବିଷ୍ଣୁସହସ୍ରନାମ କିମ୍ବା ପୁରାଣାଦି ପାଠ କରି ପାରନ୍ତି କି ନା ? ସେ ବିଷୟରେ ପ୍ରମାଣମାନ ସେହିସବୁ ଗ୍ରନ୍ଥରେ ଦେଖାଯାଉଥିବା ସ୍ଥଳେ ଅନ୍ୟ ଗ୍ରନ୍ଥରୁ ଟଣାଟଣି କରି ବିଷୟର ବିଚାର କରିବାକୁ ମନ ମାନିଲା ନାହିଁ । " ଉକ୍ତ ଗ୍ରନ୍ଥମୂଳରେ ମନ୍ତ୍ର ଥିବା ପ୍ରତ୍ୟେକ ପଦକୁ ମନ୍ତ୍ର ବୋଲିବାକୁ ଭଗବାନ ଲିଖିତ ପ୍ରମାଣ ଦୁଇଗୋଟି ହୋଇଅଛି । ଯଥା "ସଦ୍ୟଃକ୍ଷେ ମଧୁରନେନ କିମର୍ଥଂ ପର୍ବତଂ ବ୍ରଜେତ୍, ଇତି ।—ଅନ୍ତେ ଇତି ଲିଖ୍ୟ ଲୁହରେ । ଶୂଦ୍ରାଧିକାରେ ଶ୍ରୀମଦ୍ଭାଗବତରେ ଦ୍ୱାଦଶସ୍କନ୍ଧେ ଯଥା—

୧ । ବିପ୍ରୋଽଧୀତ୍ୟାପ୍ନୁୟାତ୍ ପ୍ରଜ୍ଞାଂ ରାଜନ୍ୟୋ-ଦଧିମେଖଲାଂ । ବୈଶ୍ୟୋ ନିଧିପତିତ୍ୱଂ ଚ ଶୂଦ୍ରଃ ଶୁଦ୍ଧ୍ୟେତ ପାତକାତ୍ । ଇତି ।

ଏହି ବାକ୍ୟରୁ ପ୍ରତିପନ୍ନ ହେଉଅଛି ଯେ ବ୍ରାହ୍ମଣ ପ୍ରଭୃତି ଚତୁର୍ବର୍ଣ୍ଣର ଶ୍ରୀ ଭାଗବତ ପାଠରେ ସମାନ ଅଧିକାର ଅଛି ।

ମହାଭାରତୀୟ ବିଷ୍ଣୁସହସ୍ରନାମ ସ୍ତୋତ୍ରର ଫଲ ଶ୍ରୁତିରେ ଦେଖ ।

୨ । ଶୂଦ୍ରଃ ସୁଖମବାପ୍ନୁୟାତ୍ । ଇତି ଶୂଦ୍ର ପାଠ କଲେ ସୁଖଲାଭ କରେ ।

୩ । ଶ୍ରୀ ପଦ୍ମପୁରାଣ ଉତ୍ତରଖଣ୍ଡ ୪୬ ଅଧ୍ୟାୟ ଦେଖ ; ଶ୍ରୀ ମହାଦେବ ଉବାଚ । " ବ୍ରାହ୍ମଣ କ୍ଷତ୍ରିୟା ବାପି ବୈଶ୍ୟା ବା ଜାତୟୋଽପରେ । ଶୂଦ୍ରା ବାପି ଚ ଯେଷେଣ ପଠନ୍ତ୍ୟନୁଦିନଂ ଯଦି । ଧନ ଧାନ୍ୟସମାଯୁକ୍ତା ଯାନ୍ତି ବିଷ୍ଣୋଃ ପରଂପଦଂ । ଇତି

ଲିଖିତ ବାକ୍ୟମାନଙ୍କରୁ ପ୍ରମାଣିତ ହେଉଅଛି ଯେ ମହାଭାରତୀୟ ଭଗବଦ୍ଗୀତା ଓ ଶ୍ରୀ ମଦ୍ଭାଗବତ ପ୍ରଭୃତି ମୂଳ ସଂସ୍କୃତ ପୁରାଣମାନ ପାଠ କରିବା ବିଷୟରେ ଶୂଦ୍ରମାନଙ୍କର ବରାବର ନିରବଚ୍ଛିନ୍ନ ଅଧିକାର ଅଛି ।

ଶାସ୍ତ୍ରୀୟ ପ୍ରମାଣ ଛଡ଼ା ଦୃଷ୍ଟାନ୍ତର ଅଛି କି ନା ତାହା ମଧ୍ୟ ଦେଖିବାକୁ ହେବ ।

୪ । ଦେଖ ଯେ ମହାନୁଭବ ଶ୍ରୀ ଶ୍ରୀଧରସ୍ୱାମୀଙ୍କ ସନ୍ଦୋହଦଗ୍ଧ ଟୀକାକାର ଶ୍ରୀମଦ୍ଭାଗବତର ଗ୍ରନ୍ଥ ଭାବାର୍ଥ ଟୀକା ସହ ମୁଦ୍ରିତ କରାଇ ନାଉ ଜାତିବିଶେଷରେ ( ଅର୍ଥାତ୍ ଶୂଦ୍ରମାନଙ୍କ ମଧ୍ୟ ) ବିତରଣ କରିଥିବା କଥା କାହାରିକି ଅବିଦିତ ନାହିଁ ଉକ୍ତ ମହାରାଜ ନିଜେ ପଣ୍ଡିତ ଓ ତାହାଙ୍କ ସଭାରେ ଅନେକ ପଣ୍ଡିତ ଅଛନ୍ତି ଶୂଦ୍ରମାନଙ୍କର ଅନଧିକାରିତା ସିଦ୍ଧାନ୍ତିତ ହୋଇଥିଲେ ସେମାନଙ୍କୁ ଗ୍ରାହକ ଶ୍ରେଣୀରୁ ବହିଷ୍କୃତ କରିଥାନ୍ତେ ।

୫ । ଅଧୁନା ଦେଖ ନବାବ୍ୟଷ୍ଟାବର ଶ୍ରୀ ବହାଦ୍ର ଲାଲ ପଣ୍ଡିତ ମହାଶୟ ଶ୍ରୀ ଭଗବଦ୍ଗୀତା ଉତ୍କଳାକ୍ଷରରେ ମୁଦ୍ରିତ କରାଇ ଶୂଦ୍ରମାନଙ୍କୁ ମୁଫତ ପ୍ରଦାନ କରିଅଛନ୍ତି ।

୬ । ପରିଶେଷରେ ବକ୍ତବ୍ୟ ଏହି ଯେ ଅଷ୍ଟାଦଶ ପୁରାଣର ବକ୍ତା ସୂତ ପୌରାଣିକ ଅଟନ୍ତି । ଏବଂ ଶୌନକାଦି ଋଷିମାନେ ଶ୍ରୋତା ହୋଇଥିଲେ । ପୁଣି ସ୍ୱୟଂ ଶୂଦ୍ରଜାତୀୟ ଥିବା ସ୍ଥଳେ ସେ କିପରି ପୌରାଣିକ ପଦ ପାଇଲେ ଏବଂ ଶୌନକାଦି ଋଷିମାନେ ବା କିପରି ଶୁଣିଲେ ଉକ୍ତ ବିଷୟର ମୀମାଂସାମାନ ଉପରୋକ୍ତ ସମାଜ କିପରି ବ୍ୟବସ୍ଥା ସ୍ଥିର କରିବେ ତାହା ଜାଣିବାକୁ ଅମ୍ଭେମାନେ ଅପେକ୍ଷିତ ଅଛୁଁ ।

ବିସ୍ତରଭୟାତ୍ ବିରମ୍ୟତେ । ଇତି

ପୁରୀ
୨୬।୧୨।୯୯

ଆପଣଙ୍କ
ଆଜ୍ଞାବହ
ଶ୍ରୀ ଅନନ୍ତଚରଣ ମହାନ୍ତି
ବୈଷ୍ଣବଦାସ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ରଘୁନାଥ ନ ପ୍ରଭ | | ୫ ୧୫ |
| „ ଭଗବାନ ସିଂହ | ଜଗପୁର | ୫ ୩୧ |
| ଶ୍ରୀ ବି ସଭା ଚ । ଖଣ୍ଡକୋଣ | | ୫ ୩୧ |
| ଶ୍ରୀ ବାବୁ ରାଜବନ୍ଧୁ ସାହୁ | କୋଟ | ୫ ୨୮ |
| „ ଜଗବନ୍ଧୁ ସାମନ୍ତ | କଟକିଆ | ୫ ୩୧ |
| „ ଗୋବିନ୍ଦ ଚ ମହାନ୍ତି | ରଣପୁର | ୫ ୩୧ |
| „ ଉତ୍ସବାନନ୍ଦ ଦାସ | ନନ୍ଦିକିଶୋର | ୫ ୩୧ |
| „ ଶ୍ରୀକୃଷ୍ଣ ସେଠି | ମାଣ୍ଡା | ୫ ୩୧ |

## ବିଜ୍ଞାପନ ।

### ନୂତନ ଓଡ଼ିଆ ନାଟକ ।

ଶୀତାରଙ୍ଗ ନାଟକ ।

ଶ୍ରୀ ରାମଶଙ୍କର ରାୟ ବି, ଏ, ଙ୍କଦ୍ୱାରା ରଚିତ, ଶ୍ରୀ ଭିକାରୀ ଚରଣ ଏମ୍, ଏ, ଙ୍କଦ୍ୱାରା ପ୍ରକାଶିତ ମନୋହର ନାଟକ । ଗୀତ ଅଧିକାଂଶ ଏକତ୍ର ରାଗିଣୀ—ବଙ୍ଗଳା ରାଗିଣୀ । ଅଭିନୟୋପଯୋଗୀ ଗ୍ରନ୍ଥ । ପଢ଼ିବାକୁ ଉପନ୍ୟାସଠାରୁ ଅଧିକ ଆମୋଦପ୍ରଦ । ସୁନ୍ଦର ମଲାଟ ବନ୍ଧା, ମୂଲ୍ୟ ଟ ୦୧୦

ବଟଗଛର ଉତ୍ତର ଷ୍ଟଣ୍ଡ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

I. G. N. & Ry. Co.
&
Messrs MACNEILL & Co.

### Steamer Notice.

The steamers leave Cuttack for Chandballi and Calcutta on every Sunday, Wednesday and Friday at 9 A. M.

ରବିବାର ବାରରେ ଚନ୍ଦବାଲି ଯିବାର ଷ୍ଟିମର ରବିବାର, ବୁଧବାର ଏବଂ ଶୁକ୍ରବାର ଦିନ ସ ୯ ଘଣ୍ଟା ସମୟରେ ଛାଡ଼େ । କଟକଠାରୁ ଚନ୍ଦବାଲି ଯିବାର ଏବଂ ଚନ୍ଦବାଲିଠାରୁ ଫେରିଆସିବାର ତୃତୀୟ ଶ୍ରେଣୀର ଭଡ଼ା ଟ ୧୧/

ପ୍ରକାଶଥାଉକି ପୁରୀ ଜଗନ୍ନାଥ ଦର୍ଶନରେ ଯିବା ଲୋକ କମ୍ପାନୀର ଟିକଟ ଅଫିସ ଖୋଲା ହୋଇଅଛି ସେଠାରେ ଟିକଟ ନେଇ ଆସିଲେ ଏହି ବାଉବୋଟରେ ଯାଇପାରିବ ।

Cuttack,
The 11th Decr. '99.

H. J. BELL,
*Joint Agent,*

Wanted immediately two experienced Surveyors on a salary of Rs 30 per month for surveying the Bouli irrigation bundhs in Angul. Preference will be given to those having experience in surveying and levelling irrigation projects.

Angul District
Engineer's office
Camp Cuttack
22—12—99.

B. C. Majumdar,
*District Engineer,*
ANGUL.

Split by PDF Splitter

Digitized by srujanika@gmail.com

Split by PDF Splitter

429



Wanted an Overseer for the Dhenkanal Public Works Department on a salary of Rs. 50 with a fixed travelling allowance of Rs. 15 per month. Preference will be given to a passed Overseer of the Sheebpur C. E. College with experience in road and building works.

Application will be received by the undersigned up to 15th January, 1900.

Angul District Engineer's office Camp Cuttack 22—12—99.

B. C. Majumdar,
District Engineer,
ANGUL.

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ଭଦ୍ରୋଖ, ଯାଜପୁର ଓ କାନ୍ତି ଥାନା ମଧ୍ୟସ୍ଥିତ କାଞ୍ଜିହାଉସ (ପାଉଣ୍ଡ) ସନ ୧୮୯୯ ମସିହା ଜାନୁୟାରୀ ମାସ ତା ୧ ରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ୨ ବର୍ଷ ୩ ମାସ ନିମନ୍ତେ ସନ ୧୮୯୯ ମସିହା ଡିସମ୍ବର ମାସ ତା ୩୦ ରିଖ । ମୁ । ୧୩୦୭ ସାଲ ପୌଷ ମାସ ୧୭ ତାରିଖ ଶନିବାର ଦିବା ୧୧ ଘଣ୍ଟା ସମୟରେ କଟକ ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ସାହାବଙ୍କ ହଜୁରରେ ଉକ୍ତ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ ହୋଇବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣା ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଦିବସ ଉପରଲିଖିତ ନିରୂପିତ ସମୟରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ମାରିପାରିବେ । ଯାହାଙ୍କ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ଡାକ ଶେଷ ହେଲାକ୍ଷଣି ଚତୁର୍ଥାଂଶ ଜାମିନ ସ୍ୱରୂପ ଅଗ୍ରିମ ଦେବେ ଓ ବାକି ଟଙ୍କା ନିୟମାନୁସାରେ ଦାଖଲ କରିବାକୁ ... ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ... ମାତ୍ରେ ଦାଖଲ ନ ହେଲେ ... ଓ ପୁନର୍ବାର ... ପ୍ରଥମ ଡାକ ... ଅଗ୍ରଗାମୀ ହେବାକୁ ହେବ ନ ହେଲେ ତାହାଙ୍କ ଯେ ସତ୍ତ୍ୱ ହେବ ତାହା ନିଲାମଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଖାତମନ୍ତେ କବୁଲିୟତ ଲେଖି ଦେଇ ରେଜିଷ୍ଟ୍ରି କରି ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ-ବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରନ୍ତି ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦ୍ଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଡାକ ଉପାନ୍ତ ଜବତ କରାଯିବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ଖାସ ବନ୍ଦୀ କରାଯିବ ।

ଥାନା କଟକ

| | |
|---|---|
| ୧ । ବାଲିବାଗୀ | ୨ । ତେଲଙ୍ଗାପେଣ୍ଠ |
| ୩ । ବାରଙ୍ଗ | ୪ । ପାଠପୁର |

ଥାନା କାନ୍ତି

| | |
|---|---|
| ୧ । ଜଟଣୀ | ୨ । ଭୁଲସୀପଦା |
| ୩ । ପଟ୍ଟିଅପଡ଼ା | ୪ । ବଳାପଥର |
| ୫ । ବୈଦ୍ୟେଶ୍ୱର | ୬ । ଷୋଳପୁର |

ଥାନା ଯାଜପୁର

| | |
|---|---|
| ୧ । ବଣକାଠପୁର | ୨ । ଗୌଦା |
| ୩ । ଜେନୋଲ | ୪ । ଜଗପଥଙ୍କ |

ଥାନା ଜଗତ୍‌ସିଂହପୁର

| | |
|---|---|
| ୧ । ବାଲିଆ | ୨ । ଦଶାଗ୍ରିଆଡ଼ି |
| ୩ । ଜଗତ୍‌ସିଂହପୁର | ୪ । ଜସର୍ଡ଼ା |
| ୫ । ଶ୍ରୀହିରେଲ (ବୋଗଙ୍ଗ) | ୬ । ନଥଳୀ |
| ୭ । ମାଧବ | ୮ । କଛିପୁର |
| ୯ । ପ୍ରତୁବଣି | ୧୦ । ରତ୍ନାଥପଲ |

ଥାନା ଭଦ୍ରୋଖ

| | |
|---|---|
| ୧ । ଶ୍ରୀଜତ ଜୟପୁର | ୨ । ଭଟ୍ଟକପୁର |
| ୩ । ନମ୍ବାପଟଣା | ୪ । ପଳପାଲ |

Chairman.

## ବିଜ୍ଞାପନ ।

### ଉତ୍କଳ ଉଦ୍ୟୋଗିସମିତିର ଭଣ୍ଡାର
### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପର୍ଯ୍ୟସ୍ତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ଇତ୍ୟାଦିଠାରୁ କ୍ରେତାମାନଙ୍କ ରକ୍ଷା କରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଉଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ଚନ୍ଦ୍ରଭିଂ, ଚନ୍ଦ୍ରକୋଣା, ଫରାସଡ଼ଙ୍ଗା, ଧାକଡ଼ା ଓ ଶାନ୍ତିପୁରୀ ଧୁତି ଚଦର ଓ ଶାଢ଼ି; ଭିନ୍ନ ସ୍ଥାନର ଚଦର, ଗରଦ, ବସ୍ତ୍ର; ନାନା ରକମର ପଶମି ଲୁଗା; ବୋମ୍ବାଇ, ମାଦ୍ରାଜ, ନାଗପୁର, ଅହ୍ମଦାବାଦ ଓ କାନପୁର ପ୍ରଭୃତି କଳର ଧୋତି ଚଦର ଲଂକ୍ଲଥ ଛିଟ ମୋଜା; ଉଓଲସ୍ତା ଖୋଡ଼ନ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ଇରେଜର, ବ୍ରସ, ଘଣ୍ଟା, ଷ୍ଟିଲ ପେନ, ନିବ ପ୍ରଭୃତି, ସର୍ବପ୍ରକାର ଉତ୍କୃଷ୍ଟ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ଔଷଧ ସୁଗନ୍ଧ ତେଲ ଓ ସୁଗନ୍ଧ ପାଣି; ବାରଲି, ଆରାରୁଟ, ସାଗୁ ପ୍ରଭୃତି ରୋଗୀମାନଙ୍କର ଉପଯୁକ୍ତ ପଥ୍ୟ; କଟକର ବିଖ୍ୟାତ ଟିଙ୍କର ଛଡ଼ି, ଫରୁଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କଟକ ଷ୍ଟେସନ ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

### ନୂତନ ଆମଦାନୀ
### ନାନାବିଧ ଶୀତବସ୍ତ୍ର ।

Digitized by srujanika@gmail.com

Split by PDF Splitter

130




## ବିଜ୍ଞାପନ ।

ମହାନାଟକ ( ୨୧୫ ଶ୍ଳୋକ ଏବଂ ଗଦ୍ୟ )

| | | |
|---|---|---|
| ଏକତ୍ରେ | ମୂଲ୍ୟ | ଟ ୦ ।/ |
| ଅନୁଗୀତା | „ | ଟ ୦ ୶ |
| ଅବଧୂତଙ୍କର ଗୀତା | „ | ଟ ୦ ୶ |
| ପ୍ରେମସୁଧା ତତ୍ତ୍ୱ | „ | ଟ ୦ ।/ |
| ମହାବାକ୍ୟ ତତ୍ତ୍ୱଦଶା | „ | ଟ ୦ / |

କଟକ ଶ୍ରୀ ରାମଚନ୍ଦ୍ର ସାହାଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ଗୋବିନ୍ଦ ଦାସଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ପତ୍ର ପଠାଇବାମାତ୍ରେ ଭିପିରେ ପଠାଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୋବିନ୍ଦଚନ୍ଦ୍ର ସାହୁ ।
ଷ୍ଟେସନେଟଶ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏଜେଣ୍ଟ ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ମିଳିବାର ନାନାସ୍ଥାନର ଗ୍ରାହକମାନଙ୍କୁ ବିଶ୍ୱସ୍ତଭାବରେ ଜଣାଇବା ମାତ୍ର ଯୋଗାଇ ଦେଉଅଛୁଁ । ଆସାମ, ଚଟ୍ଟଗ୍ରାମ, ଅଠମଲ୍ଲିକ, ସମ୍ବଲପୁର, ସରାଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ବିକ୍ରି କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଜୋଡ଼ି, ଚେଲୀ, କିଂଖାପ, କାସ୍ତା ସାଢ଼ୀ ଦୋପଟ୍ଟା ମଖମଲ, ଶିଲକର ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉଚିତ ଉତ୍ତମ ଅଗସ୍ତ ସ୍ତିରି ଛିଟ ସୁନା ରୂପାର ବାସନ, ଗ୍ରାହକ ମାନଙ୍କର ଫରମାଇସ ଅନୁସାରେ ପ୍ରସ୍ତୁତ କରାଇ ଦେଉଁ । ବିଶେଷ ଦେଖାଇବାକୁ ଆମ୍ଭମାନଙ୍କ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମୁକ କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତାହାର ମାନେ ଲଗାଯାଇପାରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଅଳ୍ପ ପତ୍ରରେ ଆମ୍ଭର ହସ୍ତଗତ ହେବ ।

ରେଲୱେ ଏବଂ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରାଇ ନିଆଯାଏ ।

ଶ୍ରୀ ପାଲଧାରୀ ଲୋକନାଥ
ଭୂତିଗଲ ଫାଟକ ବନାରସ ସିଟି


## ବିଜ୍ଞାପନ ।

ଗତ ସନ ଗତ ଅଗଷ୍ଟମାସର କାଯସ୍ଥ ସଭାର ସାଧାରଣ ଅଧିବେଶନରେ ଧାର୍ଯ୍ୟ ହୋଇଥିବା ଅନୁସାରେ ଏତଦ୍ୱାରା ଜଣାଇ ଦିଆ ଯାଉଅଛି କି ଉକ୍ତ ସଭାର କାର୍ଯ୍ୟ ନିର୍ବାହ ସମିତି ଉତ୍କଳ ଦେଶସ୍ଥ ପାଞ୍ଚକୋଟି ଅସହାୟ ଦରିଦ୍ର ବୃତ୍ତିକାମୁସ୍ତ ବାଳକର ଶିକ୍ଷା ଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁ ବାଳକମାନେ ଉପରୋକ୍ତ ସଭାର ସାହାଯ୍ୟରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ବା ସେମାନଙ୍କ ଅଭିଭାବକଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଜାନୁୟାରୀ ମାସ ତା ୩୧ ରିଖ ମଧ୍ୟରେ ନିମ୍ନଲିଖିତ ଫାରମରେ ଓ ଦୁଇଜଣ ଜ୍ଞାତିଭାଇ କାଯସ୍ଥଙ୍କର ଦସ୍ତଖତ ସହିତ ବିଷୟମାନ ପ୍ରକୃତ ଥିବାର ଓ ଆଚରଣ ସମ୍ବନ୍ଧେ ସାର୍ଟିଫିକେଟ ସହିତ ଆବେଦନ କରିବେ ।

| ୧ | ୨ | ୩ |
|---|---|---|
| ବାଳକର ନାମ, ବାସସ୍ଥାନ ଓ ବୟସ | ପିତାର ନାମ ଓ ସଂସାର ଅବସ୍ଥା ଓ ପିତା ଉପରେ ଅନ୍ୟ ମୂର୍ତ୍ତ, ଉପରେ ଅନ୍ୟ ଶାସନ ବାଂଧବାଦ୍ୟ | ବର୍ତ୍ତମାନ ପଢ଼ିବାର ସ୍କୁଲର ନାମ ଓ କ୍ଳାସ୍ |
| ୪ | ୫ | ୬ |
| ଅଭିଭାବକ ଦ୍ୱାରା ବାଳକର ଓ ସର୍ତ୍ତ | ବ ଜୀବନରେ ପିତା ବା ଅଭିଭାବକ ନିଜ ଖର୍ଚ୍ଚରେ କେତେ ପାରିବେ | ବାଳକ କେତେ ଦୂର ଓ କେଉଁ ପାଠରେ ଶିକ୍ଷାଲାଭ କରୁଅଛି |

କଟକ ସାଲିକଦୋଷ ଡିଭ ଦାସ ତା ୨୦।୧୨।୯୯

ଶ୍ରୀ ଅଶ୍ୱିନୀକୁମାର ଘୋଷ
ସମ୍ପାଦକ, ଉତ୍କଳ ସମ୍ମିଳନୀ
କାଯସ୍ଥ ସଭା


## ନୂତନ ପୁସ୍ତକ ।

ଦୁର୍ଗାଚରଣ ଖୁଣ୍ଟିଆଙ୍କ
ରଚିତ

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବ ମୁଦ୍ରାଙ୍କନ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗେ ଟ ୧୨।/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨। |
| ୨ ସଭା ପର୍ବ | ଟ ୨। |
| ୩ ବନ ପର୍ବ | ଟ ୨। |
| ୪ ବିରାଟ ପର୍ବ | ଟ ୨। |
| ୫ ଉଦ୍ୟୋଗ ପର୍ବ | ଟ ୧। |
| ୬ ଭୀଷ୍ମ ପର୍ବ | ଟ ୧। |
| ୭ ଦ୍ରୋଣ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦। |
| ୧୦ ଶଲ୍ୟ ପର୍ବ | ଟ ୦ |
| ୧୧ ଗଦା ପର୍ବ | ଟ ୦। |
| ୧୨ ନାରୀକିଳି ବା ସୌପ୍ତିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୧ ୶ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦। |
| ୧୭ ମୂଷଳୀ ପର୍ବ | ଟ ୦।/ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ପୃଥକ ରୌପ୍ୟ ନିର୍ମିତ ଚିତ୍ରମାନ | ଟ ୨। |

ଗ୍ରାହକେ କଟକ ଅରୁଣୋଦୟ ଯନ୍ତ୍ରାଳୟ ସ୍ୱତ୍ୱାଧିକାରୀଙ୍କ ସମୀପରେ ତତ୍ତ୍ୱ ନେଇ ପାଇ ପାରିବେ ।


ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ନିମ୍ନଲିଖିତ ରୂପେ ଧାର୍ଯ୍ୟ କରାଯାଇଅଛି, ଯଥା;

ପ୍ରଥମଥର ସକାଶେ
ଆଡିଗାରୁ ଟ ୦ ୶
ଅଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ଯାହା କୌଣସି ବିଜ୍ଞାପନ ଯେତେ ଛୋଟ ହେଉ ତହିଁର ଖର୍ଚ୍ଚ ଟ ୦ ୧ ଠାରୁ ନ୍ୟୁନ ହେବ ନାହିଁ ।

ଦ୍ୱିତୀୟ ଓ ତତ୍ପରବର୍ତ୍ତୀ ଥର ସକାଶେ ଖର୍ଚ୍ଚ ଅଧିକ କେତେ ଓ ବୃତ୍ତାନ୍ତ ଯଥାକ୍ରମେ ଦେବ ।

ଅଗ୍ରିମ ଦରର ଅର୍ଦ୍ଧେକ ଗ୍ରହଣ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ

ଏହି ଉତ୍କଳଦୀପିକା କଟକ ... ମ୍ୟାନେଜର ... ଦ୍ୱାରା ... ଛାପା ହେଲା ।

Digitized by srujanika@gmail.com